CMYK

- Vol.- 45, Issue No. 332
- Friday, 6 March 2026
- ଶୁକ୍ରବାର, ୬ ମାର୍ଚ୍ଚ ୨୦୨୬
- Bhubaneswar
- Price: Rs. 2.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି

THE DINALIPI

- https://www.facebook.com/dinalipilive
- www.youtube.com/@dinalipilive
- https://www.dinalipi.com
- https://www.dinalipiepaper.com
- https://www.dinalipi.in
- twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com

# ରାଜ୍ୟସଭା: ୪ ଆସନ ପାଇଁ ୫ ପ୍ରାର୍ଥୀ

## ■ ମୋହନଙ୍କ ଉପସ୍ଥିତିରେ ନାମାଙ୍କନ ଦାଖଲ କଲେ ମନମୋହନ-ସୁଜିତ-ଦିଲ୍ଲୀପ
## ■ ନବୀନ-ଭକ୍ତଙ୍କ ଏକତ୍ର ଉପସ୍ଥିତି ■ ନାମାଙ୍କନ କଲେ ସଂତୃପ୍ତ ଓ ଡା.ଦଉେଶ୍ୱର

ଭୁବନେଶ୍ୱର,୫ ।୩: ଆସନ୍ତା ମାର୍ଚ୍ଚ ୧୬ରେ ହେବ ରାଜ୍ୟସଭା ନିର୍ବାଚନ । ଏ ପରିପ୍ରେକ୍ଷୀରେ ରାଜ୍ୟ ରାଜନୈତିକ ପାଣିପାଗ ବେଶ୍ ସରଗରମ ହୋଇଉଠିଛି । ଗୁରୁବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ ବିଜେପିର ଦୁଇ ପ୍ରାର୍ଥୀ ମନମୋହନ ସାମଲ ଓ ସୁଜିତ କୁମାରଙ୍କ ସହିତ ଦଳର ସମର୍ଥନରେ ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପ ରାୟ ଓଡ଼ିଶା ବିଧାନସଭାରେ ପହଞ୍ଚି ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ନାମାଙ୍କନ ପତ୍ର ଦାଖଲ ପୂର୍ବରୁ ବିଜେପିର ଦୁଇ ପ୍ରାର୍ଥୀ ଭୁବନେଶ୍ୱର ସ୍ଥିତ ରାମ ମନ୍ଦିରକୁ ଯାଇ ପ୍ରଭୁ ଶ୍ରୀରାମଙ୍କର ଆଶୀର୍ବାଦ ଗ୍ରହଣ କରିଥିଲେ । ପରେ ବିଜେପି ନେତା ଓ କର୍ମୀଙ୍କ ଗହଣରେ ଭବ୍ୟ ଶୋଭାଯାତ୍ରାରେ ଆସି ବିଧାନସଭାକୁ ଆସି ନାମାଙ୍କନ ଦାଖଲ କରିଥିଲେ । ଏହି ଅବସରରେ ବିଜେପିର ବହୁ ସଂଖ୍ୟକ ନେତା, ବିଧାୟକ ଓ କର୍ମୀମାନେ ଉପସ୍ଥିତ ଥିଲେ । ବିଜେପି ପକ୍ଷରୁ ରାଜ୍ୟ ସଭାପତି ମନମୋହନ ସାମଲ ଓ ବର୍ତ୍ତମାନର ରାଜ୍ୟସଭା ସଦସ୍ୟ ସୁଜିତ କୁମାରଙ୍କୁ ପ୍ରାର୍ଥୀ



କରାଯାଇଛି । ଏହା ସହ ଦଳର ସମର୍ଥନରେ ସ୍ୱାଧୀନ ପ୍ରାର୍ଥୀ ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲୀପ ରାୟ ମଧ୍ୟ ମୈଦାନରେ ଅଛନ୍ତି । ମନମୋହନ ସାମଲ ୨୦୦୦-୨୦୦୪ ପର୍ଯ୍ୟନ୍ତ ରାଜ୍ୟ ସଭାର ସଭ୍ୟ ଥିଲେ ଏବଂ ସୁଜିତ କୁମାରଙ୍କର ସଦସ୍ୟତା ଆସନ୍ତା ଏପ୍ରିଲ ୨ରେ ଶେଷ ହେବାକୁ ଯାଉଛି । ସେହିପରି ଦିଲ୍ଲୀପ ୨୦୦୦ ମସିହାରେ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଜିତି ରାଜ୍ୟସଭାକୁ ମନୋନୀତ ହୋଇଥିଲେ । ନାମାଙ୍କନ ଦାଖଲ ପରେ ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପ ରାୟ ଦୃଢ଼ୋକ୍ତି ପ୍ରକାଶ କରି କହିଛନ୍ତି, ୨୦୦୨ ମସିହାରେ ମୁଁ ଯେମିତି ସ୍ୱାଧୀନ ପ୍ରାର୍ଥୀ ଭାବେ ଜିତିଥିଲି, ଏଥର ମଧ୍ୟ ସେମିତି ଜିତିବି,' । ସେହିପରି ଏହା ପୂର୍ବରୁ ବିଜେଡି ପ୍ରାର୍ଥୀ ସଂତୃପ୍ତ ମିଶ୍ର ଓ ବିଜେଡି-କଂଗ୍ରେସ ସମର୍ଥିତ ପ୍ରାର୍ଥୀ ଡା.ଦଉେଶ୍ୱର ହୋତା ନାମାଙ୍କନ ଦାଖଲ କରିଥିଲେ । ବିଜେଡି ସୁପ୍ରିମୋ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଓ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଏକତ୍ର ଉପସ୍ଥିତିରେ ଡା.ଦଉେଶ୍ୱର ହୋତା ନାମାଙ୍କନ ଦାଖଲ କରିଥିଲେ ।

## ଟ୍ରମ୍ପ ଲୋଡ଼ିଲେ କୁର୍ଦ୍ଦ ସହାୟତା !

### 'ଖାମେନେଇଙ୍କ ପୁଅ ମୋର ଗ୍ରହଣୀୟ ନୁହେଁ'

ୱାଶିଂଟନ୍ ,୫ ।୩: ଜଣେ ଇରାକୀ କୁର୍ଦ୍ଦିଶ ଅଧିକାର ଓ ଅନ୍ୟ ଦୁଇ ଜଣଙ୍କ ସୂଚନା ଅନୁଯାୟୀ, ଟ୍ରମ୍ପ ପ୍ରଶାସନର ଅଧିକାରୀମାନେ ଉତ୍ତର ଇରାକ ଏବଂ ଉତ୍ତର-ପଶ୍ଚିମ ଇରାନର କୁର୍ଦ୍ଦିଶ ନେତାମାନଙ୍କ ସହିତ ଇରାନ ଶାସନ ବିରୋଧୀ ଗୋଷ୍ଠୀଗୁଡ଼ିକୁ ସମ୍ଭାବ୍ୟ ଅସ୍ତ୍ରଶସ୍ତ୍ର ପ୍ରଦାନ କରିବା ବିଷୟରେ ଆଲୋଚନା କରୁଛନ୍ତି । ସପ୍ତାହାନ୍ତରେ ଆରମ୍ଭ ହୋଇଥିବା ଇରାନ ଲକ୍ଷ୍ୟସ୍ଥଳ ଉପରେ ଆମେରିକାର ଆକ୍ରମଣ ପରେ ୱାଶିଂଟନ ତେହେରାନ ଉପରେ ଚାପ ବୃଦ୍ଧି କରିବାର ଉପାୟ ଖୋଜୁଥିବା ସମୟରେ ଏହି ଆଲୋଚନା ହେଉଛି । ରାଷ୍ଟ୍ରପତି ଟ୍ରମ୍ପ ଗୁରୁବାର ଇରାନର ପରବର୍ତ୍ତୀ ସୁପ୍ରିମ ଲିଡର ଚୟନ ନେଇ କହିଛନ୍ତି ଯେ, ଖାମେନେଇଙ୍କର ପୁଅ ପରବର୍ତ୍ତୀ ସୁପ୍ରିମ ଲିଡର ପଦ ପାଇଁ ମୋର ଗ୍ରହଣୀୟ ନୁହେଁ। ଆମେ ଏମିତି କିଛି ଚାହୁଁଛୁ , ଯିଏ ଇରାନରେ ଶାନ୍ତି ଓ ଏକତା ଆଣିବ। ମୋତେ ସେହି ଆପଏଣ୍ଟମେଣ୍ଟରେ ସାମିଲ ହେବାକୁ ପଡ଼ିବ, ଯେମିତି ଭେନେଜୁଏଲାରେ ଡେଲସି (ରୋଡ୍ରିଗେଜ)ଙ୍କ ସହ ହୋଇଥିଲା ।

# ଫାଇନାଲରେ ଭାରତ



ମୁମ୍ବାଇ,୫।୩: ଗୁରୁବାର ସଂଘର୍ଷପୂର୍ଣ୍ଣ, ହୃଦସ୍ପନ୍ଦନ ବଢାଇ ଦେଉଥିବା ମ୍ୟାଚରେ ବାଜି ମାରି ନେଇଛି ଭାରତ। ସଂଘର୍ଷପୂର୍ଣ୍ଣ ଦ୍ୱିତୀୟ ସେମି ଫାଇନାଲ୍ ମ୍ୟାଚରେ ଭାରତ ଇଂଲଣ୍ଡକୁ ୮ ରନରେ ହରାଇଛି। ବିଜୟ ସହ ଭାରତ ଟି-୨୦ ବିଶ୍ୱକପ୍ ୨୦୨୬ର ଫାଇନାଲରେ ପ୍ରବେଶ କରିଛି। ଜାକବ ବେଥେଲଙ୍କ ବିଧ୍ୱଂସୀ ଶତକୀୟ ଇନିଂସ ବୃଥା ହୋଇଛି। ବେଥେଲ ୧୦୫ ରନ କରିଥିଲେ ହେଁ ଭାରତ ମ୍ୟାଚକୁ ଜିତି ନେଇଛି। ଭାରତ ଦ୍ୱାରା ଧାର୍ଯ୍ୟ ୨୫୪ ରନର ବିଶାଳ ଲକ୍ଷ୍ୟକୁ ପିଛା କରି ଇଂଲଣ୍ଡ ଲଢୁଆ ପ୍ରଦର୍ଶନ କରି ୭ ୱିକେଟ୍ ହରାଇ ୨୪୬ ରନ କରିପାରିଛି। ଏଥିପୂର୍ବରୁ ସଞ୍ଜୁ ସାମସନଙ୍କ ଧୂଆଁଧାର ବ୍ୟାଟିଂ ବଳରେ ଟି-୨୦ ବିଶ୍ୱକପର ୨୦୨୬ର ଦ୍ୱିତୀୟ ସେମି ଫାଇନାଲରେ ଭାରତର ବିଶାଳ ସ୍କୋର ଛିଡ଼ା କରିଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୭ ୱିକେଟ୍ ହରାଇ ୨୫୩ ରନ କରିଥିଲା। ମ୍ୟାଚ୍ ଜିତିବା ପାଇଁ ଇଂଲଣ୍ଡ ସମ୍ମୁଖରେ ରହିଛି ୨୫୪ ରନର ବିଶାଳ ସ୍କୋର ଛିଡ଼ା କରିଥିଲା। ସଞ୍ଜୁ ୪୨ ବଲରୁ ୮୯ ରନ କରିଥିବା ବେଳେ ଶିବମ ଦୁବେ ୪୩ ରନ ଓ ଇଶାନ କିଶନ ୩୯ ରନ କରିଛନ୍ତି। ପ୍ରତିଥର ପରି ସେମି ଫାଇନାଲରେ ମଧ୍ୟ ଭାରତର ଆରମ୍ଭ ନିରାଶଜନକ ଥିଲା। ଅଭିଷେକ ଶର୍ମା ନିଜର ଖରାପ ଫର୍ମ ବଜାୟ ରଖି ୯ ରନ କରି ଆଉଟ୍ ହୋଇଥିଲେ। ହେଲେ ଏହା ପରେ ପଡ଼ିଆରେ ଆରମ୍ଭ ହୋଇଥିଲା ଚୌକା ଓ ଛକା ବର୍ଷା। ସଞ୍ଜୁ ସାମସନ ଓ ଇଶାନ କିଶନ ଇଂଲଣ୍ଡ ବୋଲରଙ୍କୁ ପ୍ରହାର କରିଥିଲେ। ଦୁହେଁ ଧୂଆଁଧାର ବ୍ୟାଟିଂ କରି ଦ୍ୱିତୀୟ ୱିକେଟ୍ ପାଇଁ ୯୭ ରନ ଯୋଡ଼ି ଭାରତ ପାଇଁ ବିଶାଳ ସ୍କୋରର ମୂଳଦୁଆ ପକାଇଥିଲେ। ଏହା ପରେ ସଞ୍ଜୁ କ୍ରମାଗତ ଦ୍ୱିତୀୟ ଅର୍ଦ୍ଧଶତକ ହାସଲ କରିଥିଲେ। ସଞ୍ଜୁ ଓ ଶିବମ ଦୁବେ ୪୩ ରନ ଯୋଡ଼ିଥିଲେ। ସଞ୍ଜୁ ୪୨ ବଲରୁ ୮ ଚୌକା ଓ ୭ ଛକା ସହ ୮୯ ରନର ଗୁରୁତ୍ୱପୂର୍ଣ୍ଣ ଇନିଂସ ଖେଳିଥିଲେ। ଏହା ପରେ ଶିବମ ଦୁବେ ମୋର୍ଚ୍ଚା ସମ୍ଭାଳିଥିଲେ। ସେ ଇଂରେଜ ବୋଲରଙ୍କୁ ପ୍ରହାର କରି ଦଳର ରନଗତିକୁ ବଜାୟ ରଖିଥିଲେ। ଅଧିନାୟକ ସୂର୍ଯ୍ୟକୁମାର ଯାଦବ(୧୧ ରନ) ନିରାଶ କରିଥିଲେ । ତେବେ ଶେଷ ଆଡ଼କୁ ଶିବମ ଦୁବେ ଦୁର୍ଭାଗ୍ୟବଶତଃ ରନ ଆଉଟ୍ ହୋଇଥିଲେ। ସେ ୨୫ ବଲରୁ ୧ ଚୌକା ଓ ୪ ଛକା ସହ ୪୩ ରନର ବିସ୍ଫୋରକ ଇନିଂସ ଖେଳିଥିଲେ। ଶେଷ ଓଭର ଗୁଡ଼ିକରେ କାମ କରିଥିଲେ ହାର୍ଦ୍ଦିକ ଓ ତିଳକ। ତିଳକ ବର୍ମା ଧୂଆଁଧାର ବ୍ୟାଟିଂ କରି ମାତ୍ର ୭ ବଲରୁ ୨୧ ରନ କରିଥିଲେ। ହାର୍ଦ୍ଦିକ ୧୨ ବଲରୁ ୨୭ ରନ କରିଥିଲେ। ଫଳରେ ଭାରତ ନିର୍ଦ୍ଧାରିତ ଓଭରରେ ୭ ୱିକେଟ୍ ହରାଇ ୨୫୩ ରନର ପାହାଡ଼ ଛିଡ଼ା କରିଥିଲା ।




CMYK

## ଭାରତୀୟ ସଂସ୍କୃତିରେ ନଦୀପୂଜା ପରମ୍ପରା

***ସନାତନ ଧର୍ମରେ ଷୋହଳ ସଂସ୍କାର ବେଶ୍ ମହତ୍ତ୍ୱପୂର୍ଣ୍ଣ ଏବଂ ସମସ୍ତ ସଂସ୍କାରରେ ଜଳର ଭୂମିକା ରହିଛି। ଜଳ ବିନା କିଛି ବି ସମ୍ଭବ ନୁହେଁ। ସମସ୍ତ ପବିତ୍ର ତଥା ଶୁଭ କାର୍ଯ୍ୟରେ ଜଳର ଆବଶ୍ୟକତା ରହିଛି। ଗଙ୍ଗା ନଦୀ ସ୍ୱର୍ଗରୁ ଆସିଛି ବୋଲି ପୌରାଣିକ ମାନ୍ୟତା ରହିଛି।***



ଭାରତୀୟ ସଂସ୍କୃତିରେ ଦେବ ଲୋକଙ୍କୁ ଦେବତା କୁହାଯାଏ ଏବଂ ତାଙ୍କର ପୂଜା କରାଯାଏ। ସେହି ଅନୁସାରେ ଜଳ ଆମକୁ ଜୀବନ ଦିଏ, ତେଣୁ ତାକୁ ଆମେ ଦେବତା ଭାବେ ପୂଜା କରିଥାଉ। ଏହି ଅନୁସାରେ ନଦୀ ତଥା ସମୁଦ୍ର ପୂଜାର ପରମ୍ପରା କାହିଁ କେତେ ଦିନରୁ ରହିଆସିଛି। ତେଣୁ ଭାରତୀୟ ସଂସ୍କୃତିରେ ନଦୀ ତଥା ଜଳର ମହତ୍ତ୍ୱ ରହିଛି। ଏମିତି ବି ଭାରତକୁ ନଦୀର ଦେଶ ବୋଲି କୁହାଯାଏ। ବିଶେଷ କରି ଭାରତରେ ଯେଉଁ ନଦୀମାନଙ୍କୁ ପବିତ୍ର ବୋଲି ବିଚାର କରାଯାଏ ସେସବୁ ନଦୀ ପ୍ରବାହିତ। ଯେପରି ଗଙ୍ଗା, ଯମୁନା, ଗୋଦାବରୀ, ସରସ୍ୱତୀ, ନର୍ମଦା, ବ୍ରହ୍ମପୁତ୍ର, କାବେରୀ ଏବଂ ସିନ୍ଧୁ। ଉତ୍ତର ଭାରତରେ ଗଙ୍ଗା, ଯମୁନା ଏବଂ ସରସ୍ୱତୀର ବିଶାଳ ପ୍ରବାହ ରହିଛି। ଜଳରେ ଅମୃତର ବାସ କରେ। ଏହା ଔଷଧ ସ୍ୱରୂପ। ଏଣୁ ଲୋକେ ଜଳକୁ ପୂଜା କରନ୍ତି। ତେଣୁ ପୂଜା କରିବା ସହିତ ଜଳ ଦାନର ମହତ୍ତ୍ୱ ବି ସ୍ୱତନ୍ତ୍ର। ସବୁଠାରୁ ପବିତ୍ର ନଦୀ ଭାବେ ଗଙ୍ଗାଙ୍କୁ ପୂଜା କରାଯାଏ। ଏହା ହିମାଳୟରୁ ବାହାରି ଭାରତର ବିଭିନ୍ନ ସ୍ଥାନରେ ପ୍ରବାହିତ ହୋଇ ଗଙ୍ଗାସାଗରରେ ମିଶିଛି। ସନାତନ ଧର୍ମରେ ଷୋହଳ ସଂସ୍କାର ବେଶ୍ ମହତ୍ତ୍ୱପୂର୍ଣ୍ଣ ଏବଂ ସମସ୍ତ ସଂସ୍କାରରେ ଜଳର ଭୂମିକା ରହିଛି। ଜଳ ବିନା କିଛି ବି ସମ୍ଭବ ନୁହେଁ। ସମସ୍ତ ପବିତ୍ର ତଥା ଶୁଭ କାର୍ଯ୍ୟରେ ଜଳର ଆବଶ୍ୟକତା ରହିଛି। ଗଙ୍ଗା ନଦୀ ସ୍ୱର୍ଗରୁ ଆସିଛି ବୋଲି ପୌରାଣିକ ମାନ୍ୟତା ରହିଛି। ଦେବୀ ଗଙ୍ଗା ପ୍ରଥମେ ବ୍ରହ୍ମାଙ୍କ କମଣ୍ଡଳୁ ବାହାରି ଭଗବାନ ବିଷ୍ଣୁଙ୍କ ପାଦ ଦେଇ ଖସିବା ପରେ ପୃଥିବୀରେ ମହାଦେବଙ୍କ ମସ୍ତକରେ ପତିତ ହୋଇଥିଲେ। ଏହାପରେ ଭାରତ ଭୂଖଣ୍ଡରେ ପ୍ରବାହିତ ହୋଇଥିବାର ପୁରାଣରେ ବର୍ଣ୍ଣନା କରାଯାଇଛି। ଦେବୀ ଗଙ୍ଗାଙ୍କୁ ସୂର୍ଯ୍ୟବଂଶୀ ରାଜା ଭଗୀରଥ ନିଜ ପୂର୍ବଜମାନଙ୍କ ଉଦ୍ଧାର ଉଦ୍ଦେଶ୍ୟରେ ଧରାପୃଷ୍ଠକୁ ଆଣିଥିଲେ। ଏହି ଦୃଷ୍ଟିରୁ ଗଙ୍ଗା ମୋକ୍ଷ ବା ମୁକ୍ତିଦାୟିନୀ ବୋଲି ବିଶ୍ୱାସ ରହିଛି । ଏସବୁ ଦୃଷ୍ଟିରୁ ନଦୀ ପୂଜାକୁ ଭାରତରେ ଗୁରୁତ୍ୱ ଦିଆଯାଏ। ତେଣୁ ପ୍ରାୟ ସମୟରେ ନଦୀ ତଟରେ ପୂଜା କରିବା ବିଧି ରହିଛି। ଯେପରି ୧୨ ବର୍ଷରେ ଥରେ ନଦୀ ତଟରେ କୁମ୍ଭ ମେଳା କରାଯାଏ। ଯେପରି ପ୍ରତିଦିନ ସକାଳେ ନଦୀ ମଧ୍ୟରେ ସୂର୍ଯ୍ୟଙ୍କୁ ଅର୍ଘ୍ୟଦାନ କରାଯାଏ। ଯେପରି ଛଟ୍ ପୂଜା ନଦୀ ତଟରେ ହିଁ କରାଯାଇଥାଏ। ଏହିସବୁ ଉଦାହରଣ। କଥାରେ ଅଛି ଜଳ ବିହୁନେ ଜୀବ ନାଶ ଏବଂ ଜଳ ବହୁଳେ ଜୀବ ନାଶ। ତେଣୁ ଜଳର ଅଭାବ ରହିବା ପାଇଁ ନଦୀ ପୂଜା କରାଯାଉଥିବା ବେଳେ ଅଧିକ ଜଳ ହୋଇ ଜୀବ ନାଶ ନକରିବା ପାଇଁ ବି ପ୍ରାର୍ଥନା ବା ଗୁହାରୀ ଜଣାଇ ନଦୀପୂଜା କରାଯାଇଥାଏ।

## ଭାଗ୍ୟରେ ସୁପରିବର୍ତ୍ତନ

ବାସ୍ତୁଶାସ୍ତ୍ର ଅନୁସାରେ ଏପରି କିଛି ବୃକ୍ଷ ରହିଛି, ଯାହାକୁ ଘରର ଦକ୍ଷିଣ ଦିଗରେ ଲଗାଇବା ଦ୍ୱାରା ଅଶୁଭ ଫଳ ପ୍ରାପ୍ତି ହୋଇଥାଏ। ଏହି ଗଛକୁ ଦକ୍ଷିଣ ଦିଗରେ ଲଗାଇବା ଦ୍ୱାରା ଜୀବନରେ ଅନେକ ସମସ୍ୟାର ସାମ୍ନା କରିବାକୁ ପଡିଥାଏ। ହିନ୍ଦୁ ଧର୍ମରେ ତୁଳସୀ ବୃକ୍ଷକୁ ଖୁବ୍ ଶୁଭ ବୋଲି ମାନ୍ୟତା ରହିଛି। ତୁଳସୀଙ୍କୁ ପୂଜାର୍ଚ୍ଚନା କରିବା ଦ୍ୱାରା ଭାଗ୍ୟରେ ସୁପରିବର୍ତ୍ତନ ହୋଇଥାଏ। ମାତ୍ର ତୁଳସୀ ବୃକ୍ଷକୁ କଦାପି ଘରର ଦକ୍ଷିଣ ଦିଗରେ ରଖନ୍ତୁ ନାହିଁ। ଏହାକୁ ସର୍ବଦା ପୂର୍ବ ଦିଗରେ ଲଗାଇବା ଉଚିତ। ଦକ୍ଷିଣ ଦିଗରେ ଲଗାଇଲେ ଅନେକ ସମସ୍ୟାର ସାମ୍ନା କରିବାକୁ ପଡିଥାଏ। ମାନ୍ୟତା ଅନୁସାରେ ମନି ପ୍ଲାଣ୍ଟଗଛକୁ ଭୁଲରେ ମଧ୍ୟ ଘରର ଦକ୍ଷିଣ ଦିଗରେ ଲଗାଇବା ଉଚିତ ନୁହେଁ। ଏହାଦ୍ୱାରା ଆର୍ଥିକ କ୍ଷେତ୍ରରେ ସମସ୍ୟା ଲାଗି ରହିବା ସହ ଅଯଥାରେ ଟଙ୍କା ଖର୍ଚ୍ଚ ହୋଇଥାଏ। ଅଭାବ ଲାଗି ରହିବା ସହ ପର୍ସରୁ ଟଙ୍କା ଖାଲି ହୋଇଯାଏ। ଏହାକୁ ସର୍ବଦା ଘରର ଉତ୍ତର କିମ୍ବା ପୂର୍ବ ଦିଗରେ ଲଗାନ୍ତୁ। ଏହାଦ୍ୱାରା ଧନ ଲାଭ ହୋଇଥାଏ। ମାନ୍ୟତା ଅନୁଯାୟୀ, ଶିବଶଙ୍କର ପ୍ରିୟ ବୃକ୍ଷ ଶମିକୁ କଦାପି ଦକ୍ଷିଣ ଦିଗରେ ଲଗାନ୍ତୁ ନାହିଁ।



## ତୃଣାବର୍ତ୍ତର ବିନାଶ



ଦିନେ ଯଶୋଦା ମାତା ବାଳ କୃଷ୍ଣଙ୍କୁ କୋଳରେ ବସାଇ ଝୁଲାଉଥିଲେ। ଏହିପରି ଦୀର୍ଘ ସମୟ ଝୁଲାଇବା ପରେ ଗୋଡ଼ କାଟିବାରୁ ସେ କୃଷ୍ଣଙ୍କୁ ନିଜ ପାଖରେ ତଳେ ବାରଣ୍ଡାରେ ଶୁଆଇ ଦେଲେ। କୃଷ୍ଣ ଗୋଡ଼ହାତ ହଲାଇ ବେଶ୍ ଖେଳୁଥାନ୍ତି। ଏହା ଦେଖି ଯଶୋଦା ରାଣୀ ବି ଆନନ୍ଦିତ ହେଉଥାନ୍ତି। କିଛି ସମୟ ବିତିବା ପରେ କୌଣସି କାମରେ ଯଶୋଦା ହଠାତ୍ ଉଠି ଘର ଭିତରକୁ ପଳାଇଛନ୍ତି। କୃଷ୍ଣଙ୍କ ପାଖରେ ଆଉ କେହି ନାହାନ୍ତି। ଏହି ସମୟରେ ତୃଣାବର୍ତ୍ତ ନାମକ ଏକ ଅସୁର ଗୋକୁଳ ଆସି କୃଷ୍ଣଙ୍କୁ ଏକୁଟିଆ ଦେଖିଛି। ତେଣୁ ସେ ଖଣ୍ଡିଆଭୂତ ରୂପ ନେଇ ଖୁବ୍ ଜୋର୍‌ରେ ଘୂର୍ଣ୍ଣିଝଡ଼ କରାଇଛି। ଏତିକି ନୁହେଁ ଖଣ୍ଡିଆ ଭୂତ ହୋଇ ସେ କୃଷ୍ଣଙ୍କୁ ଉଠାଇ ଆଣି ଆକାଶକୁ ଫିଙ୍ଗି ଦେବାକୁ ପ୍ରୟାସ କରିଛି। କୃଷ୍ଣ ବି ଲୀଳା ରଚିଛନ୍ତି। ସେ ଚଟାପଟ୍ ଖଣ୍ଡିଆ ଭୂତର କାନ୍ଧ ଉପରେ ଯାଇ ବସି ତାର ତଣ୍ଟି ଚିପି ଧଇଲେ। ତଣ୍ଟି ଚିପି ହୋଇଯିବାରୁ ରାକ୍ଷସ ଅଣନିଶ୍ୱାସୀ ହୋଇ ତଳେ ପଡ଼ିଗଲା। ତାର ମୁଣ୍ଡ ତଳେ ପିଟି ହୋଇଗଲା। ତେଣୁ ସେ ଚିତ୍କାର କରି ସେହିଠାରେ ଟଳି ପଡ଼ିଲା। ମଲା ବେଳକୁ ତାର ଅସଲି ରୂପରେ ଆସିଗଲା। ଏ ସବୁ ଘଟଣା ମାତ୍ର କିଛି ସମୟ ଭିତରେ ଘଟିଗଲା ଯେ କେହି ବିଶ୍ୱାସ କରିପାରିଲେ ନାହିଁ। ସେପଟେ ଯଶୋଦା କୃଷ୍ଣଙ୍କ ପାଇଁ ବହୁତ କାନ୍ଦୁଥିଲେ। କିନ୍ତୁ ତାଙ୍କର କିଛି ହୋଇ ନଥିବାରୁ ଆଶ୍ୱସ୍ତ ହେଲେ।

# ସନାତନ ଧର୍ମ

**ଯାହାକୁ ପ୍ରାୟତଃ ହିନ୍ଦୁ ଧର୍ମର ମୂଳଦୁଆ ବୋଲି ବିବେଚନା କରାଯାଏ, ତାହା 'ଶାଶ୍ୱତ ଧର୍ମ' କିମ୍ବା 'ଚିରନ୍ତନ, ପ୍ରାଚୀନ ଜୀବନଶୈଳୀ' ଭାବରେ ଅନୁବାଦ କରାଯାଏ। ୫,୦୦୦ ବର୍ଷ ପୂର୍ବେ ବେଦରୁ ଭାରତରେ ଉତ୍ପତ୍ତି ହୋଇଥିଲା, ଏହା ଏକ ନିର୍ଦ୍ଦିଷ୍ଟ ପ୍ରତିଷ୍ଠାତା କିମ୍ବା ଏକକ ମତବାଦ ପରିବର୍ତ୍ତେ ସତ୍ୟ (ସତ୍ୟ), ଧାର୍ମିକତା ଏବଂ ଅହିଂସା (ଅହିଂସା) ପରି ନୀତି ଉପରେ ଆଧାରିତ ଏକ ଅଣ-ସାମ୍ପ୍ରଦାୟିକ, ପ୍ରାକୃତିକ ଏବଂ ସାର୍ବଜନୀନ ବିଶ୍ୱ ବ୍ୟବସ୍ଥା (ଧର୍ମ)କୁ ପ୍ରତିନିଧିତ୍ୱ କରେ।**





**ସନାତନ ଧର୍ମର ମୁଖ୍ୟ ଉପାଦାନ:**

ପରିଭାଷା: ସନାତନର ଅର୍ଥ 'ଆରମ୍ଭ କିମ୍ବା ଶେଷ ବିନା' କିମ୍ବା 'ଚିରନ୍ତନ', ଯେତେବେଳେ ଧର୍ମ 'ପ୍ରାକୃତିକ ନିୟମ,' 'ଧାର୍ମିକତା,' କିମ୍ବା 'କର୍ତ୍ତବ୍ୟ' କୁ ବୁଝାଏ। ଏହା ଭାରତର ସାମଗ୍ରିକ ଜୀବନଶୈଳୀ ଏବଂ ଆଧ୍ୟାତ୍ମିକ ପରମ୍ପରା।

**ମୂଳ ନୀତି:** ଏହା ବ୍ରହ୍ମାଣ୍ଡ ସହିତ ସମନ୍ୱୟ ରଖି, ନୈତିକ ଆଚରଣ ଏବଂ ଧାର୍ମିକତାକୁ ପାଳନ କରି ଜୀବନଯାପନ ଉପରେ ଗୁରୁତ୍ୱାରୋପ କରେ।

**ମୂଳ ବିଶ୍ୱାସ:** ଦର୍ଶନ କର୍ମ (କର୍ମ ଏବଂ ପରିଣାମ), ଆତ୍ମା (ଆତ୍ମା), ଏବଂ ମୋକ୍ଷ (ମୁକ୍ତି) ଭଳି ଧାରଣାରେ ମୂଳ।

**ଅନ୍ତର୍ଭୁକ୍ତି:** ଏହାକୁ ପ୍ରାୟତଃ ଏକ ପଥ ଭାବରେ ବର୍ଣ୍ଣନା କରାଯାଏ ଯାହା ବିଭିନ୍ନ ବିଶ୍ୱାସ, ଅଭ୍ୟାସ ଏବଂ ଆଧ୍ୟାତ୍ମିକ ସ୍ୱଭାବକୁ ସମାହିତ କରେ, ଯାହାକୁ ପ୍ରାୟତଃ ଖୋଲା ବାହୁ ସହିତ ଏକ 'ମାତୃ' ସଂସ୍କୃତି ଭାବରେ ଦେଖାଯାଏ।

**ନୈତିକ ମୂଲ୍ୟବୋଧ:** ଏହା ଅହିଂସା (ଅହିଂସା), ସତ୍ୟ (ସତ୍ୟ), କରୁଣା ଏବଂ ଆତ୍ମ-ସଂଯମ ଭଳି ସଦ୍ଗୁଣକୁ ପ୍ରୋତ୍ସାହିତ କରେ। ସୋସିଆଲ ମିଡିଆ ଅନୁଯାୟୀ, ସନାତନ ଧର୍ମ କେବଳ ଏକ ଧର୍ମ ନୁହେଁ ବରଂ ଏକ 'ଜୀବନଧାରଣା' ଯାହା ସମସ୍ତ ଜୀବ ଏବଂ ବ୍ରହ୍ମାଣ୍ଡର ପରସ୍ପର ସଂଯୁକ୍ତତା ଉପରେ ଗୁରୁତ୍ୱାରୋପ କରେ। ଏହାକୁ ପ୍ରାୟତଃ ମାନବତାକୁ ପରିଚାଳନା କରୁଥିବା 'ସାର୍ବଜନୀନ, ଅନନ୍ତ ସତ୍ୟ' ବଜାୟ ରଖି ନିଜର କର୍ତ୍ତବ୍ୟ (ସ୍ୱଧର୍ମ) ଅନୁସାରେ ଜୀବନଯାପନ ପାଇଁ ଏକ ମାର୍ଗଦର୍ଶିକା ଭାବରେ ବିବେଚନା କରାଯାଏ।

## ସମସ୍ତଙ୍କ ଠାରେ ରାମ



ମହାନ ସନ୍ଥ କବୀର ଅଧିକାଂଶ ସମୟରେ ଗାଉଥିଲେ, 'କବିରାହିଁ ଫିକର୍ ନ ରାମ କି ଘୁମତ୍ ମସ୍ତ ଫକୀର୍ । ପିଛେ ପିଛେ ରାମ୍ ହୈ, କହତ୍ କବୀର-କବୀର୍ । ଜଣେ ଶିଷ୍ୟ ପଚାରିଲା, ଗୁରୁଜୀ, ଯଦି ଭଗବାନ ରାମ ସବୁବେଳେ ଆପଣଙ୍କ ପଛରେ ବୁଲୁଛନ୍ତି, ତା'ହେଲେ ଆମକୁ ବି ଥରେ ତାଙ୍କର ଦର୍ଶନ କରିବାର ସୌଭାଗ୍ୟ ଦିଅନ୍ତୁ ନା' । କବୀର କହିଲେ, ଭଗବାନ କେବଳ ତା'କୁ ହିଁ ଦର୍ଶନ ଦିଅନ୍ତି, ଯିଏ ଦୁର୍ବ୍ୟସନରୁ ମୁକ୍ତ ହୋଇଥାଏ, ପରିଶ୍ରମରୁ ରୋଜଗାର କରିଥାଏ ଏବଂ ଗରିବ-ନିରାଶ୍ରୟ ଓ ସାଧୁସନ୍ଥମାନଙ୍କୁ ଭୋଜନ ଦାନ କରିଥାଏ । ସଚ୍ଚୋଟତାର ସହ ରୋଜଗାର କର ଏବଂ ସେହି ରୋଜଗାରରୁ ଖାଦ୍ୟ ପ୍ରସ୍ତୁତ କରି ସାଧୁସନ୍ଥମାନଙ୍କୁ ସନ୍ତୁଷ୍ଟ କର, ଭଗବାନ ନିଶ୍ଚିତ ଭାବେ ଦର୍ଶନ ଦେବେ । ଶିଷ୍ୟ ନିଜ ଅବଗୁଣକୁ ତ୍ୟାଗ କଲା ଏବଂ ପରିଶ୍ରମ କରି ରୋଜଗାର କରିବାକୁ ଲାଗିଲା । ଦିନେ ସେ କହିଲା, ଗୁରୁଦେବ ଆଜି ମୁଁ ସାଧୁସନ୍ଥଙ୍କ ପାଇଁ ଭୋଜନ ବ୍ୟବସ୍ଥା କରିଛି । ଆପଣ ଭୋଜନ କରିବାକୁ ଆସନ୍ତୁ ଏବଂ ମୋତେ ଭଗବାନଙ୍କ ଦର୍ଶନ କରାନ୍ତୁ । ଭୋଜନ କାର୍ଯ୍ୟକ୍ରମରେ ଅନେକ ସାଧୁସନ୍ଥ ପହଞ୍ଚିଲେ । ଶିଷ୍ୟ କବୀରଦାସଙ୍କ ପ୍ରତୀକ୍ଷା କରିବାକୁ ଲାଗିଲା । ଅଚାନକ ସେ ଦେଖିଲା ଯେ ଏକ ମଇଁଷି ରୋଷେଇ ଘରେ ପ୍ରବେଶ କରି ପୁରି ଥିବା ଝୁଡ଼ିରେ ମୁହଁ ମାରୁଛି । ଏଥିରେ କ୍ରୋଧିତ ହୋଇ ଶିଷ୍ୟ ଉକ୍ତ ମଇଁଷିକୁ ପିଟିବା ଆରମ୍ଭ କରିଦେଲା । ଏହି ସମୟରେ ସନ୍ଥ କବୀର ସେହି ମଇଁଷିକୁ କୁଣ୍ଢାଇ ଧରି କହୁଥିଲେ, ହେ ରାମ୍, ତୁମ ଉପରେ ରାବଣ ମଧ୍ୟ ଏପରି ଜୁଲମ୍ କରିନଥିବ, ଯେପରି ମୋ ଶିଷ୍ୟ କରୁଛି । ଶିଷ୍ୟକୁ ଦେଖି କବୀର କହିଲେ, ରେ ଦୁଷ୍ଟ. ଭଗବାନ ଭୋଜନ କରିବାକୁ ଆସିଥିଲେ । ତୁମେ କଂସେଇ ଭଳି ବ୍ୟବହାର କାହିଁକି କଲ ? ଶିଷ୍ୟ ବୁଝିଗଲା ଯେ କବୀର ପ୍ରାଣୀ ମାତ୍ରକେ ରାମଙ୍କ ଦର୍ଶନ କରିଥାନ୍ତି । ସେ ତାଙ୍କ ଚରଣରେ ଲୋଟିପଡ଼ିଲା ।

## ଚଉଷଠି ଯୋଗିନୀ ପୀଠ





ମନ୍ଦିର ଓଡ଼ିଶାର ଭୁବନେଶ୍ୱରସ୍ଥିତ ହୀରାପୁର ଗାଆଁରେ ଥିବା ଏକ ପୁରାତନ ଯୋଗିନୀ ପୀଠ (ତନ୍ତ୍ରପୀଠ) । ସ୍ଥାନୀୟ ଅଞ୍ଚଳରେ ଏହା ମହାମାୟା ମନ୍ଦିର ନାମରେ ମଧ୍ୟ ଜଣା । ତନ୍ତ୍ର ସଂସ୍କୃତିରେ ଯୋଗିନୀମାନଙ୍କ ସମ୍ପର୍କରେ ବିଶେଷ ଭୂମିକା ଅନ୍ତର୍ନିହିତ ଅଛି । ତେଣୁ ହୀରାପୁରର ଚଉଷଠୀ ଯୋଗିନୀ ପୀଠକୁ ତନ୍ତ୍ରପୀଠ କୁହାଯାଏ । ଏହି ମନ୍ଦିର ୧୯୫୩ ମସିହାରେ ଓଡ଼ିଶା ରାଜ୍ୟ ସଂଗ୍ରହାଳୟର ମୁଖ୍ୟ ଓ ପ୍ରତ୍ନତତ୍ତ୍ୱବିଦ କେଦାରନାଥ ମହାପାତ୍ରଙ୍କଦ୍ୱାରା ଲୋକଲୋଚନକୁ ଆସିଥିଲା । ଏହି ଦେଉଳର ଉପରିଭାଗ ଖୋଲା । ମନ୍ଦିରର କେନ୍ଦ୍ରସ୍ଥଳରେ ଅଷ୍ଟକୋଣୀ ବିଶାଳ ଲିଙ୍ଗ ରହିଛି । ଦେଉଳ ମଧ୍ୟଭାଗରେ ପରବର୍ତ୍ତୀ ସମୟରେ ଏକ ଚଣ୍ଡୀମଣ୍ଡପ ସ୍ଥାପିତ । ଏଥିରେ ଚାରୋଟି ଶିବ ଓ ଯୋଗିନୀଙ୍କ ପ୍ରତିମା ସ୍ଥାପିତ । ଦେବୀ ମହାମାୟା ଏହି ପୀଠ ଓ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ରୂପେ ପୂଜିତା । ଏହି ପୀଠଟି ଓଡ଼ିଶାର ରାଜଧାନୀ ଭୁବନେଶ୍ୱରଠାରୁ ପ୍ରାୟ ୧୦ କି.ମି ଦୂରରେ ବାଲିଅନ୍ତା ଥାନା ଓ ପଞ୍ଚାୟତ ସମିତି ଅନ୍ତର୍ଗତ ବାଳକାଟିଠାରୁ ୨/୩ କି.ମି ଦୂରରେ ପୁଣ୍ୟତୋୟା ଭାର୍ଗବୀ ନଦୀ ତଟ ଦେଶରେ ହୀରାପୁର ଗ୍ରାମର ଦକ୍ଷିଣ ଓ ପୂର୍ବ ଦିଗରେ ରହିଛି । ଏହି ପୀଠର ସମ୍ମୁଖରେ ଗୋଟିଏ ପୁଷ୍କରିଣୀ ଅବସ୍ଥିତ । ପୁଷ୍କରିଣୀର ମଧ୍ୟଭାଗରେ ଏକ ଦୀପଦାଣ୍ଡି ରହିଛି । ଜୈନ, ବୌଦ୍ଧ ଓ ହିନ୍ଦୁ ଧର୍ମ ପରେ ପଞ୍ଚୋପାସନା ପଦ୍ଧତି ପ୍ରସାର ଲାଭ କରିଥିଲା । ଏହି ପଞ୍ଚୋପାସନା ପଦ୍ଧତି ହେଲା ଶୈବ, ବୈଷ୍ଣବ, ଶାକ୍ତ, ସୌର ଓ ଗାଣପତ୍ୟ । ଶଙ୍କରାଚାର୍ଯ୍ୟଙ୍କ ସମୟରୁ ଶୈବ ଓ ବୈଷ୍ଣବ ଧର୍ମର ମତବାଦରୁ ବହୁଳ ଭାବରେ ଶାକ୍ତ ଉପାସନା ପଦ୍ଧତି ସୃଷ୍ଟି ହୋଇଥିଲା । ସେହି ଶୈବ ମତବାଦର ଏକ ମୁଖ୍ୟ ଶାଖା ରୂପେ ଶାକ୍ତ ଉପାସନା ପ୍ରଭାବିତ ହୋଇ କ୍ରମବିକାଶ ଲାଭ କରିଥିଲା । ଖ୍ରୀଷ୍ଟୀୟ ସପ୍ତମ ଓ ଅଷ୍ଟମ ଶତାବ୍ଦୀରେ ତନ୍ତ୍ର ଓ ଯୋଗମାର୍ଗକୁ ପାଥେୟ କରି ଶକ୍ତି ଉପାସନାର ମାତୃକା, ବିଦ୍ୟା ଓ ମହାବିଦ୍ୟାର ମିଶ୍ରଣରେ ଚତୁଃଷଷ୍ଠୀ ଯୋଗିନୀଙ୍କ ଆରମ୍ଭ ହୋଇଥିଲା । କାଳିକା ପୁରାଣକୁ ଆଲୋଚନା କଲେ ଜଣାଯାଏ ଭାରତରେ ସର୍ବପ୍ରଥମ ତନ୍ତ୍ରପୀଠ ରୂପେ ହୀରାପୁରର ଚଉଷଠି ଯୋଗିନୀ ପୀଠ ରହିଛି ।

## ମା' ମଙ୍ଗଳା

ମା ମଙ୍ଗଳା ହିନ୍ଦୁ ଦେବୀ ଯିଏ ଶକ୍ତିର ପ୍ରକାଶନ ମଧ୍ୟରୁ ଜଣେ। ପ୍ରାଚୀନ କାଳରେ, ବୌଦ୍ଧ ଭିକ୍ଷୁମାନେ ମଙ୍ଗଳାକୁ ଦେବୀ ତାରା ଭାବରେ ପ୍ରତୀକ କରୁଥିଲେ। ବର୍ତ୍ତମାନ ଦେବୀ ବନଦୁର୍ଗାଙ୍କ ସ୍ତୁତିରେ ହିନ୍ଦୁ ଦେବୀ ଦୁର୍ଗାଙ୍କ ପ୍ରକାଶନ ମଧ୍ୟରୁ ଜଣେ ଭାବରେ ପୂଜା ପାଉଛନ୍ତି। ମା ମଙ୍ଗଳା ଶାନ୍ତି, ଶକ୍ତି, ଖୁସି, ପ୍ରେମ, ପବିତ୍ରତା, ଜ୍ଞାନ ଏବଂ ସତ୍ୟ ଭଳି ଗୁଣର ପ୍ରତୀକ। ଦେବୀ ମଙ୍ଗଳାଙ୍କ କାରୁକାର୍ଯ୍ୟ ସାଧାରଣ ଓଡ଼ିଆ ଶୈଳୀରେ ଅଛି, ଯେଉଁଥିରେ ଖିଲାଣ ଏବଂ ପ୍ରଭା ତାଙ୍କ ବସିବା ସ୍ଥାନରେ ରହିଛି। ମନ୍ଦିରର ସ୍ଥାପତ୍ୟ ଉତ୍କଳୀୟ ପିଢ ବିମାନ ଶୈଳୀର ଏକ ସାଧାରଣ ଉଦାହରଣ। କଠିନ ପଥରରେ ତିଆରି ଏକ ଶଯ୍ୟା ଅଛି ଯାହା ଉପରେ କୁହାଯାଏ ଯେ ମା ମଙ୍ଗଳା ପ୍ରତିଦିନ ସମଗ୍ର ବ୍ରହ୍ମାଣ୍ଡ ପରିକ୍ରମା କରିବା ପରେ ବିଶ୍ରାମ ନିଅନ୍ତି। ଏହାର ପ୍ରମାଣ ସ୍ୱରୂପ, ଶଯ୍ୟାଟି ଶତାବ୍ଦୀ ଧରି ବ୍ୟବହୃତ ହେଉଥିଲେ ଠିକ୍ ସେହିପରି ଭାବରେ ଜୀର୍ଣ୍ଣ ଦେଖାଯାଉଛି। କାକଟପୁରର ସ୍ଥାନୀୟ ଲୋକଙ୍କ ବିଶ୍ୱାସ ଅନୁଯାୟୀ ଏହି ସ୍ଥାନର ନାମର ବିବର୍ତ୍ତନ ଦେବୀ ମା ମଙ୍ଗଳାଙ୍କ ସହିତ ଜଡିତ। ଦେବୀ ମଙ୍ଗଳା ପ୍ରାଚୀ ନଦୀର ଗଭୀର ଜଳ ତଳେ ନିଜକୁ ଲୁଚାଇ ରଖିଥିଲେ। ଥରେ ଜଣେ ନାବିକ ନଦୀ ପାର ହୋଇ ଡଙ୍ଗା ବୁଲାଇ ଯାଉଥିଲେ। ପ୍ରବଳ ବର୍ଷା ଏବଂ ବନ୍ୟା ପରି ପରିସ୍ଥିତି ଯୋଗୁଁ ସେ ସାରା ରାତି ନଦୀ ମଝିରେ ବିତାଇଲେ। ସକାଳ ହେବା ପୂର୍ବରୁ, ଦେବୀ ମଙ୍ଗଳା ତାଙ୍କ ସ୍ୱପ୍ନରେ ଆସିଲେ ଏବଂ ତାଙ୍କୁ ପାଣିରୁ ଉଦ୍ଧାର କରି ନିକଟସ୍ଥ ମଙ୍ଗଳାପୁର ଗାଁରେ ରଖିବାକୁ କହିଲେ। ନାବିକ ସିଧାସଳଖ ପାଣିରେ ବୁଡ଼ି ଗଲେ ଏବଂ ମୂର୍ତ୍ତିକୁ ନଦୀରୁ ବାହାର କଲେ। ଏହା ପରେ ନାବିକ ଦେଖିଲେ ଯେ ଗୋଟିଏ କଳା କାଉ ସେହି ସ୍ଥାନରେ ବୁଡ଼ି ରହିଛି ଯେଉଁଠାରେ ମା ମଙ୍ଗଳାଙ୍କୁ ଉଦ୍ଧାର କରାଯାଇଥିଲା ଏବଂ ସେ ବାହାରକୁ ଆସି ନଥିଲେ।



# ଦାମନଯୋଡ଼ି: ଦୁଇ ଦିନ ହୋଲି

ଦାମନଯୋଡ଼ି/ଭାପୁର,(ନିପ୍ର): କୋରାପୁଟ ଜିଲ୍ଲା ଶିଳ୍ପାଞ୍ଚଳ ଦାମନଯୋଡିରେ ଲୋକେ ହର୍ଷ ଉଲ୍ଲାସର ସହ ଦୁଇ ଦିନ ଧରି ହୋଲି ପାଳନ କରିଥିଲେ । ଦାମନଯୋଡି ଏକ ଶିଳ୍ପାଞ୍ଚଳ ହୋଇଥିବାରୁ ଏଠାରେ ବିଭିନ୍ନ ରାଜ୍ୟର ବହୁ ଭାଷାଭାଷୀ ଲୋକ ବାସ କରନ୍ତି । ତେଣୁ ମଙ୍ଗଳବାର ପବିତ୍ର ଦୋଳ ପୂର୍ଣ୍ଣିମାରେ ନାଲକୋ ଉଦ୍ୟୋଗରେ କର୍ମଚାରୀ ଓ ଶ୍ରମିକମାନେ ରଙ୍ଗ ଖେଳି



ବେଶ୍ ମଜା ନେଇଥିଲେ । ତେବେ ଉକ୍ତ ଦିନ ଚନ୍ଦ୍ରଗ୍ରହଣ ଲାଗିଥିବାରୁ ଖାଦ୍ୟପେୟର ଆସର ଜମି ପାରିନଥିଲା । ଅନ୍ୟ ପକ୍ଷରେ ପରଦିନ ଓଡ଼ିଶାର ପରମ୍ପରା ଅନୁଯାୟୀ ବୁଧବାର ଖୁବ୍ ହର୍ଷଉଲ୍ଲାସର ସହ ହୋଲି ପାଳନ କରିଥିଲେ । ପୁରୁଷ,ମହିଳା, ଯୁବପିଢି, ଛୋଟ ପିଲାମାନେ ନିଜ ନିଜ ବୟସବର୍ଗଙ୍କ ସହିତ ଜାତି ମତଭେଦ ଆଦିକୁ ଭୁଲି ପରସ୍ପରକୁ ରଙ୍ଗ ଲଗାଇ ମିଠା ଖୁଆଇଥିଲେ । ମମାଥାଲପୁଟ ଶ୍ରୀରାଧାକୃଷ୍ଣଙ୍କ ମନ୍ଦିର ପ୍ରାଙ୍ଗଣରେ କମିଟି ପକ୍ଷରୁ ପାରମ୍ପରିକ ଦହିହାଣ୍ଡି ଭଙ୍ଗା ନୀତି ପାଳନ କରାଯାଇଥିଲା । ଦାମନଯୋଡ଼ି ତଥା ଆଖପାଖ ଅଞ୍ଚଳରେ ରଙ୍ଗର ମାହୋଲ ଥିଲେ ସୁଦ୍ଧା କୌଣସି ଅପ୍ରୀତିକର ଘଟଣା ଦୃଷ୍ଟି ଗୋଚର ହୋଇନଥିଲା । ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଦାମନଯୋଡ଼ି ପୁଲିସ ପକ୍ଷରୁ ବିଭିନ୍ନ ଛକ ମାନଙ୍କରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିବା ଦେଖିବାକୁ ମିଳିଥିଲା ।

ଫତେଗଡ଼ ଥାନା ଅତ୍ୟନ୍ତ ସମ୍ବେଦନଶୀଳ ଅଞ୍ଚଳ ହୋଇଥିବାରୁ ରାଜନୈତିକ ତଥା ଅନ୍ୟାନ୍ୟ କାରଣରୁ ଦୋଳ ଓ ହୋଲି ପର୍ବ ପାଇଁ କେଉଁଠି ନା କେଉଁଠି ଛୋଟବଡ଼ ଗଣ୍ଡୋଗଳ ହେବାର ପୂର୍ବ ବର୍ଷ ପରି ନଜର ରହି ଆସିଛି । ତେବେ ଚଳିତ ବର୍ଷ ଶାନ୍ତିଶୃଙ୍ଖଳାର ସହ ଦୋଳ ଓ ହୋଲି ପର୍ବ ସମାପ୍ତ ହୋଇଥିବା ଥାନା ସୂତ୍ରରୁ ପ୍ରକାଶ ।

# ଗଞ୍ଜାମ ଜିଲ୍ଲା ପ୍ରାଥମିକ ସମବାୟ ସମିତି କର୍ମଚାରୀ ସଙ୍ଘ ଗଠନ

ବ୍ରହ୍ମପୁର,( ନିପ୍ର ): ବ୍ରହ୍ମପୁର ଇଞ୍ଜିନିୟରିଙ୍ଗ ସ୍କୁଲ ନିକଟ ରାଜସ୍ୱ ଡାକବଙ୍ଗଳାର ସମ୍ମିଳନୀ କକ୍ଷରେ ଗଞ୍ଜାମ ଜିଲ୍ଲାରେ ଥିବା ଆସିକା ସମବାୟ ସମିତି କର୍ମଚାରୀ ସଙ୍ଘ ଓ ବ୍ରହ୍ମପୁର ସମବାୟ ସମିତି କର୍ମଚାରୀ ସଙ୍ଘର ଏକ ମିଳିତ ବୈଠକ ବ୍ଲକ/ଶାଖା ବ୍ୟାଙ୍କସ୍ତରୀୟ ସମିତି କର୍ମଚାରୀ ପ୍ରତିନିଧିମାନଙ୍କୁ ନେଇ ଅନୁଷ୍ଠିତ ହୋଇଥିଲା । ବୈଠକରେ ଗଞ୍ଜାମ ଜିଲ୍ଲା ପାଇଁ ଉଭୟ ୟୁନିଅନର ମିଳିତରେ ଗଞ୍ଜାମ ଜିଲ୍ଲା ସମବାୟ କର୍ମଚାରୀ ସଙ୍ଘ ନାମକ ଏକ ସଂଗଠନ ଗଠନ କରାଯାଇଥିଲା । ସଙ୍ଘ ପରିଚାଳନା ପାଇଁ ଉପଦେଷ୍ଟା ସହ ୫୧ ଜଣ କାର୍ଯ୍ୟକର୍ତ୍ତାଙ୍କୁ ନେଇ ସଂଘଠନର କର୍ମକର୍ତ୍ତାଙ୍କ ଚୟନ କାରାଗଲା । ସଙ୍ଘର ସଭାପତି ଭାବେ ଶିବରାମ ମହାଙ୍କୁଡ ଓ ପଙ୍କଜ କୁମାର ପାତ୍ର ସଧାରଣ ସମ୍ପାଦକ ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଥିଲୋ । ଉକ୍ତ ସଂଗଠନ ଜିଲ୍ଲା ଓ ରାଜ୍ୟସ୍ତରୀୟ ସମବାୟ ସମିତି କର୍ମଚାରୀ ଓ ସମିତିମାନଙ୍କ ହିତ ପାଇଁ କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ ସ୍ଥିର କରାଗଲା ।

# ମୃତା ଶିକ୍ଷୟିତ୍ରୀଙ୍କ ପରିବାରଙ୍କୁ ଆର୍ଥିକ ସହାୟତା

କୁଚିଣ୍ଡା,(ନିପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ ଟାଇଁସର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ଇଲିଶାବା ଓରାମଙ୍କ ମୃତ୍ୟୁରେ କୁଚିଣ୍ଡା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ତାଙ୍କ ପରିବାରଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ସ୍ୱର୍ଗତ ଶିକ୍ଷୟିତ୍ରୀ ଓରାମ ଦୀର୍ଘ ଦିନ ଧରି କିଡିନୀ ରୋଗରେ ପୀଡିତ ହୋଇ ଡିସେମ୍ବର ୨୩ ତାରିଖରେ ମୃତ୍ୟୁ ବରଣ କରିଥିଲେ । କୁଚିଣ୍ଡା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ପ୍ରଶାନ୍ତ କୁମାର ଦାଶଙ୍କ ନେତୃତ୍ୱରେ ଏକ ଶିକ୍ଷକ ପ୍ରତିନିଧି ମଣ୍ଡଳୀ ଗୁରୁବାର ମୃତା ଶିକ୍ଷୟିତ୍ରୀଙ୍କ କୁଚିଣ୍ଡା ସ୍ଥିତ ବାସଭବନକୁ ଯାଇ ଶୋକ ସନ୍ତପ୍ତ ପରିବାରଙ୍କୁ ସାକ୍ଷାତ କରି ସମବେଦନା ଜଣାଇବା ସହ ତାଙ୍କ ସ୍ୱାମୀ ପାତ୍ରାସ ଲାକ୍ରାଙ୍କୁ ୨୫ ହଜାର ୩ ଶହ ଟଙ୍କାର ସହାୟତା ରାଶି ପ୍ରଦାନ କରିଥିଲେ । ଏହି ଶିକ୍ଷକ ପ୍ରତିନିଧି ମଣ୍ଡଳୀରେ ଅରୁଣ କୁମାର ନାଏକ,ଭୋଜରାଜ କିଷାନ,ଦୁଃଖବନ୍ଧୁ ସାହୁ, ଅନିଲ କୁମାର ନାୟକ, ନବ କିଶୋର ଜୟପୁରିଆ ପ୍ରମୁଖ ସାମିଲ ଥିଲେ ।

# ଆସନ୍ତା ୨୮ରେ ରାଉରକେଲା ଓକିଲ ସଂଘର ନିର୍ବାଚନ

ରାଉରକେଲା(ନିପ୍ର): ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ (ଓ ଏସ ବି ସି) ଙ୍କ ନିର୍ଦ୍ଦେଶକ୍ରମେ ଓଡ଼ିଶାର ସମସ୍ତ ଓକିଲ ସଂଘର ୨୦୨୬-୨୭ ବର୍ଷ ପାଇଁ କର୍ମକର୍ତ୍ତା ଓ କାର୍ଯକାରୀ କମିଟି ନିର୍ବାଚନ ଆସନ୍ତା ମାର୍ଚ୍ଚ ୨୮ ତାରିଖ ଦିନ ଧାର୍ଯ୍ୟ କରାଯାଇଛି । ଏହି ନିର୍ବାଚନକୁ ସୁଚାରୁରୂପେ ପରିଚାଳନା କରିବା ପାଇଁ ରାଉରକେଲା ଓକିଲ ସଂଘର ସାଧାରଣ ପରିଷଦ ବୈଠକରେ ସଂଘର ବରିଷ୍ଠ ସଦସ୍ୟ ଆଇନଜୀବୀ ସରୋଜ ନାରାୟଣ ମହାପାତ୍ରଙ୍କୁ ନିର୍ବାଚନ ଅଧିକାରୀ ଭାବରେ ନିଯୁକ୍ତି ପ୍ରଦାନ କରାଯାଇଛି । ନିର୍ବାଚନ ଅଧିକାରୀ ଶ୍ରୀ ମହାପାତ୍ର ଦାୟିତ୍ୱ ଗ୍ରହଣ କଲା ପରେ ଓ ଏସ ବି ସି ନୋଟିଫିକେସନ ଅନୁଯାୟୀ ଆଗାମୀ ନିର୍ବାଚନ ପାଇଁ ବିଧିବଦ୍ଧ ବିଜ୍ଞପ୍ତି ଜାରି କରିଛନ୍ତି ।

# ଜଙ୍ଗଲ ଜଗୁଛନ୍ତି ଗ୍ରାମବାସୀ, କାଠଚୋରି କରୁଛନ୍ତି ବିଭାଗୀୟ ଅଧିକାରୀ !

ଭାପୁର,(ନିପ୍ର): ଭାପୁର ବ୍ଲକରେ ପିଠାଖାଇ, ହନୁମନ୍ତିଆ,ବାନ୍ଦରା, ଡେଙ୍ଗାବାହାଡା ସଂରକ୍ଷିତ ଜଙ୍ଗଲ,କାଶିଆ ପାହାଡ ଓ କୁସୁମୀ ନଦୀ ପଠାରେ ଜାମୁବଣୀ ଓ ପତ୍ରବଣୀ ଜଙ୍ଗଲ ରହିଛି । ବ୍ଲକ ଅଞ୍ଚଳରେ ରହିଥିବା ସଂରକ୍ଷିତ ଜଙ୍ଗଲଗୁଡିକ ଅଭିବୃଦ୍ଧି ପାଇଁ ବନବିଭାଗ ଅପେକ୍ଷା ନିକଟସ୍ଥ ଗ୍ରାମବାସୀମାନଙ୍କର ସହଯୋଗ ଅଧିକ ରହିଛି ।ଜଙ୍ଗଲ ନିକଟସ୍ଥ ଗ୍ରାମବାସୀମାନେ ପାଳି କରି ଜଙ୍ଗଲର ସୁରକ୍ଷା ନେବା ଯୋଗୁଁ ଜଙ୍ଗଲରୁ କାଠ ଚୋରି ରୋକାଯାଇପାରିଛି କିନ୍ତୁ,ରକ୍ଷକ ଯଦି ଭକ୍ଷକ ହେବେ ତେବେ ଗ୍ରାମବାସୀ କାହାକୁ କହିବେ ? ଧୀରେ ଧୀରେ ଗୋଶିଙ୍ଗ ପାହାଡ ପାଦଦେଶରେ ଥିବା ଡେଙ୍ଗାବାହାଡା ଜଙ୍ଗଲ ଏବଂ ମୁଣ୍ଡିଆପଡା ନିକଟ କାଶିଆ ପାହାଡ ଲଣ୍ଡା ହେବାରେ ଲାଗିଛି ।

ଡେଙ୍ଗାବାହାଡା ଜଙ୍ଗଲର ସୁରକ୍ଷା ପାଇଁ ଜଙ୍ଗଲ ନିକଟରେ ଥିବା କେନ୍ଦୁପଲ୍ଲି,ମାରଡା, ବାଉଁଶବାଟୀ, ରାକମା, ବରପୁଟ,ଜହରକୋଟ,କୁଲାବ,ମାଣିବନ୍ଧ, ବାରବାଟୀ, ମିଟୁଆଣୀ,ମର୍ଦ୍ଦାବାଡି, ଗୋହିରିଆପଡା ଗ୍ରାମବାସୀମାନେ ନିଜନିଜ ଗ୍ରାମରେ ଜଙ୍ଗଲ ସୁରକ୍ଷା କମିଟି ଗଠନ କରି ୨୦/୨୫ବର୍ଷ ହେଲା ପାଳି କରି ଜଙ୍ଗଲ ଜଗି ଆସୁଛନ୍ତି । ଫଳରେ,ଏହି ଜଙ୍ଗଲରେ ଶାଳ,ପିଆଶାଳ,ଅସନ ଭଳି ବହୁ ବୃକ୍ଷ ଆଶାତୀତ ଭାବରେ ବୃଦ୍ଧି ପାଇବାରୁ ବର୍ତ୍ତମାନ ଲୋଲୁପ ଦୃଷ୍ଟି ପଡିଛି କିଛି ସ୍ଥାନୀୟ ରାଜନେତା ଓ ନ୍ୟସ୍ତସ୍ୱାର୍ଥ ବିଭାଗୀୟ ଅଧିକାରୀମାନଙ୍କର । କର୍ମଚାରୀଙ୍କ ଅଭାବର ସୁଯୋଗ ଦେଖି କାଠ ମାଫିଆଙ୍କୁ ଧରି ବିଭାଗୀୟ ଅଧିକାରୀଙ୍କ ଜାଣତରେ ଦୈନିକ ରାତ୍ରିରେ କାଠ ଦରିଆପାର ତଥା ସହରକୁ ଆସୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ବର୍ତ୍ତମାନ ସରକାରଙ୍କ କର୍ମଚାରୀ ଓ ରାଜନେତାମାନେ କାଠ ମାଫିଆମାନଙ୍କୁ ଧରି ଭାପୁର ଅଞ୍ଚଳର ଜଙ୍ଗଲକୁ ଯେପରି ଲୁଟ କରି ଚାଲିଛନ୍ତି ଆଉ ୩ ବର୍ଷ ମଧ୍ୟରେ ଜଙ୍ଗଲ ସଫା ହୋଇଯିବା ଏଡାଇ ହେବ ନାହିଁ ବୋଲି ସାଧାରଣରେ କୁହାଯାଇଛି ।

# ଆକ୍ରୋଶ ରଖି ନାବାଳକକୁ ଆକ୍ରମଣ, ଥାନାରେ ଅଭିଯୋଗ

ପିପିଲି,(ନିପ୍ର): ପିପିଲି ଏସଡିପିଓଙ୍କ କାର୍ଯ୍ୟାଳୟ ଅଧୀନ ବଳଙ୍ଗା ଥାନା ଅଞ୍ଚଳରେ ଜଣେ ନାବାଳକ ଓ ତାର ମାଆକୁ ଆକ୍ରମଣ କରାଯାଇଛି । ଏନେଇ ବଳଙ୍ଗା ଥାନାରେ ଅଭିଯୋଗ ହେବା ପରେ ବଳଙ୍ଗା ଥାନା ଅଧିକାରିଣୀ ମାମଲା ଆଗତ କରି ତଦନ୍ତ ଚଳାଇଛନ୍ତି । ଥାନା ଅଧୀନ ଏକ ଗ୍ରାମରେ ଜଣେ ମହିଳା ଓ ତାଙ୍କର ୧୫ ବର୍ଷୀୟ ନାବାଳକ ପୁତ୍ର ଘରେ ଥିବାବେଳେ ଜଣେ ବାହାର ବ୍ୟକ୍ତି ଘରର କଲିଂ ବେଲ୍ ବଜାଇ ଥିଲା । ମହିଳା ଜଣକ ନାବାଳକ ପୁଅକୁ କହିଥିଲେ ଦୁଆର ଖୋଲି ଦେଖେ କିଏ ଡାକୁଛନ୍ତି । ଦେଖିବା ବେଳକୁ ୫ ଜଣ ଯୁବକ କାଠ ଫାଳିଆ ଓ ଭଙ୍ଗା ମଦ ବୋତଲ କାଚ ଧରି ଠିଆ ହୋଇଛନ୍ତି । ଦୁର୍ବୃତ୍ତମାନେ ନାବାଳକକୁ ଧମକ ଦେଇ ତୋ ବାପା କୁଆଡେ ଗଲା ତାକୁ ଡାକେ ଆମର ତା ସହିତ କଥାବାର୍ତ୍ତା ଅଛି ବୋଲି କହିଥିଲେ । ନାବାଳକ କିଛି କହିବା ପୂର୍ବରୁ ଦୁର୍ବୃତ୍ତମାନେ ଗାଳିଗୁଲଜ କରିଥିଲେ । ନାବାଳକକୁ ଧରି ପକାଇ ଜୀବନରୁ ମାରିଦେବା ପାଇଁ ଉଦ୍ଦେଶ୍ୟ ରଖି ହାତରେ ଧରିଥିବା କାଠ ଫାଳିଆରେ ବାଡେଇବା ସହିତ ଭଙ୍ଗା କାଚ ବୋତଲରେ ଖୋବାଖୋବି କରିବାରୁ ନାବାଳକ ଦେହ ସାରା ଖଣ୍ଡିଆ ଖାବରା ହୋଇ ରକ୍ତାକ୍ତ ହୋଇଗଲା । ନାବାଳକ ଚିତ୍କାର କରି ଡାକ ପକାଇବାରୁ ତାର ମାଆ ଦୌଡି ଯାଇ ଦୁର୍ବୃତ୍ତଙ୍କ କବଳରୁ ଉଦ୍ଧାର କରିବା ପାଇଁ ଚେଷ୍ଟା କରିବାରୁ ସେମାନେ ତାଙ୍କୁ ଗାଳିଗୁଲଜ କରିଥିଲେ । ବିଭିନ୍ନ ପ୍ରକାର ଧମକ ଦେଇ ପଳାଇ ଯିବାରୁ ମହିଳା ଜଣକ ଥାନାରେ ଦ୍ୱାରସ୍ଥ ହୋଇଛନ୍ତି ।

# ସେବା ପ୍ରତିନିଧି ସଫେଇ କଲେ ହଜ ଛୋଟ ପୁଷ୍କରିଣୀ

ଭୁବନେଶ୍ୱର : ଯେତେବେଳେ ହୋଲିରେ ଜନସାଧାରଣ ଜନସାଧାରଣ ରଙ୍ଗ ଖେଳରେ ଉବୁଟୁବୁ, ସେତେବେଳେ ସୁନ୍ଦରପଦା ସେବା ପ୍ରତିନିଧିର ମୁଖ୍ୟ ସଙ୍ଗଠକ ନୀଳମଣି ମିଶ୍ରଙ୍କ ନେତୃତ୍ୱରେ ନୂଆ ସାହି 'ହଜ' ଛୋଟ ପୁଷ୍କରିଣୀ ପୋଖରୀରେ ବର୍ଷ ବର୍ଷ ଧରି ଘରର ହୋମ ପାଉଁଶ, କଳସ, ଫଟୋ କାଚ, ଜୋତା, ମଦ ବୋତଲ, ମୂର୍ତ୍ତି, ଜରି ଇତ୍ୟାଦି ଯାବତୀୟ ଅବ୍ୟବହୃତ ଦ୍ରବ୍ୟରେ ଭରପୂର ପୋଖରୀକୁ ପୁନର୍ବାର ଉଦ୍ଧାର ପାଇଁ ହାତ ବଢାଇଥିଲେ ତାଙ୍କର କର୍ମକର୍ତ୍ତାମାନେ । ବର୍ତ୍ତମାନ ଗ୍ରୀଷ୍ମ ଋତୁ ଆରମ୍ଭ ହେବାକୁ ଲାଗିଲାଣି ।ଜଳ କଷ୍ଟ ଅନେକ ଅନୁଭବ କଲେଣି । ଏଣୁ, ଏ କଥାକୁ ଆଖି ଆଗରେ ରଖି ତାର ସଦୁପଯୋଗ କରିବା ପାଇଁ ଶ୍ରୀ ମିଶ୍ର ଜନସାଧାରଣଙ୍କୁ ଅବଗତ କରାଇଥିଲେ । ହୋଲି ଦିନରେ ପ୍ରତି ବର୍ଷ ଭଳି ଚଳିତ ବର୍ଷ ସହରର ରାସ୍ତା ଓ ଛକମାନଙ୍କରେ ଥିବା ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିକୁ ସଫା କରାଯାଇ ସେଥିରେ ଫୁଲ ମାଳ ପିନ୍ଧା ଯାଇଥିଲା । ଏ ସମସ୍ତ କାର୍ଯ୍ୟରେ ଉଲ୍ଲାସ ମହାପାତ୍ର, ବିପିନ ରାଉତରାୟ, ତାରା ଚରଣ ଆଚାର୍ଯ୍ୟ, ସମୀର ରଥ, ପୀୟୁଷ ମହାନ୍ତି ଓ ଅଶୋକ କୁମାର ମହାରଣା ପ୍ରଭୃତି ଅଂଶ ଗ୍ରହଣ କରିଥିଲେ ।




# ଚାଷୀଙ୍କ ବିଭିନ୍ନ ସମସ୍ୟା ନେଇ ଜିଲ୍ଲାପାଳଙ୍କୁ ଦାବିପତ୍ର

ନିମାପଡ଼ା, (ନି.ପ୍ର.): ନିମାପଡ଼ା ଜାଗ୍ରତ ଯୁବଶକ୍ତି ସଂଗଠନ ତରଫରୁ ନିମାପଡ଼ା ବ୍ଲକ୍ ବଡ଼ଶିରିବିଳା ପଞ୍ଚାୟତ ଗଡ଼ତୋରିହଁ ସମବାୟ ସମିତିରେ ଚାଷୀମାନଙ୍କ ବିଭିନ୍ନ ସମସ୍ୟା ନେଇ ପୁରୀ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା । ପ୍ରାୟ ୨ଶହ ଚାଷୀଙ୍କୁ ମିଳିଥିବା ଟୋକନର ଅବଧି ପୁରିବାକୁ ବସିଥିବା ବେଳେ ଗତ ୧୫ ଦିନ ହେଲା ସମବାୟ ସମିତିରୁ ଧାନ ଉଠାଣ ନ ହେବା, ଟାର୍ଗେଟ୍ ନଥିବାର ଆଳ ଦେଖାଇ ସମବାୟସମିତି ବଦଳରେ ୪୦ କି.ମି. ଦୂର ସାକ୍ଷୀଗୋପାଳ ସ୍ଥିତ ମିଲ୍‌ରେ ଧାନ ଦେବାକୁ ଚାଷୀମାନଙ୍କ ଉପରେ ଚାପ ପକାଇବା ଭଳି ସମସ୍ୟାକୁ ନେଇ ଜାଗ୍ରତ ଯୁବଶକ୍ତି ଆବାହକ ଆଦର୍ଶ ଦାଶ, ସଂଯୋଜକ ସମୀର ରଂଜନ ରାଉତରାୟ, ମୁଖ୍ୟ କାର୍ଯ୍ୟ ନିର୍ବାହୀ ବିଜୟାନନ୍ଦ ଦାସ, ଅଜୟ କୁମାର ମିଶ୍ରଙ୍କ ନେତୃତ୍ୱରେ ବଡ଼ଶିରିବିଳା ପଞ୍ଚାୟତର ଅନେକ ଚାଷୀ ନିମାପଡ଼ା ବ୍ଲକ୍ ପ୍ରଶାସନଙ୍କ ସହିତ ଆଲୋଚନା କରି ତୁରନ୍ତ ଧାନ ସଂଗ୍ରହ ଟୋକନ ଅବଧି ବୃଦ୍ଧି ସହିତ ଗଡ଼ତୋରିହଁ ସମବାୟ ସମିତି ପ୍ରାଙ୍ଗଣରେ ହିଁ ଧାର୍ଯ୍ୟ ସମୟ ଭିତରେ ସମସ୍ତ ଚାଷୀଙ୍କ ଠାରୁ ଯଥାର୍ଥ ପରିମାଣର ଧାନ ଉଠାଣ ଲାଗି ବ୍ୟବସ୍ଥା କରିବାକୁ ଦାବି କରିଥିଲେ ।



# ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ମିନି ମାରାଥନ ପ୍ରତିଯୋଗିତା

କଟକ,(ନିପ୍ର): ପ୍ରତିବର୍ଷ ଭଳି ଚଳିତ ବର୍ଷ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କର ୧୧୦ତମ ଜୟନ୍ତୀ ଅବସରରେ ଏକ ମିନି ମାରାଥନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏଥିରେ କାଜିବଜାର ବାଳିକା ବିଦ୍ୟାଳୟର ଛାତ୍ରୀ ଶିବାନୀ ବାରିକ ଓ ବାଳକ ବିଭାଗରେ ତରଳ ୟୁପିସ୍କୁଲର ଛାତ୍ର ସୂରଜ ଚୌହାନ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ସେହିଭଳି ବାଳିକା ବିଭାଗରେ ତରଳ ୟୁପି ସ୍କୁଲର ଛାତ୍ରୀ ଶାନ୍ତି ପୂର୍ତ୍ତି ଦ୍ୱିତୀୟ ଏବଂ ରେଭେନ୍ସା କଲିଜିଏଟ ସ୍କୁଲର ଛାତ୍ରୀ ଆସ୍ମା ଆହ୍ଲ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ବାଳକ ବିଭାଗରେ ତରଳ ୟୁପି ସ୍କୁଲର ଛାତ୍ର ତାରକ ଟୁଡୁ ଦ୍ୱିତୀୟ ସ୍ଥାନ ଏବଂ କାହ୍ନୁ ହାଂସଦା ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ମିନି ମାରାଥନ ପ୍ରତିଯୋଗିତାରେ ବିଭିନ୍ନ ବିଦ୍ୟାଳୟରୁ ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ ।

# ୮ ଦିନିଆ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର

ପୁର,(ନିପ୍ର): ସୁରଜମଲ ସାହା ମହାବିଦ୍ୟାଳୟରେ +୩ ଛାତ୍ରୀମାନଙ୍କ ପାଇଁ ୮ ଦିନିଆ ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସଫଳତାର ସହ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମଟି ଶିକ୍ଷା ବିଭାଗର ଅଧାପିକା ଓ ସମନ୍ୱୟକାରୀ ଅନାମିକା ସାହୁ ଓ ପାଠାଗାର ପରିଚାଳିକା ଶ୍ରୀମତୀ ଗୀତାରାଣୀ ଦାଶଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା । ଉଦ୍‌ଯାପନ ସମାରୋହରେ ଅନୁଷ୍ଠାନର ଅଧକ୍ଷ ଶରତ କୁମାର ସାହୁ, ପ୍ରଶାସନିକ ବର୍ସାର ସୁଜାତା ବେହେରା, ମୁଖ୍ୟ




କିରାଣୀ ବଳରାମ ମିଶ୍ର ଉପସ୍ଥିତ ରହି ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ ଓ ମାନପତ୍ର ପ୍ରଦାନ କରିଥଲେ । ଏହି ପ୍ରଶିକ୍ଷଣ ଶିବିରର ମୂଳ ଉଦ୍ଦେଶ୍ୟ ଥିଲା ଛାତ୍ରୀମାନଙ୍କୁ ଆତ୍ମବିଶ୍ୱାସୀ କରିବା ସହିତ ସମୟୋପଯୋଗୀ ସ୍ଥିତିରେ ସ୍ୱୟଂରକ୍ଷା କୌଶଳ ଶିଖାଇବା । ପ୍ରଶିକ୍ଷଣ ସମୟରେ ବିଭିନ୍ନ ପ୍ରାକ୍ଟିକାଲ୍ ଓ ଡେମୋନ୍‌ଷ୍ଟ୍ରେସନ୍ ? ମାଧମରେ ଛାତ୍ରୀମାନେ ସ୍ୱୟଂରକ୍ଷା କୌଶଳ ଅଭ୍ୟାସ କରିଥିଲେ ।

କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ସମସ୍ତ ଛାତ୍ରୀ ଏହାକୁ ଉପକାରକ ଓ ପ୍ରେରଣାଦାୟକ ବୋଲି ମତ ପ୍ରକାଶ କରିଥିଲେ ।

# 'ଶକ୍ତିର ଗତି ରାଷ୍ଟ୍ରର ପ୍ରଗତି' ପ୍ରସଙ୍ଗ

ଯାଜପୁର(ନିପ୍ର): ଅନ୍ତର୍ଜାତୀୟ ମହିଳା ଦିବସ -୨୦୨୬ ଉପଲକ୍ଷେ ହେବାକୁ ଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଜିଲ୍ଲା ପ୍ରଶାସନ ଯାଜପୁର, ଭାରତୀୟ କ୍ରୀଡ଼ା ପ୍ରାଧିକରଣ ଏବଂ ମାଇ ଭାରତ, ଯାଜପୁର ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଇନଡୋର ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ହୋଇଛି । ମାର୍ଚ୍ଚ ୮ ତାରିଖ ମହିଳା ଦିବସ ଉପଲକ୍ଷେ ଯୁବ ବ୍ୟାପାର ଏବଂ କ୍ରୀଡ଼ା ବିଭାଗ, ଜିଲ୍ଲା ପ୍ରଶାସନ ଓ ମାଇ ଭାରତ ପକ୍ଷରୁ ଦେଶ ବ୍ୟାପୀ ସାମୂହିକ କ୍ରୀଡା କାର୍ଯ୍ୟକ୍ରମ ଆୟୋଜିତ ହେବ । ଏହି ପରିପ୍ରେକ୍ଷୀରେ ମାର୍ଚ୍ଚ ୬ ରେ ଶକ୍ତି ସ୍ୱରୂପିଣୀ, ମାର୍ଚ୍ଚ ୭ରେ ସଶକ୍ତ ନାରୀ ସଶକ୍ତ ରାଷ୍ଟ୍ର, ମାର୍ଚ୍ଚ ୮ ରେ ଶକ୍ତିର ଗତି ରାଷ୍ଟ୍ରର ପ୍ରଗତି ଥିମକୁ ନେଇ ତିନି ଦିନିଆ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଶକ୍ତି ସ୍ୱରୂପିଣୀରେ ଶାରୀରିକ ସୁସ୍ଥତା ଉପରେ ଗୁରୁତ୍ୱ ଦିଆଯାଇ ସାମୂହିକ ଯୋଗ ଶିବିର, ଜୁମ୍ବା, ଏରୋବିକ୍ସ, ପାରମ୍ପରିକ କ୍ରୀଡା, ପାରମ୍ପରିକ ନୃତ୍ୟ ଆୟୋଜନ ହେବ । ଦ୍ୱିତୀୟ ଦିବସରେ ଉତ୍ତମ ସ୍ୱାସ୍ଥ୍ୟ, ଜୁଡୋ, କରାଟେ, ବକ୍ସିଂ ଭଳି ଆତ୍ମରକ୍ଷା କୌଶଳ ତାଲିମ ଦିଆଯିବ । ସେହିଭଳି ତୃତୀୟ ଦିବସରେ ୫ କିମି ଦୂରତାର ଏକ ପାୱାର ୱାକ ବା ମାରାଥନ ହେବ । ଭାରତ ସରକାରଙ୍କ ଖେଲୋ ଇଣ୍ଡିଆ ଯୋଜନା ଅନ୍ତର୍ଗତ 'ଅସ୍ମିତା' ପଦକ୍ଷେପ ଅଧୀନରେ ଏସବୁ କାର୍ଯ୍ୟକ୍ରମ ଆୟୋଜିତ ହେବ । କ୍ରୀଡ଼ା ଏବଂ ସୁସ୍ଥ ଶରୀର ଗଠନ ଦିଗରେ ମହିଳାଙ୍କ ଭାଗିଦାରୀକୁ ପ୍ରୋତ୍ସାହିତ କରିବା ହେଉଛି ଅସ୍ମିତା ପଦକ୍ଷେପର ଉଦ୍ଦେଶ୍ୟ ।

# ଆନ୍ତଃରାଜ୍ୟ ଯୁବ ବିନିମୟ କାର୍ଯ୍ୟକ୍ରମ: ଓଡ଼ିଶା ପାଇଁ ସୁନାମ ଆଣିଲେ ହିମାଂଶୁ




ଆସିକା (ନିପ୍ର): କେନ୍ଦ୍ର ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରାଳୟ ଅନ୍ତର୍ଗତ 'ମେରା ଯୁବା ଭାରତ' ଦ୍ୱାରା ଆୟୋଜିତ ଅନ୍ତଃ ରାଜ୍ୟ ଯୁବ ବିନିମୟ କାର୍ଯକ୍ରମ ରେ ଓଡ଼ିଶାର ପ୍ରତିନିଧି ରୂପେ ଅଂଶଗ୍ରହଣ କରିଥିଲେ ଗଞ୍ଜାମ ଜିଲ୍ଲା ଆସିକା ବିଜ୍ଞାନ ମହାବିଦ୍ୟାଳୟର ଯୁକ୍ତ ତିନି ପ୍ରାଣୀ ବିଜ୍ଞାନ ଶେଷ ବର୍ଷର ଛାତ୍ର ହିମାଂଶୁ ରାୟଜିତ୍ ଜେନା । ସେ ଓଡ଼ିଶାର ସଂସ୍କୃତି, ପରମ୍ପରା, ଐତିହ୍ୟ ଓ ସାମାଜିକ ରୀତି ନୀତିକୁ ଜାତୀୟ ସ୍ତରରେ ଅତି ସୁନ୍ଦର ଢଙ୍ଗରେ ଉପସ୍ଥାପନ କରିଥିଲେ । ସେ ଦୀର୍ଘ ପାଞ୍ଚ ଦିନ ଧରି ସକ୍ରିୟ ରୂପେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ଏବଂ ବିହାର ରାଜ୍ୟର ପାଟନା ସ୍ଥିତ ଗୋଟିଏ ବସ୍ତିକୁ ପରିଭ୍ରମଣ କରି ସେହି ସ୍ଥାନରେ ବାସ କରୁଥିବା କିଛି ଶିଶୁମାନଙ୍କ ସହ ପ୍ରତ୍ୟେକ୍ଷ ରୂପେ ଆଲୋଚନା କରିଥିଲେ । ଜାଣିବାକୁ ପାଇଥିଲେ ଯେ ବିହାର ଭଳି ଏକ ଜନ ବହୁଳ ରାଜ୍ୟରେ ଶିକ୍ଷାର ଅପବ୍ୟବହାର ଓ ଶିଶୁମାନଙ୍କ ପାଇଁ ତାହା କିପରି ଅନ୍ତରାୟ ସୃଷ୍ଟି କରିଛି, ସେ ସଂପର୍କିତ ତଥ୍ୟ ସଂଗ୍ରହ କରିଥିଲେ । କିଛି ଶିଶୁ ନିଜ ପରିବାରର ଆର୍ଥିକ ସ୍ୱଚ୍ଛଳତା ନଥିବା ଯୋଗୁଁ ବିଦ୍ୟାଳୟକୁ ନ ଯାଉଥିବା ବେଳେ ଅନ୍ୟ କିଛି ଶିଶୁ ଶିକ୍ଷା ପ୍ରତି ଆଗ୍ରହ ଥିଲେ ମଧ୍ୟ ପାରିବାରର ଅର୍ଥିକ ଅନାଟନ ଯୋଗୁଁ ବିଦ୍ୟାଳୟ ସେମାନଙ୍କ ପାଇଁ ଦିବା ସ୍ୱପ୍ନ ପାଲଟିଛି । ସରକାରଙ୍କ ଦ୍ୱାରା ଅନେକ ଉନ୍ନତ ମାନର ବିଦ୍ୟାଳୟ ଥିଲେ ସୁଦ୍ଧା ଶିଶୁମାନଙ୍କ ମଧ୍ୟରେ ଥିବା ଅନାଗ୍ରହ ଓ ପରିବାରର ଆର୍ଥିକ ଦୁସ୍ଥିତି ଯୋଗୁଁ ସରକାରଙ୍କର ପ୍ରତିଟି ଶିକ୍ଷାଗତ ଯୋଜନା ବିଫଳ ହେଉଛି । ଓଡ଼ିଶାର ଦୁର୍ଗମ ଓ ଉପାନ୍ତ ଗ୍ରାମାଞ୍ଚଳ ମାନଙ୍କରେ ବାସ କରୁଥିବା ଛାତ୍ରଛାତ୍ରୀମାନଙ୍କୁ କିପରି ଉନ୍ନତ ମାନର ଶିକ୍ଷା ଦିଆଯାଉଛି ଯାହା ଦ୍ୱାରା ଶିଶୁ ମାନଙ୍କର ସାମୂହିକ ବିକାଶ କିପରି ହୋଇପାରିବ ତଥା ସେମାନେ କିପରି ରାଷ୍ଟ୍ର ଗଠନରେ ସହାୟକ ହୋଇ ପାରିବେ ସେ ସମ୍ପର୍କିତ ଉପଯୁକ୍ତ ତଥ୍ୟ ଉପସ୍ଥାପନ କରିଥିଲେ, ହିମାଂଶୁ । ବିହାର ରାଜ୍ୟରେ ବସ୍ତି ତଥା ଗ୍ରାମାଞ୍ଚଳରେ ବାସ କରୁଥିବା ଶିଶୁ ମାନଙ୍କୁ କିପରି ଶିକ୍ଷା ପ୍ରତି ଆଗ୍ରହ କରି ସେମାନଙ୍କୁ ବିଦ୍ୟାଳୟ ଯିବା ପାଇଁ ପ୍ରେରିତ କରିପାରିବା ଏବଂ ଏଥି ପ୍ରତି ସରକାର ସଠିକ୍ ପଦକ୍ଷେପ ନେବା ସହ ଭାରତର ଯୁବ ଗୋଷ୍ଠୀ କିପରି ଏହି ଦିଗ ପ୍ରତି ସହଯୋଗ କରିପାରିବେ ସେ ସମ୍ପର୍କରେ ସେ ଏହି କାର୍ଯ୍ୟକ୍ରମ ସହ ଜଡ଼ିତ ଥିବା ଉଚ୍ଚ ପଦାଧିକାରୀ ମାନଙ୍କ ସହ ଆଲୋଚନା ଓ ପ୍ରତ୍ୟାଲୋଚନା କରିଥିଲେ ।

# ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ ବିଜୁବାବୁ

ହିଞ୍ଜିଳିକାଟୁ,(ନିପ୍ର): ପ୍ରବାଦ ପୁରୁଷ, ତଥା ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଜନ୍ମ ଜୟନ୍ତୀ ପାଳନ ଅବସରରେ ଗୁରୁବାର ହିଞ୍ଜିଳି ଓ ଶେରଗଡ଼ ବିଜେଡି ପକ୍ଷରୁ ବିଜୁବାବୁଙ୍କ ୧୧୦ ତମ ଜନ୍ମ ଜୟନ୍ତୀ ମହା ସମାରୋହରେ ପାଳିତ ହୋଇଛି । ନଗର ବିଜେଡି ସଭାପତି ହୃଦୟାନନ୍ଦ ମହାପାତ୍ରଙ୍କ ନେତୃତ୍ୱରେ ସହସ୍ରାଧିକ ଦଳୀୟ କର୍ମୀ ମିନି ଷ୍ଟାଡିୟମ ପରିସରରୁ ଏକ ବିରାଟ ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା କରିଥିଲେ । ବିଜୁ ପଟ୍ଟନାୟକ ଛକ ସ୍ଥିତ ସ୍ୱର୍ଗତ ବିଜୁ ବାବୁଙ୍କ ପୂର୍ଣ୍ଣାବୟବ ପ୍ରତିକୃତିରେ ପୁଷ୍ପ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ ।




ସେଠାରେ ଆୟୋଜିତ ପଥପ୍ରାନ୍ତ ସଭାରେ ବରିଷ୍ଠ ଉପଦେଷ୍ଟା ସୁରେନ୍ଦ୍ର ନାଥ ପ୍ରଧାନ ବିଜୁ ବାବୁଙ୍କ ଦେଶ ଓ ବିଦେଶରେ ତାଙ୍କ ଦୁଃସାହାସିକ ପଦକ୍ଷେପ, ନୂତନ ଓଡ଼ିଶା ନିର୍ମାଣରେ ଭୂମିକା, ମହିଳାଙ୍କୁ ୩୩% ରାଜନୈତିକ ଅଧିକାର ଓ ତାଙ୍କ ପୁତ୍ର ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୪ ବର୍ଷ ଧରି ଓଡ଼ିଶାକୁ ବିକାଶର ଉଚ୍ଚସ୍ତରକୁ ନେଇ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ । ଏହି ଅବସରରେ ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନରେ ପୁଣି ଥରେ ବିଜେଡ଼ି ଦଖଲ କରିବା ପାଇଁ ଉପସ୍ଥିତ ନେତା ଓ କର୍ମୀ ସମୂହ ସଂକଳ୍ପ କରିଥିଲେ । ଶେରଗଡ଼ ବ୍ଲକ ସଭାପତି ଶରତ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ବିରୋଧୀଦଳ ନେତାଙ୍କ ଜିଲ୍ଲା ପରିଷଦ ପ୍ରତିନିଧି ଦେବାନନ୍ଦ ମହାପାତ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । କାର୍ଯ୍ୟକ୍ରମରେ ପୌରାଧକ୍ଷ ସୁବାଷ ଚନ୍ଦ୍ର ପୋଲେଇ, ପୌର ପ୍ରତିନିଧି ପ୍ୟାରୀ ମୋହନ ପାଢ଼ୀ,ଶେରଗଡ଼ ବ୍ଲକ ଯୁବ ବିଜେଡ଼ି ସଭାପତି ସନ୍ତୋଷ କୁମାର ପଟ୍ଟନାୟକ, ଶେରଗଡ଼ ପ୍ରତିନିଧି ଦିଗାମ୍ବର ନାହାକ, ଦୁର୍ଗା ବିଷୋୟୀ, ବରୁଣ ପୋଲେଇ, ସରୋଜ ପାତ୍ର, ବାସୁଦେବ ସ୍ୱାଇଁ,ଯୁବ ବିଜେଡି ସଭାପତି ମନୋଜ କୁମାର ସାବତ, ବ୍ଲକ ସଭାପତି, ବ୍ଲକ ପ୍ରତିନିଧି,ପ୍ରାକ୍ତନ ବ୍ଲକ ଅଧକ୍ଷ ଏନ. ରଘୁନାଥ, ବି.ରାମଚନ୍ଦ୍ର, ପ୍ରଦୀପ କୁମାର ପଣ୍ଡା, ଛାତ୍ର ବିଜେଡି ସଭାପତି ଅନିଳ ସ୍ୱାଇଁ, ଯୁଧିଷ୍ଠିର ସ୍ୱାଇଁ, କାଉନସିଲର ବିଭୁ ପ୍ରସାଦ ପଣ୍ଡା, ବସନ୍ତ ବେହେରା, ରାମହରି ଶର୍ମା, ସୁଧାଂଶୁ ସାହୁ, ରଶ୍ମିତା ବେହେରା,ଏ.ସୁଶୀଳା ପାତ୍ର, ବିଷ୍ଣୁ ପ୍ରିୟା ସାହୁ,ଜିତେନ୍ଦ୍ର ଗୌଡ,ସନ୍ତୋଷ ମହାରଣାଙ୍କ ସମେତ ଜନ ପ୍ରତିନିଧି ଓ ବିଜୁ ପ୍ରେମୀ ଯୋଗ ଦେଇଥିଲେ ।

**ପିପିଲି:** ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଙ୍କ ୧୧୦ତମ ଜନ୍ମ ଜୟନ୍ତୀ । ପିପିଲି ବିଜେଡି ପକ୍ଷରୁ ଦଳୀୟ କାର୍ଯ୍ୟାଳୟରେ ପାଳିତ କରାଯାଇଛି । ବିଜେଡି ନେତା ତଥା ପୂର୍ବତନ ବିଧାୟକ ରୁଦ୍ର ପ୍ରତାପ ମହାରଥୀ ଙ୍କନେତୃତ୍ୱରେ ଆୟୋଜିତ ଏହି ଉତ୍ସବରେ ଅବସରପ୍ରାପ୍ତ ଅଧାପିକା ଡ଼ଃ ପ୍ରତିଭା ମହାରଥୀ ଯୋଗଦେଇ ୯ଡର ଇଗଲଙ୍କ ଜୀବନବ୍ୟାପୀ ତ୍ୟାଗ ସଂଘର୍ଷ ଓ ବଳିଦାନ ସମ୍ପର୍କରେ ବିଜୁଜନତା ଦଳର କର୍ମୀମାନଙ୍କୁ ମନେ ପକାଇଥିଲେ । ପିପିଲି ଡେଲାଙ୍ଗର ଯାହା ବି ବିକାଶ ହୋଇଛି ତାହା କେବଳ ନବୀନଙ୍କ ସମୟରେ ହୋଇଛି । ଆମେ ସମସ୍ତେ ଏକାଠି ହେଲେ ପୁଣି ଥରେ ଡେଲାଙ୍ଗ ପିପିଲିରେ ବିଜେଡି ସରକାର ଆସିପାରିବ । ଏଥିରେ ଶତାଧିକ ବିଜେଡି କର୍ମୀ ଏବଂ ଲୋକେ ଯୋଗ ଦେଇଥିଲେ । ଏହା ସହିତ ମୋ ପୁଅ ଉପରେ ମୋର ଆଶୀର୍ବାଦ ରହିଛି ସେ ନିଶ୍ଚୟ ବିଜୟୀ ହେବ ବୋଲି ସ୍ୱର୍ଗତ ପ୍ରଦୀପ ମହାରଥୀଙ୍କ ପତ୍ନୀ ପ୍ରତିଭା ମହାରଥୀ କହିଛନ୍ତି । କାର୍ଯ୍ୟକ୍ରମରେ ବିଜୁଜନତା ଦଳର ଆଗଧାଡିର ଛାମୁଆଁ ନେତୃତ୍ୱମାନେ ଯୋଗଦାନ କରିଥିଲେ ।

**ନିମାପଡ଼ା:** ରାଜ୍ୟର ସାହସୀ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ବିଜୁ ଜନତା ଦଳର କର୍ମୀମାନେ ଏକ ଶୋଭାଯାତ୍ରାରେ ନିମାପଡ଼ା ନୂଆ ବସ୍‌ଷ୍ଟାଣ୍ଡ୍‌ରୁ ବାହାରି ବିଭିନ୍ନ ସ୍ଲୋଗାନ ଦେଇ ଟାଉନ୍ ହଲ୍ ଠାରେ ଏକତ୍ରିତ ହୋଇଥିଲେ । ନିମାପଡ଼ା ମୁଖ୍ୟ ବଜାର ଦେଇ ଯିବା ବେଳେ ମହାପୁରୁଷ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ମୋହନ ଦାଶ, ଉଛବ ମଳିକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ହାଇସ୍କୁଲ ସାମ୍ନାରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତି ଏବଂ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ସାଧାରଣ ସଭାରେ ଯୋଗ ଦେଇଥିଲେ । ବ୍ଲକ୍ ସଭାପତି ଭାଗ୍ୟଧର ଖଟୋଇ, ଏନ୍‌ଏସି ସଭାପତି ଧୁନର୍ଦ୍ଧର ଦାସ, ବିଜେଡ଼ି ନେତା ସୁବ୍ରତ ଛାଟୋଇ, କୁଳତା ସାସମଲ, ପୁରୀ ଜିଲ୍ଲା ମହିଳା ବିଜୁ ଜନତା ଦଳ ସଭାନେତ୍ରୀ କସ୍ତୁରୀବାଳା ସ୍ୱାଇଁ ପ୍ରମୁଖ ସମାବେଶରେ ଯୋଗ ଦେଇ ସ୍ୱର୍ଗତ ବିଜୁ ବାବୁଙ୍କ ପ୍ରତି ଶ୍ରଦ୍ଧା ସୁମନ ଅର୍ପଣ କରି ସେ ଜଣେ ସାହସୀ ଏବଂ ଦୂରଦର୍ଶୀ ବ୍ୟକ୍ତି ଥିଲେ ବୋଲି ବର୍ଣ୍ଣନା କରିଥିଲେ ।

**ଆସିକା:** ଆସିକା ବିଧାନସଭା ନିର୍ବାଚନ ମଣ୍ଡଳୀର ବିଜୁ ଜନତା ଦଳ ପକ୍ଷରୁ ୧୧୦ ତମ ଜନ୍ମ ଜୟନ୍ତୀ ପାଳନ କରାଯାଇଛି । ଆଜି ପୂର୍ବାହ୍ନ ସମୟରେ ସ୍ଥାନୀୟ କଳିଙ୍ଗାରୋଡରୁ ଶତାଧିକ ବିଜେଡି କର୍ମୀ ଏକ ମୋଟର ସାଇକେଲରେ ବାହାରି ବିଜୁ ପଟ୍ଟନାୟକ ଛକ ରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତି ଉପରେ ପୁଷ୍ପମାଲ୍ୟ ଅର୍ପଣ କରି ଆସିକା ମେଡିକାଲରେ ରୋଗୀକୁ ଫଳ ବଣ୍ଟନ କରିଥିଲେ । ଆସିକା ବିଜେଡିର ନୂତନ ବ୍ଲକ ସଭାପତି ବିଦ୍ୟାନ୍ତ କୁମାର ଚର୍ଚ୍ଚିଙ୍କ ସଭାପତିତ୍ୱ ରେ ପୂର୍ବତନ ସାଂସଦ ପ୍ରମିଳା ବିଷୋୟୀ, ପୂର୍ବତନ ବିଧାୟକ ମଞ୍ଜୁଳା ସ୍ୱାଇଁ, ଆସିକା ପୌରାଞ୍ଚଳ ର ଉପାଧକ୍ଷା ଜୟନ୍ତୀ ବିଷୋୟୀ, ପ୍ରମୁଖ ଉପସ୍ଥିତ ରହି ବିଜୁ ବାବୁ ଙ୍କ ଜନ୍ମ ଜୟନ୍ତୀ ଉପରେ ଆଲୋଚନା କରିଥିଲେ ।

**ଭାପୁର:** ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ୧୧୦ ତମ ଜୟନ୍ତୀ ସାରା ରାଜ୍ୟ ଗୁରୁବାର ଦିନ ପାଳନ କରୁଥିବାବେଳେ ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ବିଜେଡି କାର୍ଯ୍ୟାଳୟରେ ସଭାପତି ବେଣୁଧର ପ୍ରଧାନଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ,ଭାପୁର ଓ ଖଣ୍ଡପଡା ବ୍ଲକର ଆଗ ଧାଡିର ନେତୃତ୍ୱ ମଣ୍ଡଳୀ ମଧୁସୂଦନ ରଥ,ମନୋରଞ୍ଜନ ବେହେରା,ଜନପ୍ରତିନିଧି ତଥା ଶତାଧିକ ବିଜୁପ୍ରେମୀ ଯୋଗଦେଇ ବିଜୁବାବୁ ଙ୍କ ଗୁଣଗାନ କରିବା ସହିତ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ।

**ବେଗୁନିଆ :** ବିଜୁ ଜନତା ଦଳର ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ଆହ୍ୱାନକ୍ରମେ ଓ ବୋଲଗଡ଼ -ବେଗୁନିଆ ନିର୍ବାଚନ ମଣ୍ଡଳୀ ବିଜେଡି ବିଧାୟକ ପ୍ରଦୀପ କୁମାର ସାହୁ ନେତୃତ୍ୱରେ ଗୁରୁବାରଦିନ ବେଗୁନିଆସ୍ଥିତ ବିଜୁ ପଟ୍ଟନାୟକ ପାର୍କ ପରିସରରେ ମହାନ ଜନନାୟକ ପ୍ରବାଦ ପୁରୁଷ ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟାନନ୍ଦ ପଟ୍ଟନାୟକ ଓରଫ ବିଜୁ ପଟ୍ଟନାୟକଙ୍କ ୧୧୦ତମ ଜୟନ୍ତୀ ଉତ୍ସବ ମହା ଆଡମ୍ବର ସହକାରେ ପାଳିତ ହୋଇଯାଇଛି । ଏହି ଅବସରରେ ବିଜେଡି ଦଳ ପକ୍ଷରୁ ପାର୍କ ପରିସରରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତିରେ ପୁଷ୍ପ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମକ୍ରମ ବୋଲଗଡ଼ ବ୍ଲକ ବିଜେଡି ସଭାପତି ବାନାମ୍ବର ମାଝିଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା ।

**ବୁଗୁଡା:** ବୁଗୁଡ଼ା ବଳଦେବସ୍ୱାମୀ ବସଷ୍ଟାଣ୍ଡ ପରିସରରେ ବିଜେଡି ପକ୍ଷରୁ ବିଜୁ ପଟ୍ଟନାୟକଙ୍କ ୧୧୦ତମ ଜୟନ୍ତୀ ପାଳନ କାର୍ଯ୍ୟକ୍ରମ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ପୂର୍ବତନ ଶ୍ରମ ମନ୍ତ୍ରୀ ଶ୍ରୀକାନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ନଗର ବିଜେଡି ସଭାପତି, ବ୍ଲକ ସଭାପତି ସମେତ ଅନେକ ସରପଞ୍ଚ ଓ ସମିତି ସଭ୍ୟ, ବ୍ଲକ ଓ ଏନ୍ ଏ ସି ର ଦଳୀୟ କର୍ମୀ ଓ ବିଜୁପ୍ରେମୀ ଯୋଗ ଦେଇଥିଲେ ।

**ନବରଙ୍ଗପୁର:**ଏହି ଅବସରରେ ଡାବୁଗାଁ ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧକ୍ଷ ମୋତିରାମ ନାୟକ, ମୁଖ୍ୟ ବକ୍ତାଭାବେ ବିଜେଡି ଜିଲ୍ଲା ଉପସଭାପତି ବଦ୍ରି ନାରାୟଣ ସିଂ,ଜିଲ୍ଲା ପରିଷଦ ସଭ୍ୟ ଧନ ସିଂ ଭତ୍ରକ୍ଷ ଓ ଗୁପ୍ତ ବିଶୋୟୀ, ବ୍ଲକ ଅଧକ୍ଷା ବୀଣା ମାଝୀ, ସାଂସଦ ପ୍ରତିନିଧି ରାମା ରାଓ ଚୌଧୁରୀ, ଜିଲ୍ଲା ଉପ ସଭାପତି ଏମ୍ ଅକ୍ଷପା ରାଓ, ଡାବୁଗାଁ ନିର୍ବାଚନମଣ୍ଡଳୀର କୋଷାଗୁମୁଡା,ଡାବୁଗାଁ, ପାପଡାହାଣ୍ଡି ବ୍ଲକର ବହୁ ବିଜେଡି ବରିଷ୍ଠ କର୍ମୀ ଓ ବହୁ କର୍ମକର୍ତ୍ତା ଉପସ୍ଥିତ ରହିଥିଲେ ଉପସ୍ଥିତ ସମସ୍ତ କର୍ମୀ ମାନଙ୍କୁ ବିଜେଡି ଉତ୍ତରୀୟ ଦେଇ ସ୍ୱାଗତ କରାଯାଇଥିଲା ।

ତିଥି : (ତୃତୀୟା) : (ହସ୍ତା କନ୍ୟା)
ଅମୃତବେଳା: ଦିବା ଘ.୭ ।୪୨ ମଧ୍ୟେ ଘ୪ ।୪୦ ଗତେ

## ଆଜିର ଅନୁଚିନ୍ତନ

ନିଜ କର୍ତ୍ତବ୍ୟ-କର୍ମ ଦ୍ୱାରା ତୁମ୍ଭେମାନେ ଦେବତାମାନଙ୍କୁ ଉନ୍ନତ କର ଏବଂ ଦେବଗଣ ନିଜ କର୍ତ୍ତବ୍ୟ ଦ୍ୱାରା ତୁମ୍ଭମାନଙ୍କୁ ଉନ୍ନତ କରନ୍ତୁ । ଏହି ପରସ୍ପରଙ୍କର ଉନ୍ନତି କରି ତୁମ୍ଭେମାନେ ପରମକଲ୍ୟାଣ ପ୍ରାପ୍ତ ହେବ ।।

- ଶ୍ରୀମଦ୍ ଭଗବଦ୍ ଗୀତା

# ଯୁଦ୍ଧ ବଢୁଛି, ବିପଦ ବଢୁଛି

ଚାଷୀ ଜଣଙ୍କର ନାଁ ପାହୋମ। ନିଜ ପାଖରେ ଯେତିକି ଜମିବାଡ଼ି ଥିଲା, ବେଶ୍ ଭଲରେ ଚଳୁଥିଲା । ଦିନେ ସେ ଶୁଣିଲା ତା' ସ୍ତ୍ରୀ ଓ ଶାଳୀ ଏକ ପ୍ରସଙ୍ଗରେ ଯୁକ୍ତିତର୍କ କରୁଛନ୍ତି। ଯୁକ୍ତିତର୍କର ସାରାଂଶ ଯେ ଛୋଟକାଟର ଜମିବାଡ଼ି ଅପେକ୍ଷା, ଫାର୍ମ ହାଉସ ଜମି ଭଲ। ଅଧିକ ଚାଷ, ଅଧିକ ଅମଳ, ଅଧିକ ସୁଖମୟ ଜୀବନ। ପାହୋମ ମନକୁ ଚଟ୍‌କିନା ଛୁଇଁଲା ଏ କଥା। ମନେ ମନେ ଭାବିଲା, ତାକୁ ବହୁତ ଜମି ମିଳିବା ଦରକାର। ଏ ଭାବନା ଆସିବା ମାତ୍ରେ, ସଇତାନ ଜାଣିଲା ଏ କଥା। ତାକୁ ଲୋଭ ଦେଖାଇଲା - ତୋତେ ମିଳିପାରିବ ବହୁତ ଜମି, ଯଦି ତୁ ସୂର୍ଯ୍ୟୋଦୟରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ଯେତେ ଯେତେ ଜାଗାରେ ଚାଲିକି ପହଞ୍ଚିପାରିବୁ। ସଇତାନ ଏକଥା କହି ଅନ୍ତର୍ଦ୍ଧାନ ହୋଇଗଲା। ପାହୋମ ଆଗପଛ ନ ବିଚାରି ତାହା ପରଦିନ ସୂର୍ଯ୍ୟୋଦୟରୁ ଯାତ୍ରା ଆରମ୍ଭ କଲା। ସୂର୍ଯ୍ୟାସ୍ତ ହେବାକୁ କିଛି ସମୟ ବାକି ଥାଏ। ଚାଲୁ ଚାଲୁ ହଠାତ୍ ଥକି ପଡ଼ିଲା ସେ। ତତ୍‌କ୍ଷଣାତ୍ ତାର ପ୍ରାଣବାୟୁ ଉଡ଼ିଗଲା। ଯେତେବେଳେ ତାକୁ କଫିନରେ କବର ଦିଆଗଲା ସେତେବେଳେ ତା ପାଇଁ ଲୋଡ଼ା ପଡ଼ିଲା, ମାତ୍ର ଛଅ ଫୁଟର ଜାଗା।

ପ୍ରସିଦ୍ଧ ଗାଳ୍ପିକ ଲିଓ ଟଲଷ୍ଟୟଙ୍କ ଏକ ଗଳ୍ପର ଇଏ ହେଉଛି ସଂକ୍ଷିପ୍ତରୂପ। ବିଶ୍ୱ ରାଜନୀତିରେ ଏବେ ଏକାଧିକ 'ପାହୋମ'ଙ୍କ ଆବିର୍ଭାବ ଘଟିଲାଣି। ସେମାନେ ନିଜ ନିଜ ପ୍ରଲୋଭନ ଓ ଅଜ୍ଞତାର ଯାତ୍ରା ଆରମ୍ଭ କରିଛନ୍ତି। ଅନ୍ତିମ ପରିଣତି ସଂପର୍କରେ ସେମାନେ ସମ୍ଭବତଃ ଅଜ୍ଞ ।

ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଯୁଦ୍ଧ ଜାରି କରିବା କ୍ଷମତା ସଂକ୍ରାନ୍ତରେ ରୋକ୍ ଦେବାଲାଗି ନିକଟରେ ୟୁଏସ୍ ସିନେଟ୍ ପକ୍ଷରୁ ଭୋଟିଂ କରାଯାଇଥିଲା। ଆଲୋଚ୍ୟ ଭୋଟିଂରେ ଇରାନ ଉପରେ ସାମରିକ ଅଭିଯାନ ସଂକ୍ରାନ୍ତରେ ଯେଉଁ ୫୩ଟି ଭୋଟ୍ ପଡ଼ିଥିଲା ସେଥିରୁ ୪୭ଟି ଥିଲା ଏହି ଅଭିଯାନ ବିରୋଧରେ। ଏଣେ ଗୁରୁବାର ସୁଦ୍ଧା ଯୁଦ୍ଧ ଷଷ୍ଠ ଦିନରେ ପହଞ୍ଚିସାରିଲାଣି। ଅଥଚ ଆମେରିକା ଓ ଇସ୍ରାଏଲ 'ଅପରେସନ ଏପିକ୍ ଫ୍ୟୁରି' ଇରାନର ୧୨୫୦ରୁ ଅଧିକ ସ୍ଥାନ ଚିହ୍ନଟ ପୂର୍ବକ ନିଶାଣ କରିସାରିଲାଣି । ଉଦ୍ଦେଶ୍ୟ : ଇରାନର ଆଣବିକ ତଥା ସାମରିକ ଭିତ୍ତିଭୂମିକୁ ଭଗ୍ନ କରିବା। ଆଞ୍ଚଳିକ ସ୍ଥିରତା ସୁନିଶ୍ଚିତ କରାଇବା ତଥା ଆଣବିକ ଅସ୍ତ୍ରଶସ୍ତ୍ର ହାସଲ କରିବା ଦିଗରେ ଇରାନକୁ ନିବୃତ୍ତ କରିବା ପାଇଁ ଟ୍ରମ୍ପ ତାଙ୍କର ଏହି ଅଭିଯାନକୁ 'ଶେଷ ସୁଯୋଗ' ଭାବରେ ଅଭିହିତ କଲେଣି। ଯଦିଓ ଇରାନ ପକ୍ଷରୁ କୌଣସି ଆଣବିକ କାର୍ଯ୍ୟକ୍ରମ ବିଶ୍ୱ ପ୍ରତି ଏଯାବତ୍ କ୍ଷତିକାରକ ହୋଇଥିବା ଘଟଣା ଆଦୌ ଘଟିନାହିଁ। ତେବେ ଇରାନ ନିଜ ଦେଶ ଉପରେ ହୋଇଥିବା ଆକ୍ରମଣ ପରିପ୍ରେକ୍ଷୀରେ ଧମକ ଦେଇଛି ଇସ୍ରାଏଲର ପ୍ରମୁଖ ଆଣବିକ ସ୍ଥଳ 'ଡିମୋନା ନ୍ୟୁକ୍' ସ୍ଥଳକୁ ନିଶାଣ କରିବ। ଇତିମଧ୍ୟରେ ଯୁଦ୍ଧରେ ପଶିଲାଣି ନାଟୋ। ପୂର୍ବରୁ ଟ୍ରମ୍ପ କହିସାରିଛନ୍ତି ୪ରୁ ୫ ସପ୍ତାହ ଯୁଦ୍ଧ ଜାରି ରହିପାରେ। ଯୁଦ୍ଧ ଜାରି ରଖିବେ ସେମାନେ, କିନ୍ତୁ ପରିଣାମ ଭୋଗିବେ ସାରା ବିଶ୍ୱବାସୀ। ଯୁଦ୍ଧ ଯେତିକି ବଢିଚାଲିଛି ଜଟିଳତା ତା' ସାଙ୍ଗକୁ ତାଳ ଦେଉଛି। ପରିବେଶ ଧୀରେ ଧୀରେ ବିଗିଡ଼ି ଚାଲିଛି। ବିଶ୍ୱ ବଜାରରେ ଦିନକୁ ଦିନ ଅସ୍ଥିରତା ବଢୁଛି। ବିଭିନ୍ନ ଦେଶରେ ମୁଦ୍ରାସ୍ଫୀତି ଅନିବାର୍ଯ୍ୟ ହେବାକୁ ବସିଲାଣି। ତୈଳ ଆଧାରିତ ଆର୍ଥିକ ଚାପରେ ବିଶ୍ୱ ଅସନ୍ତୁଳିତ ହେବା ଏକ ପ୍ରକାର ଅବଧାରିତ। ତଥାକଥିତ 'ପାହୋମ'ମାନେ ବେପରୁଆ ହୋଇ ରହିଛନ୍ତି। ଯୁଦ୍ଧ ନୁହେଁ, ବିଶ୍ୱ ପାଇଁ ଲୋଡ଼ା ଶାନ୍ତିପୂର୍ଣ୍ଣ ସହାବସ୍ଥାନ। ଆପୋସ ବୁଝାମଣା । ଆଲୋଚନା ଦ୍ୱାରା ସବୁକିଛି ସମ୍ଭବ ହୋଇପାରିବ। ଏ ପରିପ୍ରେକ୍ଷୀରେ ଭାରତ ସତର୍କତାର ସହ ନିରପେକ୍ଷ ତଥା ଦୂରଦର୍ଶୀ ପଦକ୍ଷେପ ନେବା ଦରକାର, ଯାହା ବିଶ୍ୱ ପାଇଁ ଯୁଦ୍ଧର ଅନ୍ତରେ ସହାୟତା କରିବ।

# ଇରାନ ବିରୋଧରେ ମିଳିତ ଆକ୍ରମଣ: ଭାରତର ପ୍ରତିକ୍ରିୟା !

**ଅସିତ ମହାନ୍ତି**

> **କିଛି ବିଶ୍ଳେଷକ ଯୁକ୍ତି ଦିଅନ୍ତି ଯେ ଆମେରିକା-ଇରାନ ଉତ୍ତେଜନା ପଛରେ ଥିବା ମୁଖ୍ୟ କାରଣ ଶାସନ ପରିବର୍ତ୍ତନର କାହାଣୀ କିମ୍ବା ପରମାଣୁ ବିତର୍କ ବାହାରେ। ଧ୍ୟାନ ଆକର୍ଷଣ କରୁଥିବା ଏକ ଦୃଷ୍ଟିକୋଣ ଇରାନ ପାଖରେ ଥିବା ପ୍ରାକୃତିକ ସମ୍ପଦର ପରିମାଣ ଉପରେ କେନ୍ଦ୍ରିତ। ଏଠାରେ ଇରାନ ପାଖରେ ଯାହା ଅଛି: ୨୦୮ ବିଲିୟନ ବ୍ୟାରେଲ ଅଶୋଧିତ ତେଲ - ବିଶ୍ୱସ୍ତରରେ ସର୍ବବୃହତ ସଂରକ୍ଷଣ ମଧ୍ୟରେ। ୧,୨୦୦ ଟ୍ରିଲିୟନ ଘନଫୁଟ ପ୍ରାକୃତିକ ଗ୍ୟାସ - ବିଶ୍ୱର ଶ୍ରେଷ୍ଠ ସଂରକ୍ଷଣ ମଧ୍ୟରୁ ଗୋଟିଏ। ୩୨୦ ମେଟ୍ରିକ ଟନ୍ ସୁନା - ରୂପା, ତମ୍ବା, ଲୁହା ଖଣିଜ, ଲିଥିୟମ, ଜିଙ୍କ ଏବଂ ଅନ୍ୟାନ୍ୟ ରଣନୈତିକ ଖଣିଜର ଗୁରୁତ୍ୱପୂର୍ଣ୍ଣ ଗଚ୍ଛିତ।**

ଇରାନ ବିରୋଧରେ ଇସ୍ରାଏଲ-ଆମେରିକୀୟ ମିଳିତ ଆକ୍ରମଣ ବିଷୟରେ ଆଲୋଚନା ଭାରତୀୟ ପ୍ରଧାନମନ୍ତ୍ରୀଙ୍କ ଇସ୍ରାଏଲ ଗସ୍ତ ସହିତ ଆରମ୍ଭ ହେବା ଉଚିତ। ଭାରତୀୟ ସାମାଜିକ ଗଣମାଧ୍ୟମ ରିପୋର୍ଟ କରୁଥିଲା ଯେ, ଇରାନ, ଆମେରିକା ଏବଂ ଇସ୍ରାଏଲ ମଧ୍ୟରେ ଯୁଦ୍ଧର ଆଶଙ୍କାକୁ ଦୃଷ୍ଟିରେ ରଖି, ଭାରତୀୟ ପ୍ରଧାନମନ୍ତ୍ରୀ କାହିଁକି ଇସ୍ରାଏଲ ଯାତ୍ରା କରୁଛନ୍ତି ? ଏହି ଘଟଣାକୁ ନିକଟରୁ ଦେଖିବା କିଛି ସନ୍ଦେହ ସୃଷ୍ଟି କରେ। ପ୍ରଥମେ, ଇସ୍ରାଏଲ ପ୍ରଧାନମନ୍ତ୍ରୀ ଟ୍ରମ୍ପଙ୍କୁ ଭେଟିବା ପାଇଁ ଆମେରିକା ଯାତ୍ରା କରନ୍ତି। ଫେରିବା ପରେ, ଇସ୍ରାଏଲ ଘୋଷଣା କରେ ଯେ ଭାରତୀୟ ପ୍ରଧାନମନ୍ତ୍ରୀ ଇସ୍ରାଏଲ ଗସ୍ତ କରିବେ । ଭାରତର ପ୍ରଧାନମନ୍ତ୍ରୀ ସ୍ୱଦେଶ ଫେରିବାର ଠିକ୍ ଗୋଟିଏ ଦିନ ପରେ ଆମେରିକା - ଇସ୍ରାଏଲ ମିଳିତ ଭାବେ ଇରାନ ଉପରେ ଆକ୍ରମଣ (୨୮ ତାରିଖ) ଆରମ୍ଭ କରିଥିଲେ।

ଏଠାରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହେଉଛି ଯେ ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଖାମେନିଙ୍କୁ ହତ୍ୟା କରାଯାଇଛି। ସମଗ୍ର ବିଶ୍ୱ ଏଥିରେ ଆଶ୍ଚର୍ଯ୍ୟ ଚକିତ। ବ୍ରିଟେନ ଏବଂ ଫ୍ରାନ୍ସ ଏହି ଯୁଦ୍ଧରେ ଯୋଗ ଦେବାକୁ ରାଜି ହୋଇଛନ୍ତି। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଏହା ପ୍ରଥମ ବହୁରାଷ୍ଟ୍ରୀୟ ଯୁଦ୍ଧ। ଏହା ମଧ୍ୟରେ ଗଣହତ୍ୟା ଘଟୁଛି। ରାଷ୍ଟ୍ରଗୁଡ଼ିକର ସାର୍ବଭୌମତ୍ୱ ବିପଦରେ ପଡ଼ିଛି। ଏପରି ସମୟରେ, ଭାରତର ପ୍ରଧାନମନ୍ତ୍ରୀ ନୀରବ ରହିଛନ୍ତି। ସେହି ସମୟରେ, ମଧ୍ୟପ୍ରାଚ୍ୟରେ ୧୦ ନିୟୁତ ଲୋକ ଫସି ରହିଛନ୍ତି। ସେମାନଙ୍କ ପାଇଁ କିଛି ଠୋସ୍ ନାହିଁ। ଖାମେନିଙ୍କ ମୃତ୍ୟୁର ଗୋଟିଏ ଦିନ ପରେ, ତାଙ୍କ କ୍ୟାବିନେଟ କମିଟିର ଏକ ସୁରକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକ ଗୋଟିଏ ଦିନ ଧରି ଚାଲିଥିଲା। ତଥାପି, ଏହି ବୈଠକରେ ଖାମେନିଙ୍କ ମୃତ୍ୟୁ ପାଇଁ ଗୋଟିଏ ବି ଶୋକ ବାର୍ତ୍ତା ଜାରି କରାଯାଇ ନଥିଲା, ଯିଏ ସର୍ବଦା ପ୍ରତ୍ୟେକ ମଞ୍ଚରେ କାଶ୍ମୀର ପ୍ରସଙ୍ଗରେ ଭାରତକୁ ସମର୍ଥନ କରିଆସିଛି। ଭାରତ ସହିତ ଇରାନର ସମ୍ପର୍କ ବହୁତ ପୁରୁଣା। ଭାରତ ସହିତ ସାଂସ୍କୃତିକ ଏବଂ ସଭ୍ୟତାଗତ ସମ୍ପର୍କ ରହିଛି। ଆଜି ମଧ୍ୟ, ଇରାନରେ ବିବେକାନନ୍ଦ ସଂସ୍କୃତି ରହିଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସାଉଦି ଆରବ ଉପରେ ସମ୍ପ୍ରତି ଇରାନ ଆକ୍ରମଣକୁ ନିନ୍ଦା କରି ଏହାକୁ ସାର୍ବଭୌମତ୍ୱ ଏବଂ କ୍ଷେତ୍ରୀୟ ଅଖଣ୍ଡତାର ଉଲ୍ଲଂଘନ ବୋଲି କହିଛନ୍ତି। ସେ ସାଉଦି ଯୁବରାଜ ମହମ୍ମଦ ବିନ୍ ସଲମାନଙ୍କ ସହ ପଶ୍ଚିମ ଏସିଆ ସଙ୍କଟ ବୃଦ୍ଧି ପାଉଥିବା ନେଇ ଆଲୋଚନା କରିଛନ୍ତି ଏବଂ ବାହାରିନର ରାଜା ହମାଦ ବିନ୍ ଇସା ଅଲ୍ ଖଲିଫାଙ୍କ ସହ ପୃଥକ ଭାବରେ କଥା ହୋଇଛନ୍ତି। ଆମେରିକା-ଇସ୍ରାଏଲ ଇରାନ ଉପରେ ଆକ୍ରମଣ କରିବା ପରେ ଏହି ଆହ୍ୱାନ ଦିଆଯାଇଛି ଯେଉଁଥିରେ ପୂର୍ବତନ ସର୍ବୋଚ୍ଚ ନେତା ଆୟତୋଲ୍ଲା ଅଲି ଖାମେନିଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି, ଫଳରେ ତେହେରାନ ଇସ୍ରାଏଲ ଏବଂ ଅନେକ ଉପସାଗରୀୟ ଦେଶ ଉପରେ ପ୍ରତିଶୋଧମୂଳକ କ୍ଷେପଣାସ୍ତ୍ର ଆକ୍ରମଣ କରିଥିଲା। କତାର ଏବଂ ସାଉଦି ଆରବର ଏକ ଗ୍ୟାସ୍ ପ୍ଲାଣ୍ଟ ଉପରେ ମଧ୍ୟ ନୂତନ ଇରାନୀ ଆକ୍ରମଣ ରିପୋର୍ଟ ହୋଇଛି। ମୋଦି ଆଞ୍ଚଳିକ ଶାନ୍ତି ଏବଂ ସ୍ଥିରତା ଫେରାଇ ଆଣିବାର ଜରୁରୀ ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି । ଭାରତୀୟ ସମ୍ପ୍ରଦାୟର ସୁରକ୍ଷା ଏବଂ କଲ୍ୟାଣ ସୁନିଶ୍ଚିତ କରିବା ପାଇଁ ସାଉଦି ଆରବ ଏବଂ ବାହାରିନକୁ ଧନ୍ୟବାଦ ଜଣାଇଛନ୍ତି। ଏହା ଦୁଃଖଦ ଯେ ପ୍ରଧାନମନ୍ତ୍ରୀ ଇସ୍ରାଏଲ ଏବଂ ଆମେରିକାର ଦୁଷ୍କର୍ମ ବିଷୟରେ ଗୋଟିଏ ବି ଶବ୍ଦ କହି ନାହାନ୍ତି। ସମସ୍ତେ ଜାଣନ୍ତି ଯେ ଇରାନ ଯୁଦ୍ଧ ସପକ୍ଷରେ ନ ଥିଲା। ଇସ୍ରାଏଲ ଏବଂ ଆମେରିକା ଇରାନ ଉପରେ ବିନା ପ୍ରରୋଚନାରେ ଆକ୍ରମଣ କରିଥିଲେ। ଏପରି ପରିସ୍ଥିତିରେ, ଭାରତ ଆମେରିକା ଏବଂ ଇସ୍ରାଏଲ ସପକ୍ଷରେ ପ୍ରତିକ୍ରିୟା ଦେଇଛି, ଯାହା ସେମାନଙ୍କୁ ଆହୁରି ମଜଭୁତ କରିଛି। ଆମେରିକା ମଧ୍ୟ ଏହା ଚାହୁଁଛି। ଏହା ମନେ ରଖିବା ଗୁରୁତ୍ୱପୂର୍ଣ୍ଣ ଯେ ଆମେରିକା ଏବଂ ଇସ୍ରାଏଲ ମିଳିତ ଭାବରେ ଇରାନ ଉପରେ ଆକ୍ରମଣ କରିଥିଲେ, ଯାହା ଏକ ଦେଶ ଯାହା ଟେକ୍ନୋଲୋଜି ଦୃଷ୍ଟିରୁ ଉନ୍ନତ। ତଥାପି, ଏହା ମଧ୍ୟ ସତ୍ୟ ଯେ ଇରାନ ଏକକାଳୀନ ଆଠଟି ଦେଶ ଉପରେ ଆକ୍ରମଣ କରିଥିଲା: ଇସ୍ରାଏଲ, ବାହାରିନ, ୟୁଏଇ, କତାର, ସାଉଦି ଆରବ, ଜୋର୍ଡାନ, କୁଏତ ଏବଂ ଇରାକ। ତେବେ, କିଏ ଅଧିକ ଶକ୍ତିଶାଳୀ ?

କିନ୍ତୁ ଏଠାରେ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ହେଉଛି ଯେ ଆମେରିକା ଏବଂ ଇସ୍ରାଏଲ କାହିଁକି ଇରାନ ପଛରେ ପଡିଛନ୍ତି ? ଏହା ବୁଝିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଆମେରିକା ଏବଂ ଇସ୍ରାଏଲ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା କେବଳ ପରମାଣୁ ଚୁକ୍ତି ବିଷୟରେ ନୁହେଁ, ବରଂ ଇସ୍ରାଏଲର ପ୍ରାକୃତିକ ସମ୍ପଦ ବିଷୟରେ ମଧ୍ୟ। କାରଣ, ଆମେରିକା ୨୨ ଜୁନ୍ ୨୦୨୫ ରାତିରେ (ସ୍ଥାନୀୟ ସମୟ ପ୍ରତ୍ୟୁଷରେ) ଇରାନର ପରମାଣୁ ସ୍ଥାନ ଉପରେ ବୋମା ପକାଇଥିଲା। ଏହି ଆକ୍ରମଣକୁ 'ଅପରେସନ୍ ମିଡନାଇଟ୍ ହାମ' ନାମ ଦିଆଯାଇଥିଲା। ଆମେରିକା ଇରାନର ତିନୋଟି ପ୍ରମୁଖ ପରମାଣୁ ସ୍ଥାନ - ଫୋର୍ଡୋ, ନାଟାଞ୍ଜ ଏବଂ ଇସଫାହାନକୁ ଟାର୍ଗେଟ କରିଥିଲା ଏବଂ କହିଥିଲା ଯେ ଏହା ଇରାନର ପରମାଣୁ ସ୍ଥାନକୁ ଧ୍ୱଂସ କରିଦେଇଛି। ଯଦି ଏହା ସତ୍ୟ, ତେବେ ଆମେରିକା ଏବଂ ଇସ୍ରାଏଲ କାହିଁକି ଇରାନକୁ ପଛରେ ପଡିଛନ୍ତି ? ସତ୍ୟ ଅନ୍ୟ କିଛି।

କିଛି ବିଶ୍ଳେଷକ ଯୁକ୍ତି ଦିଅନ୍ତି ଯେ ଆମେରିକା-ଇରାନ ଉତ୍ତେଜନା ପଛରେ ଥିବା ମୁଖ୍ୟ କାରଣ ଶାସନ ପରିବର୍ତ୍ତନର କାହାଣୀ କିମ୍ବା ପରମାଣୁ ବିତର୍କ ବାହାରେ। ଧ୍ୟାନ ଆକର୍ଷଣ କରୁଥିବା ଏକ ଦୃଷ୍ଟିକୋଣ ଇରାନ ପାଖରେ ଥିବା ପ୍ରାକୃତିକ ସମ୍ପଦର ପରିମାଣ ଉପରେ କେନ୍ଦ୍ରିତ। ଏଠାରେ ଇରାନ ପାଖରେ ଯାହା ଅଛି: ୨୦୮ ବିଲିୟନ ବ୍ୟାରେଲ ଅଶୋଧିତ ତେଲ - ବିଶ୍ୱସ୍ତରରେ ସର୍ବବୃହତ ସଂରକ୍ଷଣ ମଧ୍ୟରେ। ୧,୨୦୦ ଟ୍ରିଲିୟନ ଘନଫୁଟ ପ୍ରାକୃତିକ ଗ୍ୟାସ - ବିଶ୍ୱର ଶ୍ରେଷ୍ଠ ସଂରକ୍ଷଣ ମଧ୍ୟରୁ ଗୋଟିଏ। ୩୨୦ ମେଟ୍ରିକ ଟନ୍ ସୁନା - ରୁପା, ତମ୍ବା, ଲୁହା ଖଣିଜ, ଲିଥିୟମ, ଜିଙ୍କ ଏବଂ ଅନ୍ୟାନ୍ୟ ରଣନୈତିକ ଖଣିଜର ଗୁରୁତ୍ୱପୂର୍ଣ୍ଣ ଗଚ୍ଛିତ। ମିଳିତ ଆକଳନ ଅନୁଯାୟୀ ଏହି ସମ୍ପଦଗୁଡ଼ିକର ସମ୍ଭାବ୍ୟ ମୂଲ୍ୟ ୨୭ ଟ୍ରିଲିୟନ ଡଲାରରୁ ଅଧିକ - ଅନେକ ପ୍ରମୁଖ ଅର୍ଥନୀତିର ଜିଡିପି ଠାରୁ ଅଧିକ। ବିଶ୍ୱ ଭୂରାଜନୀତିରେ, ଶକ୍ତି ଏବଂ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ଉପରେ ନିୟନ୍ତ୍ରଣ ଅର୍ଥନୈତିକ, ରଣନୈତିକ ଏବଂ କୂଟନୈତିକ ଲାଭ। ସମ୍ପଦ-ସମୃଦ୍ଧ ରାଷ୍ଟ୍ରଗୁଡ଼ିକ ପ୍ରାୟତଃ ପ୍ରମୁଖ ଶକ୍ତି ପ୍ରତିଦ୍ୱନ୍ଦ୍ୱିତାର କେନ୍ଦ୍ରରେ ବସିଥାନ୍ତି। ସମ୍ପଦ ପ୍ରାଥମିକ କାରକ ହେଉ କି ନହୁଏ, ଗୋଟିଏ କଥା ସ୍ପଷ୍ଟ: ଶକ୍ତି ସୁରକ୍ଷା ଏବଂ ଖଣିଜ ପ୍ରାଧାନ୍ୟ ୨୧ ଶତାବ୍ଦୀର ବିଶ୍ୱ ରଣନୀତିର କେନ୍ଦ୍ରବିନ୍ଦୁ ରହିଥାଏ। ଆଧୁନିକ ସଂଘର୍ଷରେ, ସମ୍ପଦ ଉପରେ ପ୍ରଭାବ ସାମରିକ ଶକ୍ତି ପରି ଶକ୍ତି ସନ୍ତୁଳନକୁ ମଧ୍ୟ ଆକାର ଦେଇପାରେ।

ଏହା ଉଲ୍ଲେଖନୀୟ ଯେ ଆମେରିକା ଏବଂ ଇସ୍ରାଏଲ ଉଭୟ ଖାମେନିଙ୍କୁ ହତ୍ୟା କରିବା ଏବଂ ତୁରନ୍ତ ଇରାନରେ ନିଜସ୍ୱ ସରକାର ସ୍ଥାପନ କରିବାକୁ ଯୋଜନା କରିଥିଲେ। କିନ୍ତୁ, ଏହା ଓଲଟା ଫଳ ଦେଇଥିଲା। ପ୍ରକୃତରେ, ପୂର୍ବରୁ ଖାମେନିଙ୍କୁ ବିରୋଧ କରୁଥିବା ଇରାନୀ ଲୋକମାନେ ଏବେ ଖାମେନିଙ୍କ ପକ୍ଷରେ ରାସ୍ତାକୁ ବାହାରି ଆସିଛନ୍ତି । ଖାମେନିଙ୍କ ସ୍ଥାନରେ ନୂଆ ନେତା ମଧ୍ୟ ବାଛି ସାରିଛନ୍ତି । ଏହା ଆମେରିକାକୁ ଚିନ୍ତାରେ ପକାଇଛି। ଏହା ଅଧିକନ୍ତୁ, ଆମେରିକାରେ ଅନେକ ଲୋକ ଟ୍ରମ୍ପଙ୍କ ବିରୁଦ୍ଧରେ ପ୍ରତିବାଦ କରିବାକୁ ରାସ୍ତାକୁ ଓହ୍ଲାଇଛନ୍ତି। ଏହା ଟ୍ରମ୍ପଙ୍କ ପାଇଁ ଏକ ବଡ଼ ମୁଣ୍ଡବିନ୍ଧାର କାରଣ, ବିଶେଷକରି ସେପ୍ଟେମ୍ବରରେ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନକୁ ଦୃଷ୍ଟିରେ ରଖି। ଟ୍ରମ୍ପଙ୍କ ପାଇଁ ଏକାକୀ ହେବା ସ୍ୱାଭାବିକ।

ଏହାର ଅର୍ଥ ହେଉଛି ଆମେରିକାର ନିଷ୍ପତ୍ତି ଭୁଲ ଥିଲା, ଏବଂ ଇସ୍ରାଏଲ ପାଇଁ ମଧ୍ୟ ସମାନ ପ୍ରଯୁଜ୍ୟ। କିନ୍ତୁ ମୁଖ୍ୟ କଥା ହେଉଛି ଯେ ଇରାନ ପ୍ରତି ଭାରତର ନକାରାତ୍ମକ ମନୋଭାବ ନକାରାତ୍ମକ, ଯାହା ଭବିଷ୍ୟତରେ ଭାରତ ପାଇଁ ସମସ୍ୟା ସୃଷ୍ଟି କରିପାରେ। ପ୍ରଧାନମନ୍ତ୍ରୀ ଯେତେବେଳେ ଇସ୍ରାଏଲରେ ଥିଲେ ଏବଂ ଇସ୍ରାଏଲ ସଂସଦରେ ତାଙ୍କ ବିବୃତିରେ, ସେ ଗାଜାରେ ଇସ୍ରାଏଲୀ ଆକ୍ରମଣରେ ପ୍ରାଣ ହରାଇଥିବା ୭୦,୦୦୦ ଲୋକଙ୍କ ବିଷୟରେ କିଛି କହି ନଥିଲେ। ବରଂ କହିଥିଲେ, ଭାରତ ଇସ୍ରାଏଲ ସହିତ ଠିଆ ହୋଇଛି।

ସୁଜନପୁର, ଯାଜପୁର
ମୋ-୯୪୩୭୨୮୮୦୨୮

# ଏନ୍‌ସିଇଆରଟି ପାଇଁ ଶିକ୍ଷା

**ସୌଭାଗ୍ୟ ରଂଜନ ମହାନ୍ତି**

ନ୍ୟାସନାଲ କାଉନସିଲ ଅଫ ଏଜୁକେସନାଲ ରିସର୍ଚ୍ଚ ଆଣ୍ଡ ଟ୍ରେନିଂ (ଏନସିଇଆରଟି) ଦ୍ୱାରା ପ୍ରକାଶିତ ଅଷ୍ଟମଶ୍ରେଣୀ ସାମାଜିକ ବିଜ୍ଞାନ ବହିରେ ଏକ ବିବାଦୀୟ ବିଷୟ କେବଳ ନ୍ୟାୟାପାଳିକାକୁ କ୍ରୋଧିତ କରିନାହିଁ, କେନ୍ଦ୍ର ସରକାରଙ୍କୁ ମଧ୍ୟ ଅସୁବିଧାରେ ପକାଇଛି। ସୁପ୍ରିମକୋର୍ଟ ଅଷ୍ଟମ ଶ୍ରେଣୀ ସାମାଜିକ ବିଜ୍ଞାନ ବହିକୁ ନିଷିଦ୍ଧ ବା ସଙ୍ଗେ ସଙ୍ଗେ ପାଠ୍ୟପୁସ୍ତକରେ ନ୍ୟାୟପାଳିକାରେ ଦୁର୍ନୀତି ଉପରେ ଏକ ଅଧ୍ୟାୟ ସ୍ଥାନିତ କରିବା ଏକ ଯୋଜନାବଦ୍ଧ ଷଡଯନ୍ତ୍ର ବୋଲି ଦର୍ଶାଇଛନ୍ତି। ଏହି ବିବାଦୀୟ ବିଷୟ ନେଇ ଏନସିଇଆରଟି କ୍ଷମା ପ୍ରାର୍ଥନା କରିଥିବାବେଳେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦୁଃଖ ପ୍ରକାଶ କରିବା ସହ ଏହି ବିବାଦୀୟ ପ୍ରସଙ୍ଗ ପାଠ୍ୟପୁସ୍ତକରେ ସ୍ଥାନିତ କରିଥିବା ବ୍ୟକ୍ତିମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କହିଛନ୍ତି। ଏପରିକି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ଗଭୀର ଅସନ୍ତୋଷ ପ୍ରକାଶ କରିଛନ୍ତି।

ଉଲ୍ଲେଖ କରାଯାଇପାରେ ଯେ, ଏନସିଇଆରଟି ପକ୍ଷରୁ ଅଷ୍ଟମଶ୍ରେଣୀ ସାମାଜିକ ବିଜ୍ଞାନ ପୁସ୍ତକ ଏକ୍ସପ୍ଲୋରଂ ସୋସାଇଟି-ଇଣ୍ଡିଆ ଆଣ୍ଡ ବିୟଣ୍ଡ-ପାର୍ଟ-୨ ସୋମବାର ପ୍ରକାଶ ପାଇଥିଲା। ପୁସ୍ତକର ଗୋଟିଏ ବିଷୟ ଦି ରୋଲ ଅଫ ଦି ଜୁଡିସିୟାରୀ ଇନ ଆୱାର ସୋସାଇଟିରେ ନ୍ୟାୟାପାଳିକା ବିଭାଗ ସମ୍ମୁଖୀନ ହେଉଥିବା ବିଭିନ୍ନ ଆହ୍ୱାନ ବିଷୟରେ ଉଲ୍ଲେଖ ରହିଛି । ଯେପରିକି କି ଅଦାଲତ ଗୁଡିକରେ ଲକ୍ଷ ଲକ୍ଷ ମାମଲା ବିଚାରାଧୀନ ଅବସ୍ଥାରେ ପଡି ରହିବା, ଜଟିଳ ନ୍ୟାୟପାଳିକା ବ୍ୟବସ୍ଥା, ନ୍ୟାୟାଳୟରେ ବିଚାରପତି ଅଭାବ ଓ ଭିତ୍ତିଭୂମିର ଅଭାବ ଓ ଦୁର୍ନୀତି ଭଳି ବିଷୟ ପୁସ୍ତକରେ ଉଲ୍ଲେଖ କରାଯାଇଛି। ସୁପ୍ରିମକୋର୍ଟର ଦୁଇଜଣ ବରିଷ୍ଠ ଆଇନଜୀବୀଙ୍କ ଠାରୁ ଏ ସମ୍ପର୍କରେ ଅବଗତ ହେବା ପରେ ଅଦାଲତ ନିଜ ଆଡୁ ମାମଲା ରୁଜୁ କରି ଏହାର ଶୁଣାଣି କରିଛନ୍ତି। ଶୁଣାଣି ଶେଷ ନ ହେବା ପର୍ଯ୍ୟନ୍ତ ଅଦାଲତ ମାମଲାକୁ ବନ୍ଦ କରିବେ ନାହିଁ ବୋଲି ପ୍ରଧାନବିଚାରପତି ସ୍ପଷ୍ଟ କରିଛନ୍ତି। ଏହା ନିଃସନ୍ଦେହ ଯେ, ଅଦାଲତ ସେମାନଙ୍କର କ୍ଷମତା ସମ୍ବିଧାନ ଏବଂ ଜନସାଧାରଣଙ୍କ ଆସ୍ଥା ଓ ବିଶ୍ୱାସରୁ ପ୍ରାପ୍ତ ହୋଇଛନ୍ତି। ନ୍ୟୟପାଳିକା ପଦ୍ଧତିଗତ ଦୁର୍ନୀତିଗ୍ରସ୍ତ ଭାବେ ଯେକୌଣସି କଥିତ ବା ଲିଖିତ ବିବରଣୀ, ବିଶେଷ କରି ସହଜରେ ପ୍ରଭାବିତ ଛାତ୍ରଛାତ୍ରୀମାନଙ୍କୁ ନ୍ୟାୟାଳୟର ବିଶ୍ୱାସକୁ କ୍ଷୁଣ୍ଣ କରିବ। ନ୍ୟାୟାଳୟର ଚ୍ୟାଲେଞ୍ଜ ଏବଂ ସଂସ୍କାରଗୁଡିକ ଜାତୀୟ ବିତର୍କ, ଅଦାଲତ ପ୍ରକୋଷ୍ଠ, ପାର୍ଲିଆମେଣ୍ଟ ଏବଂ ଗଣମାଧ୍ୟମରେ ଦୀର୍ଘ ବର୍ଷ ବର୍ଷ ଧରି ବିତର୍କ ହୋଇଆସୁଛି। ଏହା ସତ୍ୟ ଯେ, ଶ୍ରେଣୀ କକ୍ଷରେ କୋମଳମତି କିଶୋର କିଶୋରୀ ମଧ୍ୟ ଏନେଇ ଆଲୋଚନା ଯଥାର୍ଥ ପ୍ଲାଟଫର୍ମ ନୁହେଁ। ନ୍ୟାୟାଳୟ ଓ ବିଚାରପତିଙ୍କ ସମ୍ପର୍କରେ ଶିକ୍ଷଣୀୟ ବିଷୟ ଛାତ୍ରଛାତ୍ରୀ ଜାଣିବା ଉଚିତ। ତେବେ ନ୍ୟାୟାପାଳିକାରେ ଦୁର୍ନୀତିକୁ ଏଥିରେ ସ୍ୱତନ୍ତ୍ର ଗୁରୁତ୍ୱ ଦେବା ଫଳରେ ବିଚାରପତି ଓ ନ୍ୟାୟାପଳିକାର ଭାବମୂର୍ତ୍ତି କ୍ଷୁଣ୍ଣ ସ୍ୱାଭାବିକ। ଏହା ନିଶ୍ଚିତ ଯେ, ଦେଶରେ ବିଭିନ୍ନ ସ୍ତରରେ ଦୁର୍ନୀତିର ଚେର ମାଡି ଚାଲିଛି ରାଜନେତା ଲୋକପ୍ରତିନିଧି, ମନ୍ତ୍ରୀ, ଅଫିସର ଏବଂ ତଦନ୍ତକାରୀ ସଂସ୍ଥାଙ୍କ ବିରୁଦ୍ଧରେ ଗୁରୁତର ଦୁର୍ନୀତି ଅଭିଯୋଗ ହେଉଛି। ଅନେକ ଦୋଷୀ ସାବ୍ୟସ୍ତ ହୋଇ ଦଣ୍ଡିତ ହେଉଛନ୍ତି। ଗତବର୍ଷ ଦିଲ୍ଲୀ ହାଇକୋର୍ଟର ଜଣେ ବିଚାରପତିଙ୍କ ଆଉଟ୍ ହାଉସରୁ ଦରପୋଡା ୧୫କୋଟି ଟଙ୍କା ଜବତ ହେବାପରେ ସୁପ୍ରିମକୋର୍ଟ ଏହା ଉପରେ କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଏପରିକି ନ୍ୟାୟାଳୟରେ ଦୁର୍ନୀତି ଓ ମନ୍ଦ ଆଚରଣ ନେଇ ଅବସରପ୍ରାପ୍ତ ପ୍ରଧାନ ବିଚାରପତି ବି.ଆର.ଗଭାଇ କ୍ଷୋଭ ପ୍ରକାଶ କରିଥିଲେ। ବିଭିନ୍ନ କ୍ଷେତ୍ରରେ ଦୁର୍ନୀତିର ଚେର ମାଡି ଚାଲିଥିବାବେଳେ ପାଠ୍ୟ ପୁସ୍ତକରେ କେବଳ ନ୍ୟାୟାପାଳିକାର ଦୁର୍ନୀତି ପ୍ରସଙ୍ଗ ସ୍ଥାନିତ ହେବା ସନ୍ଦେହ ସୃଷ୍ଟି କରେ।

ଏହା ନିଃସନ୍ଦେହ ଯେ, ସୁସ୍ଥ ଗଣତନ୍ତ୍ର ପାଇଁ ତିନି ଅଙ୍ଗ କାର୍ଯ୍ୟାପାଳିକା, ବିଧାନପାଳିକା ଓ ନ୍ୟାୟାପାଳିକା ମଧ୍ୟରେ ମୈତ୍ରୀର ସମ୍ପର୍କ ଏକାନ୍ତ ଅପରିହାର୍ଯ୍ୟ। ଏଥିରୁ ଏନସିଇଆରଟି କିଛି ଶିକ୍ଷା କରିବ ବୋଲି ଆଶା କରାଯାଏ।

ମୋ-୯୪୩୭୯୯୪୩୭୯

# ରାଷ୍ଟ୍ର ବିକାଶରେ ନାରୀଶକ୍ତି

**କିଶୋର ଚନ୍ଦ୍ର ବେହେରା**

> ଉଚ୍ଚଶିକ୍ଷିତା ଥିବା ସତ୍ତ୍ୱେ ସନ୍ତୋଷଜନକ ନିଯୁକ୍ତି ନ ପାଇ ଅଧିକାଂଶ ମହିଳା ଘରର ଚାରି କାନ୍ଥ ଭିତରେ ପେଶି ହେଉଛନ୍ତି । ନିର୍ଯାତିତା ହେଉଥିବା ନେଇ ମଧ୍ୟ ବହୁ ନଜିର ରହିଛି । ତେବେ, ସମାଜରେ ଏଭଳି ମହିଳା ମଧ୍ୟ ଅଛନ୍ତି, ଯେଉଁମାନେ ନିଜର ନିଷ୍ଠା, ଆତ୍ମବିଶ୍ୱାସ ବଳରେ ସ୍ୱାବଲମ୍ବୀ ହୋଇ ଅନ୍ୟ ପାଇଁ ପ୍ରେରଣା ପାଲଟୁଛନ୍ତି । ମହିଳାଙ୍କ ସୁରକ୍ଷା ପାଇଁ ମଧ୍ୟ ଆମ ଦେଶରେ ବିଭିନ୍ନ ପ୍ରକାରର ଆଇନର ପ୍ରଚଳନ ରହିଛି । ଆତ୍ମନିର୍ଭର ପାଇଁ ପ୍ରତ୍ୟେକ ମହିଳାଙ୍କର ଶିକ୍ଷା ଗ୍ରହଣ କରିବାର ଅଧିକାର ରହିଛି । ମହିଳାମାନଙ୍କୁ ଏଥିରୁ ବଞ୍ଚିତ ରଖିବା ଅପରାଧ । ଏଥିପାଇଁ ଲୋକଙ୍କ ମାନସିକତାରେ ପରିବର୍ତ୍ତନ ଆସିବା ଜରୁରୀ ।

ଜଣେ ନାରୀ ତା' ଜୀବନ କାଳରେ ବହୁ ଭୂମିକା ତୁଲାଇ ଥାଏ । କେବେ ମା ହୋଇ, କେବେ ଭଉଣୀ ହୋଇ, ତ ଆଉ କେବେ ସ୍ତ୍ରୀ ହୋଇ । ନାରୀ , ଈଶ୍ୱରଙ୍କ ଏକ ଅନବଦ୍ୟ ସୃଷ୍ଟି । ନିଃସର୍ତ୍ତ ମମତାର ନିରୋଳା ନିର୍ଝରିଣୀ । ଅବିରତ ସେବାର ସଂଜୀବନୀ ସୁଧା ସିଞ୍ଚି ସାରା ବିଶ୍ୱକୁ କରେ ମଧୂମୟ । ହେଲେ ଆବଶ୍ୟକ ପଡିଲେ ହାତରେ ଅସ୍ତ୍ର ଧରି କରିପାରେ ସଂହାର । ପୁରାଣ ଇତିହରସ ଏହାର ମୁକସାକ୍ଷୀ । ଆମ ଦେଶର ମୋଟ ଜନସଂଖ୍ୟାର ପ୍ରାୟ ଅର୍ଦ୍ଧେକ ହେଉଛନ୍ତି ନାରୀ । ନାରୀକୁ ହିଁ ନେଇ ଏ ସମାଜ । ଆମ ଦେଶରେ ନାରୀଙ୍କୁ ଦେବୀର ଆଖ୍ୟା ଦିଆ ଯାଇଛି । ନାରୀକୁ ନେଇ ଅତୀତରେ ମହାଭାରତ, ରାମାୟଣ ପରି ଅନେକ ଯୁଦ୍ଧ ଘଟି ଯାଇଛି । କେବଳ ପୌରାଣିକ ଭାବରେ ନୁହେଁ, ଇତିହାସ ମଧ୍ୟ ଏହି ଘଟଣାର ମୂକସାକ୍ଷୀ । ନାରୀ ଜନ୍ମଦାୟିନୀ, ଶକ୍ତି ପ୍ରଦାୟିନୀ ଅଟେ । ପୁରୁଷ ସହ ସମାଜରେ ପାଦରେ ପାଦ ମିଶାଇ ଚାଲିବା ପାଇଁ ଅନ୍ତର୍ଜାତୀୟ ମହିଳା ଦିବସର ସୃଷ୍ଟି । ଆଜିର ପ୍ରତିଯୋଗିତା ମୂଳକ ସମାଜରେ ନାରୀ କୌଣସି କ୍ଷେତ୍ରରେ ପଛରେ ନାହିଁ । ସବୁଥିରେ ପୁରୁଷର ସମକକ୍ଷ । ସାହିତ୍ୟ, ଠାରୁ ଆରମ୍ଭ କରି ବିଜ୍ଞାନ, ପ୍ରଦ୍ୟୋଗ ସବୁ କ୍ଷେତ୍ରରେ ନାରୀ ରଚିଛି ଇତିହାସ । ପୁରୁଷ ପ୍ରଧାନ ସମାଜରେ ନାରୀର ସ୍ୱରକୁ ଅନେକ ସମୟରେ ଦାବି ଦିଆଯାଉଛି।

କିନ୍ତୁ ଦେଶର ଉନ୍ନତି ନିମନ୍ତେ ମହିଳାଙ୍କ ପ୍ରଗତି ଆବଶ୍ୟକ । ଶିଶୁଟିଏ ଜନ୍ମ ହେବା ପରେ କେବଳ ମାଆକୁ ହିଁ ଜାଣେ । ମାଆ ହିଁ ତାର ପ୍ରଥମ ଗୁରୁ ହୋଇଥାଆନ୍ତି । କିନ୍ତୁ ଯଦି ମାଆ ହିଁ ନିରକ୍ଷର ରହିବ, ତେବେ ଶିଶୁକୁ ସୁରକ୍ଷା ଦେବ କିଏ ? ଦେଶର ପ୍ରଗତି ନିମନ୍ତେ ମହିଳାଙ୍କର ସାମାଜିକ, ଅର୍ଥନୈତିକ ଓ ରାଜନୈତିକ କ୍ଷେତ୍ରରେ ସଶକ୍ତିକରଣ ହେବାର ଆବଶ୍ୟକତା ରହିଛି । ସାମଗ୍ରିକ ବିକାଶ ପାଇଁ ମହିଳାମାନଙ୍କ ସୁରକ୍ଷା ପ୍ରତି ମଧ୍ୟ ଧ୍ୟାନ ଦେବାର ପ୍ରୟୋଜନ ରହିଛି ।

ଆଗରୁ ବଞ୍ଚିବା ପାଇଁ ସଂଘର୍ଷ କରୁଥିବା ନାରୀ ଆଜି ଆତ୍ମନିର୍ଭରଶୀଳ ହେବାକୁ ଚେଷ୍ଟା କରୁଛି । ପୁରୁଷପ୍ରଧାନ ସମାଜରେ ପୁରୁଷମାନଙ୍କ ସହ ପ୍ରତି ମୂହୁର୍ତ୍ତରେ ସମକକ୍ଷ ହେବା ପାଇଁ ପ୍ରଚେଷ୍ଟା ଜାରି ରଖିଛି । ପାରିବାରିକ ଦାୟିତ୍ୱ ଏବଂ ସରକାରୀ କିମ୍ବା ବେସରକାରୀ କର୍ମକ୍ଷେତ୍ର ଦୁଇଟି ମଧ୍ୟରେ ତାଳମେଳ ରକ୍ଷା କରି ଆଗକୁ ବଢିବାକୁ ପ୍ରୟାସ କରୁଛି । ଏଥିପାଇଁ ତାକୁ ଦୈନନ୍ଦିନ ଜୀବନରେ ଅନେକ ବାଧାବିଘ୍ନର ସମ୍ମୁଖୀନ ହେବାକୁ ପଡୁଛି । ଏହାସତ୍ତ୍ୱେ ସମାଜରେ ସମ୍ମାନର ସହ ବଞ୍ଚିବାକୁ ସେ ତାର ସଂଘର୍ଷ ଜାରି ରଖିଛି । ଆଜି ମଧ୍ୟ ସମାଜରେ ଅନେକ ମହିଳା ଅଶିକ୍ଷିତ, ବାଲ୍ୟ ବିବାହ, ଯୌତୁକ ପ୍ରଥା, ଯୌନ ଉତ୍ପୀଡନ ଭଳି ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ସଂପ୍ରତି ସମାଜରେ ନାରୀଙ୍କ ପ୍ରତି ସମ୍ମାନ ଧିରେ ଧିରେ କମି ଯାଉଛି । ପ୍ରତି ଦିନ ହଜାର ହଜାର ଗଣ ଦୁଷ୍କର୍ମ ଖବର କାଗଜ ଓ ବୈଦ୍ୟୁତିକ ଗଣମାଧ୍ୟମର ପୃଷ୍ଠା ମଣ୍ଡନ କରୁଛି । ଆମେ ଆମର ନିର୍ଦ୍ଧାରିତ ଲକ୍ଷ୍ୟ ଠାରୁ ଦୂରକୁ ଘୁଞ୍ଚି ଘୁଞ୍ଚି ଯାଉଛୁ । କିନ୍ତୁ ସତ ହେଉଛି, ସମାଜରେ ନିଜକୁ ସୁରକ୍ଷିତ ମଣୁଥିବା ନାରୀଟିଏ ନିଜକୁ ଆତ୍ମନିର୍ଭରଶୀଳ କରିବା ସହିତ ସମାଜର ପ୍ରଗତିର ଯୋଗଦାନ କରିପାରିବ । ମହିଳାଙ୍କୁ ସଶକ୍ତ କରିବା ଉଦ୍ଦେଶ୍ୟରେ ଗ୍ରାମ ପଞ୍ଚାୟତ ସ୍ତରୀୟ ନିର୍ବାଚନରେ ପାଇଁ ୧୯୯୬ ମସିହା ସେପ୍ଟେମ୍ବର ୧୨ତାରିଖରେ ମହିଳାମାନଙ୍କ ପାଇଁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷିତ ବ୍ୟବସ୍ଥା କରାଯାଇଛି। ୨୦୧୭ ମସିହାରେ କେନ୍ଦ୍ର ସରକାର ମହିଳାଙ୍କୁ ଆତ୍ମନିର୍ଭରଶୀଳ କରିବା ଉଦ୍ଦେଶ୍ୟରେ ବେଟି ବଚାଓ ବେଟି ପଢାଓ, ଉଜ୍ଜ୍ୱଳା, ନାରୀ ଶକ୍ତି ପୁରସ୍କାର, ମହିଳା ଶକ୍ତି କେନ୍ଦ୍ର, ନିର୍ଭୟା, ପ୍ରତ୍ୟେକ ଥାନାରେ ମହିଳା ସ୍ୱେଚ୍ଛାସେବୀ ପୁଲିସ ସହ ମହିଳା ଡେସ୍କ ଏବଂ ରାଜ୍ୟ ମହିଳା ସମ୍ମାନ ଯୋଜନା କାର୍ଯ୍ୟକାରୀ ହେଉଛି । ଯଦି କୌଣସି ନିର୍ବାଚିତ ମହିଳା ପ୍ରତିନିଧି ନିଜ କ୍ଷମତାର ପ୍ରକୃତ ଉପଯୋଗ କରିବାକୁ ଚେଷ୍ଟା କରେ, ତେବେ ପୁରୁଷ ପ୍ରାଧାନ୍ୟ ସମାଜରେ ସମ୍ପୃକ୍ତ ମହିଳାଙ୍କ କ୍ଷମତାକୁ ନ୍ୟୂନ କରିବାକୁ ହୀନ ଚକ୍ରାନ୍ତର ଶିକାର ହେବାକୁ ପଡିଥାଏ । ନିର୍ବାଚିତ ମହିଳା ପ୍ରତିନିଧିମାନେ ଯେପରି ନିଜ ଅଧିକାରରୁ ବଞ୍ଚିତ ନହେବେ ସେନେଇ କେନ୍ଦ୍ର, ରାଜ୍ୟ ସରକାରଙ୍କ ତରଫରୁ ଦୃଷ୍ଟି ଦିଆଯିବା ନିତାନ୍ତ ଆବଶ୍ୟକ ।

ଆର୍ଥିକ ଦୃଷ୍ଟିକୋଣରୁ ମହିଳାମାନଙ୍କୁ ସଶକ୍ତ କରିବା ପାଇଁ ସ୍ୱୟଂସହାୟକ ଦଳ ଗଠନ କରାଯାଇଛି । 'ମିଶନ ଶକ୍ତି', ଓଡ଼ିଶା ସରକାରଙ୍କ ଦ୍ୱାରା ୨୦୦୧ ମସିହା ମାର୍ଚ୍ଚ ୮ ତାରିଖରେ ଆନ୍ତର୍ଜାତିକ ମହିଳା ଦିବସରେ ଆରମ୍ଭ କରା ଯାଇଥିଲା । ମହିଳା ସ୍ୱୟଂ ସହୟିକା ଗୋଷ୍ଠୀକୁ ମଜଭୁତ କରିବା ଲକ୍ଷ୍ୟରେ ଏହି ଯୋଜନା ଆରମ୍ଭ କରାଯାଇଥିଲା । ୨୦୨୦ ମସିହା ମାର୍ଚ୍ଚ ୮ ତାରିଖରେ ଆନ୍ତର୍ଜାତିକ ମହିଳା ଦିବସ ଉପଲକ୍ଷ୍ୟରେ, ତତ୍କାଳୀନ ଓଡ଼ିଶା ସରକାର ମିଶନ ଶକ୍ତିକୁ ଏକ ସ୍ୱତନ୍ତ୍ର ବିଭାଗ ଭାବରେ ଘୋଷଣା କରିଥିଲେ । ପ୍ରତ୍ୟେକ ମହିଳା ସ୍ୱାବଲମ୍ବୀ ହେବା ପାଇଁ ଏହି 'ସ୍ୱୟଂ ସହାୟକ ଗୋଷ୍ଠୀ' ସବୁ ଗଠନ କରୁଛନ୍ତି । ମହିଳାମାନଙ୍କୁ ସମ୍ମାନ କରିବା ପାଇଁ ଓଡ଼ିଶା ସରକାର ଆରମ୍ଭ କରିଥିଲେ 'ସ୍ୱୟଂସିଦ୍ଧା' । ସମସ୍ତ ପ୍ରତିକୂଳ ସତ୍ତ୍ୱେ ସଫଳତାର ପାହାଚରେ ପହଞ୍ଚିଥିବା ନାରୀମାନଙ୍କୁ ସ୍ୱୟଂସିଦ୍ଧା କୁହାଯାଏ । ମା' ଓ ଶିଶୁ ପୁଷ୍ଟିହୀନତା ସମସ୍ୟାକୁ ଦୂରକରିବା ଉଦ୍ଦେଶ୍ୟରେ ଓଡିଶା ସରକାର ଗର୍ଭବତୀ ମାଆମାନଙ୍କ ନିମନ୍ତେ 'ମମତା' ନାମରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପ୍ରଣୟନ କରିଛନ୍ତି । ଏହି ଯୋଜନା ଗର୍ଭବତୀ ଓ ପ୍ରସୂତି ମାଆମାନଙ୍କୁ ଆର୍ଥିକ ସହାୟତା ଯୋଗାଇ ଦିଏ । କିଶୋରୀ ସ୍ୱାସ୍ଥ୍ୟ ମେଳାମେଳା' ମାଧ୍ୟମରେ ପ୍ରତି ମାସରେ ଥରେ ଗ୍ରାମ୍ୟ ସ୍ୱାସ୍ଥ୍ୟ ଓ ପୁଷ୍ଟି ଦିବସରେ କିଶୋରୀ ବାଳିକା ମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଏ । ଝିଅମାନଙ୍କର ଶିକ୍ଷା, ସ୍ୱାଭିମାନ ଓ ସ୍ୱାଧୀନତାକୁ ଆହୁରି ସୁଦୃଢ଼ କରିବାରେ ଏକ ମାଇଲଷ୍ଟୋନ ସାଜିବ 'ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ' ଯୋଜନା । ଚଳିତ ବଜେଟ୍ ୨୦୨୬-୨୭ରେ ଏହି ଯୋଜନା ମହିଳା ସଶକ୍ତିକରଣରେ ଶିକ୍ଷାକୁ ନୂତନ ଦିଗ ଦେବ । 'ମହିଳା ସମ୍ମାନ ସଞ୍ଚୟ ପ୍ରମାଣପତ୍ର' ଯୋଜନା ମହିଳାଙ୍କ ଆର୍ଥିକ ସଶକ୍ତୀକରଣକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ୨୦୨୩ ଫେବୃୟାରି ୧ ତାରିଖରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଏକ ଉଲ୍ଲେଖନୀୟ ପଦକ୍ଷେପ ଭାବେ ଉଭା ହୋଇଛି। 'ମହିଳା କିଷାନ୍ ସଶକ୍ତିକରଣ ପରିଯୋଜନା' ମହିଳା କିଷାନଙ୍କ ସ୍ଥିତି ତଥା ଜୀବନ ଜୀବିକାର ମାନଦଣ୍ଡରେ ଉନ୍ନତି ଆଣିବା ଦିଗରେ ଏକ ସୁଯୋଗ ସୃଷ୍ଟି କରିଛି ।

ଉଚ୍ଚଶିକ୍ଷିତା ଥିବା ସତ୍ତ୍ୱେ ସନ୍ତୋଷଜନକ ନିଯୁକ୍ତି ନ ପାଇ ଅଧିକାଂଶ ମହିଳା ଘରର ଚାରି କାନ୍ଥ ଭିତରେ ପେଶି ହେଉଛନ୍ତି । ନିର୍ଯାତିତା ହେଉଥିବା ନେଇ ମଧ୍ୟ ବହୁ ନଜିର ରହିଛି । ତେବେ, ସମାଜରେ ଏଭଳି ମହିଳା ମଧ୍ୟ ଅଛନ୍ତି, ଯେଉଁମାନେ ନିଜର ନିଷ୍ଠା, ଆତ୍ମବିଶ୍ୱାସ ବଳରେ ସ୍ୱାବଲମ୍ବୀ ହୋଇ ଅନ୍ୟ ପାଇଁ ପ୍ରେରଣା ପାଲଟୁଛନ୍ତି । ମହିଳାଙ୍କ ସୁରକ୍ଷା ପାଇଁ ମଧ୍ୟ ଆମ ଦେଶରେ ବିଭିନ୍ନ ପ୍ରକାରର ଆଇନର ପ୍ରଚଳନ ରହିଛି । ଆତ୍ମନିର୍ଭର ପାଇଁ ପ୍ରତ୍ୟେକ ମହିଳାଙ୍କର ଶିକ୍ଷା ଗ୍ରହଣ କରିବାର ଅଧିକାର ରହିଛି । ମହିଳାମାନଙ୍କୁ ଏଥିରୁ ବଞ୍ଚିତ ରଖିବା ଅପରାଧ । ଏଥିପାଇଁ ଲୋକଙ୍କ ମାନସିକତାରେ ପରିବର୍ତ୍ତନ ଆସିବା ଜରୁରୀ । ଆଜି ମଧ୍ୟ ଶୋଷଣର ଶିକାର ହେଉଥିବା ମହିଳାଟି ଏହାର ପ୍ରତିରୋଧ କରିବାକୁ କୁଣ୍ଠାବୋଧ କରୁଛି । ସମାଜ ତା ଉପରେ ହିଁ ଅଙ୍ଗୁଳି ଉଠାଇବ ଏହି ଭୟରେ ସେ ଚୁପ୍ ରହୁଛି । ଅଭିଭାବକମାନଙ୍କୁ ହିଁ ପ୍ରୟାସ କରିବାକୁ ପଡିବ ଯେପରି ପିଲାଟି ଦିନରୁ କନ୍ୟା ସନ୍ତାନ ସମାଜରେ କିପରି ସଂସ୍କାର ମୁତାବକ ଚଳିବା ସେନେଇ ଶିକ୍ଷା ଦେବା ଉଚିତ । ଏଭଳି ଅନେକ କାହାଣୀ ରହିଛି, ଯେଉଁଥିରେ ମହିଳାମାନେ କେବଳ ନିଜ ପରିବାରର ସୁରକ୍ଷା ଏବଂ କଲ୍ୟାଣର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି ନାହିଁ, ବରଂ ଏକ ରାଷ୍ଟ୍ରର ସ୍ଥାୟୀ ଅଭିବୃଦ୍ଧି ଏବଂ ବିକାଶରେ ମଧ୍ୟ ଅଗ୍ରଣୀ ଭୂମିକା ଗ୍ରହଣ କରନ୍ତି। ପିଲାଙ୍କୁ ମଣିଷ କରିବା ଠାରୁ ସମାଜ ଗଠନ ପର୍ଯ୍ୟନ୍ତ, ପରିବାରର ଆର୍ଥିକ ସୁଦୃଢ଼ତାରୁ ଦେଶର ଅର୍ଥବ୍ୟବସ୍ଥାରେ ଯୋଗଦାନ ପର୍ଯ୍ୟନ୍ତ, ଜଳବାୟୁ ପରିବର୍ତ୍ତନ ବିରୋଧରେ ଲଢେଇ କରିବା ଠାରୁ ପ୍ରକୃତିର ସଂରକ୍ଷଣ ପର୍ଯ୍ୟନ୍ତ, ଖାଦ୍ୟ ସମସ୍ୟାକୁ ସାମ୍ନା କରିବା ଠାରୁ ସ୍ଥାୟୀ ଅଭିବୃଦ୍ଧି ପର୍ଯ୍ୟନ୍ତ ମହିଳାଙ୍କ ଅବଦାନ ବିଦ୍ୟମାନ, ହେଲେ ସମାଜ ଦ୍ୱାରା ନଗଣ୍ୟ । ସ୍ଥାୟୀ ବିକାଶ ଲକ୍ଷ୍ୟ ସିଦ୍ଧିରେ ସାରା ବିଶ୍ୱ ଯେତେବେଳେ ଅଗ୍ରସର, ମହିଳାମାନଙ୍କ ପ୍ରମୁଖ ଭୂମିକାକୁ ସ୍ୱୀକୃତି ଏବଂ ସମର୍ଥନ ଦିଆଯିବା ଜରୁରୀ। ସିଏ ଘରେ ରହି ଘରକାମ କରୁଥିବା ଅପାଠୁଆ ମହିଳା ହୁଅନ୍ତୁ ବା ରୋଜଗାରକ୍ଷମ ପାଠୁଆ ମହିଳା ହୁଅନ୍ତୁ ନା କାହିଁକି । ସଶକ୍ତ ନାରୀ ହିଁ ମହିଳା ସଶକ୍ତିକରଣର ଅସ୍ମିତା ଓ ଅସ୍ତିତ୍ୱ । ନାରୀଶକ୍ତିକୁ ପରିଚୟ ଦେବା ଓ ଶ୍ରେୟ ଦେବା ହେଲା ବର୍ତ୍ତମାନ ସମୟର ଆହ୍ୱାନ।

ନନ୍ଦପୁର, ଜିଲ୍ଲା: କୋରାପୁଟ
ମୋ- ୯୪୩୭୯୫୫୫୬୮

# ଜିଲ୍ଲାପାଳଙ୍କ ଯୁଗ୍ମ ଜନଶୁଣାଣି

ଭବାନୀପାଟଣା,୫ ।୩ (ନି.ପ୍ର)– କଳାହାଣ୍ଡି ଜିଲ୍ଲାସ୍ତରୀୟ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଜନଶୁଣାଣି ଓ ସମାଧାନ ଶିବିର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଯୁଗ୍ମ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିରରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ, ଆରକ୍ଷୀ ଅଧୀକ୍ଷକ ନାଗରାଜ ଦେବାରକୋଣ୍ଡା ଯୋଗଦେଇ ଲୋକଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ । ଶିବିରରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ୧୨୨ଗୋଟି ଆପତ୍ତି ଅଭିଯୋଗର ପଞ୍ଜୀକରଣ କରାଯାଇଥିଲା ସେଥି ମଧ୍ୟରୁ ବ୍ୟକ୍ତିଗତ ୯୬ ଗୋଟି ଓ ସାମୂହିକ ୨୧ ଗୋଟି ରହିଥିବା ବେଳେ ୨୫ ଗୋଟି ଆପତ୍ତି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା । ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୦୫ଜଣଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଏଥିରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ବେସାମରିକ ଯୋଗାଣ, ପାନୀୟ ଜଳ, ଜଳସେଚନ, ସାମାଜିକ ସୁରକ୍ଷା,ଶିଶୁ ସୁରକ୍ଷା, ଗ୍ରାମ୍ୟ ଉନ୍ନୟନ, ସମାଜ କଲ୍ୟାଣ, ଶ୍ରମ,ପୂର୍ତ୍ତ ବିଭାଗ, ବିଦ୍ୟୁତ୍, ସମବାୟ ସମିତି, ତହସିଲ, ବ୍ଲକ ଇତ୍ୟାଦି ବିଭାଗୀୟ ଅଧୀନରେ କାର୍ଯ୍ୟକାରୀ ହେବାକୁ ଥିବା ସମ୍ପର୍କିତ ଆପତ୍ତି ଅଭିଯୋଗର ଶୁଣାଣି କରି ଏହି ସବୁ ସମସ୍ୟାର ତୁରନ୍ତ ସମାଧାନ କରିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ଏଥି ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା।

# ଖବର ପ୍ରସାରଣ ପରେ ପାଇପ ମରାମତି

ଭାପୁର,୫ ।୩ (ନିପ୍ର): ଭାପୁର ବ୍ଲକ ଗୋଳାପୋଖରୀ ପଞ୍ଚାୟତର ଦ୍ୱିତୀୟ ବୃହତ୍ତମ ଉଷ୍ମପ୍ରସବଣ ଅବସ୍ଥିତ ତରବାଲୋ ଗ୍ରାମରେ ଗତ କିଛି ଦିନ ଧରି ପାଇପ ଯୋଗେ ପାନୀୟ ପାଣି ଆସୁ ନ ଥିବାରୁ ଗ୍ରାମବାସୀ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ଅସନ୍ତୋଷ ବ୍ୟକ୍ତ କରିଥିବା ନେଇ ଦୈନିକ ଦିନଲିପିର ଗତମାସ ୨୬ ତାରିଖ ସଂସ୍କରଣରେ ଖବର ପ୍ରକାଶ ପାଇଥିଲା। ଉଲ୍ଲେଖଯୋଗ୍ୟ, ଗ୍ରାମବାସୀ ପାଇପ ଯୋଗେ ଯୋଗାଣ ହେଉଥିବା ମହାନଦୀ ର ପାନୀୟ ଜଳ ଗତ କିଛି ଦିନ ହେଲା ପାଉ ନ ଥିଲେ। ଅର୍ଥାତ,ପାନୀୟ ଜଳ ଯୋଗାଣ ର ପାଇପ ଟି ମଝିରେ କେଉଁଠି ଫାଟି ଯାଇଥିବାରୁ ପାନୀୟ ଜଳ ଯୋଗାଣ ବନ୍ଦ ରହିଥିଲା ।ଖବର ପ୍ରସାରଣ ପରେ ପାନୀୟ ଜଳ ଯୋଗାଣ ବିଭାଗର ନିଦ୍ରା ଭାଙ୍ଗିବା ସହିତ ଗତ ସୋମବାର ଦିନ ପାଇପ ମରାମତି ହୋଇ ଜଳ ଯୋଗାଣ ହୋଇଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି।



# ସିଭିଲ ସୋସାଇଟି ପୁନର୍ଗଠିତ

ଭବାନୀପାଟଣା,୫ ।୩ (ନିପ୍ର); ସ୍ଥାନୀୟ ହିଲଟାଉନ ସ୍ଥିତ ହନୁମାନ ମନ୍ଦିର ପରିସର ମଧ୍ୟରେ ହିଲ ଟାଉନ ସିଭିଲ ସୋସାଇଟି ଭବାନୀପାଟଣାର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସଦସ୍ୟ ରଜନୀକାନ୍ତ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ସର୍ବସହମତି କ୍ରମେ ଅଶୋକ କୁମାର ରାଉତଙ୍କୁ ସଭାପତି, ଜଗଦୀଶ ଚନ୍ଦ୍ର ମୁଣ୍ଡ ଙ୍କୁ ସଂପାଦକ ଶୁକ୍ଳ ରାଠୋରଙ୍କୁ ଉପସଭାପତି, ପି ମହେଶ ରାଓଙ୍କୁ ସହ ସଂପାଦକ ଏବଂ କୋଷାଧକ୍ଷ ଭାବରେ ରଂଜିତ ମହାନ୍ତିଙ୍କୁ ମନୋନୀତ କରାଯାଇଛି ।ଏହି କ୍ରମରେ ବିଭିନ୍ନ ବିଭାଗରେ ମୋଟ ୩୫ ଜଣ ସଦସ୍ୟଙ୍କୁ ମନୋନୀତ କରାଯିବା ସହ ବରିଷ୍ଠ ସଦସ୍ୟ ପ୍ରଫେସର ବିପିନ ବିହାରୀ ପଣ୍ଡାଙ୍କ ଦ୍ୱାରା ସମସ୍ତ ସଦସ୍ୟଙ୍କୁ ଶପଥ ପାଠ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ପୂର୍ବତନ ସଭାପତି ପ୍ରତାପ ଚନ୍ଦ୍ର ପ୍ରଧାନ ଏବଂ ପୂର୍ବତନ ସମ୍ପାଦକ ଜିତେନ୍ଦ୍ର କୁମାର ମୁଣ୍ଡ ପରିଚାଳନା କରିଥିଲେ ।ସୋସାଇଟିର ଉନ୍ନତିକରଣ, ନବୀକରଣ ଉପରେ ଆଲୋଚନା କରାଯାଇଥିଲା । ନୂତନ କର୍ମକର୍ତ୍ତାଙ୍କୁ କଳାହାଣ୍ଡି କେମିଷ୍ଟ ଏବଂ ଡ୍ରଗିଷ୍ଟ ଏସୋସିଏସନର ସାଧାରଣ ସମ୍ପାଦକ ନିକୁଞ୍ଜ ଦତ୍ତାଙ୍କ ସମେତ ବହୁ ଶୁଭେଚ୍ଛୁ ଅଭିନନ୍ଦନ ଜଣାଇଛନ୍ତି।

# ମଦ୍ୟପ ସ୍ୱାମୀ ଛୁରୀ ଭୁଷି ସ୍ତ୍ରୀକୁ କଲା ହତ୍ୟା

ଭାପୁର,୫ ।୩ (ନିପ୍ର); ଭାପୁର ଗ୍ରାମ ଆଦିବାସୀ ସାହିର ପୂର୍ଣ୍ଣଚନ୍ଦ୍ର ମଳିକ ମଦ୍ୟପାନ କରି ସ୍ତ୍ରୀକୁ ହତ୍ୟା କରିଥିବା ଭଳି ଅଭାବନୀୟ ଘଟଣା ହୋଲି ପୂର୍ବ ରାତ୍ରୀରେ ଘଟିଯାଇଛି। ଭାପୁର ଗ୍ରାମର ପୂର୍ଣ୍ଣ ୧୫ ବର୍ଷ ତଳେ ବିଜିପୁର ଆଦିବାସୀ ସାହିର କାହ୍ନୁ ମଳିକଙ୍କ ଝିଅ ଟୁନି ମଳିକ କୁ ବିବାହ କରିଥିଲା। ସେମାନଙ୍କ ଔରସରୁ ଦୁଇଟି ପୁଅ ଓ ଝିଅ ରହିଥିବାବେଳେ ସେମାନେ ଭୁବନେଶ୍ୱର ଭରତପୁର ଥାନା ଅନ୍ତର୍ଗତ ଫୁଲେଶ୍ୱରୀ ବସ୍ତିରେ ରହି ଶ୍ରମିକ କାର୍ଯ୍ୟ କରି ଚଳନ୍ତି। ଗତ ତିନି ତାରିଖ ମଙ୍ଗଳବାର ବିଳମ୍ବିତ ରାତ୍ରିରେ ପୂର୍ଣ୍ଣ ମଦ୍ୟପାନ କରି ସ୍ତ୍ରୀ ସହିତ ଝଗଡା ଆରମ୍ଭ କରିଥିଲା ଏବଂ ଅତ୍ୟଧିକ ଉତ୍ତେଜିତ ହୋଇ ପାଖରେ ପଡ଼ିଥିବା ଏକ ଛୁରୀ ଦ୍ୱାରା ଟୁନି ପେଟକୁ ୨/୩ ଥର ଭୁସିଥିଲା ଫଳରେ, ସେହିଠାରେ ଟୁନିର ପ୍ରାଣବାୟୁ ଉଡି ଯାଇଥିଲା ବୋଲି କୁହାଯାଇଛି। ସକାଳେ ଘଟଣା ପ୍ରଘଟହେବା ପରେ ପଡୋଶୀ ମାନେ ପୂର୍ଣ୍ଣକୁ କାବୁ କରି ସ୍ଥାନୀୟ ପୋଲିସକୁ ହସ୍ତାନ୍ତର କରିଥିବାବେଳେ ପୋଲିସ ଶବକୁ ଜବତ କରି ସ୍ୱାମୀକୁ ଗିରଫ କରିଥିବା ଟୁନି ବାପଘର ସୂତ୍ରରୁ ପ୍ରକାଶ।

# ଜନସାଧାରଣଙ୍କ ସହ ହୋଲି ଖେଳିଲେ ଡାବୁଗାଁ ବିଧାୟକ

ଡାବୁଗାଁ,୫ ।୩ (ନିପ୍ର); ଡାବୁଗାଁ ଅଞ୍ଚଳର ବିଭିନ୍ନ ସ୍ଥାନରେ ରଙ୍ଗର ପର୍ବ ହୋଲି ଉତ୍ସବ ପାଳିତ ହୋଇଯାଇଛି। ଜନ ସାଧାରଣ ସହ ଡାବୁଗାଁ ସଦର ମହାକୁମ ଠାରେ ହୋଲି ଖେଳିଲେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ। ହୋଲି ହିନ୍ଦୁମାନଙ୍କ ଏକ ପ୍ରମୁଖ ପର୍ବ। ହୋଲି ଉତ୍ସବ ଅବସରରେ ଡାବୁଗାଁ ଅଞ୍ଚଳ ଚାରିଆଡେ ଉତ୍ସବ ମୁଖର ହୋଇଥିଲା। ହୋଲି ପୂର୍ବଦିନ ସ୍ଥାନୀୟ ଅଂଚଳରେ ମଙ୍ଗରାଚଚରା, କେଲିଆ ମହିମା ଆଶ୍ରମ, ମହିନ୍ଦ୍ରୀ, ମାନିଗାଁ ରେ ଧୁମଧାମରେ ପାଳିତ ହେଲା ହୋଲିପଡ଼ା ଏବଂ ରାତ୍ରିରେ ସମସ୍ତଙ୍କ ମନୋରଞ୍ଜନ ପାଇଁ ଶତାଧିକ ଦେକାନ ବଜାର ସହ ଆଦିବାସୀ ନାଟକର ମଧ୍ୟ ଆୟୋଜନ କରାଯାଇ ଥିଲା। ଏହି ଅବସରରେ ରାଧାକୃଷ୍ଣ ମନ୍ଦିର,ଜଗନ୍ନାଥ ମନ୍ଦିର ଆଦି ବିଭନ୍ନ ସ୍ଥାନରେ ଧୂମ ଧାମରେ ପାଳିତ ହେଲା ହୋଲି ଉତ୍ସବ। ହିନ୍ଦୁ ଭାଇମାନେ ଆଜି ଏହି ଭାଇଚାରାର ପର୍ବ ଧୁମଧାମରେ ପାଳନ କଲେ। ସ୍ଥାନୀୟ ପ୍ରଥା ଅନୁସାରେ ଡାବୁଗାଁ ଅଂଚଳରେ ଆମ୍ବ ନୂଆ ଖାଇଥାନ୍ତି ସ୍ଥାନୀୟ ଜନସାଧାରଣ । ତେଣୁ ହୋଲି ପଡାର ନିଆଁ ସ୍ଥାନୀୟ ପୂଜାରୀ ଘର ଘର ଯାଇ ଏହି ନିଆଁକୁ ଦେଇଥାଆନ୍ତି। ଏବଂ ଏହି ନିଆଁରେ ନୂଆ କାନ୍ଦୁଲ ଭଜା ହୁଏ ଏହା ପରେ ଆମ୍ବ ନୁଆ ଖାଇଥାନ୍ତି ସ୍ଥାନୀୟ ଜନସାଧାରଣ।

# ହୋଲି ରଙ୍ଗରେ ଝୁମିଲେ ସହରବାସୀ

ହିଞ୍ଜିଳିକାଟୁ,୫ ।୩ (ନିପ୍ର): ଗଣ ପର୍ବ ହୋଲି ଉତ୍ସବକୁ ହିଞ୍ଜିଳିକାଟୁ ସହର ଓ ବିଭିନ୍ନ ଗାଁ ଗଣ୍ଡାରେ ଆନନ୍ଦ ଉଲ୍ଲାସର ସହ ପାଳିତ ହୋଇଛି। ହିନ୍ଦୁ ଧର୍ମାବଲମ୍ବୀ ମାନେ ଫଗୁଣ ମାସର ପୂର୍ଣ୍ଣମୀ ତିଥିରେ ଏହି ଗଣ ପର୍ବରେ ସାମିଲ ହୋଇ ବେଶ ଉତ୍ସାହର ସହ ରଙ୍ଗର ମହୋଲରେ ନିମଜ୍ଜିତ ହୋଇଥିଲେ। ସହରର ବିଭିନ୍ନ ସ୍ଥାନରେ ପସରା ମେଲାଇ ବ୍ୟବସାୟୀ ମାନେ ନାନା ରଙ୍ଗର ରାସାୟନିକ ପ୍ରତିକ୍ରିୟା ବିହୀନ ଫଗୁ ବିକ୍ରୀ କରି ଭଲ ଦୁଇ ପଇସା କମାଇଥିଲା ବେଳେ ପିଲା ଠାରୁ ବୃଦ୍ଧ ପର୍ଯ୍ୟନ୍ତ ରଙ୍ଗର ପର୍ବ ପାଳନ କରିଥିଲେ। ସକାଳୁ ସକାଳୁ ରଙ୍ଗ ଖେଳ ଆରମ୍ଭ ହୋଇଥିଲା ବେଳେ ପ୍ରାୟ ମଧ୍ୟାହ୍ନ ସମୟ ଧରି ହୋଲି ଖେଳ ଚାଲିଥିଲା। ସାହି ସାହି ଓ ଗଳି ଗଳିରେ ପିଲା, ଯୁବକ, ଯୁବତୀ, ମହିଳା ମାନେ ପରସ୍ପରକୁ ନାନା ପ୍ରକାରର ରଙ୍ଗ ବୋଳି ମିଷ୍ଟାନ୍ନ ପ୍ରଦାନ କରିଥିଲେ। ବିଭିନ୍ନ ସ୍ଥାନରେ ଯୁବ ଗୋଷ୍ଠୀ ଆଧୁନିକ ସଙ୍ଗୀତର ତାଳେ ତାଳେ ନାଚି କୁଦି ବନ୍ଧୁ ପରିଜନଙ୍କ ସହ ଫଗୁ ଖେଳର ମଜା ଉଠାଇ ଥିଲେ। ହୋଲି ଖେଳ ସମାପନ ପରେ ଭୋଜି ଉତ୍ସବର ଆୟୋଜନ କରି ଭାଇଚାରା ମାଧ୍ୟମରେ ହୋଲି ଖେଳର ନିଆରା ଅନୁଭୂତି ଅନୁଭବ କରିଥିଲେ। ସବୁଠାରୁ ବିଶେଷ କଥା ହେଲା ଚଳିତ ବର୍ଷ ହୋଲି ଉତ୍ସବ ପାଳନ ବେଳେ ସ୍ଥାନୀୟ ସହର ଓ ଆଖ ପାଖ ଅଞ୍ଚଳରେ କିଛି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇ ନ ଥିବା ଜଣାପଡ଼ିଛି। ସହର ସହ ଅଞ୍ଚଳର ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ହିଞ୍ଜିଳି ପୁଲିସ୍ ଓ ଅବକାରୀ ବିଭାଗ ପକ୍ଷରୁ ସମସ୍ତ ପ୍ରକାର ବିହିତ ପଦକ୍ଷେପ ଗ୍ରହଣ କରାଯାଇଥିବା ସୂଚନା ମିଳିଛି।

# ରାସ୍ତା ରକ୍ଷଣାବେକ୍ଷଣ: ଠିକାଦାର ପୋଷା ଚାଲିଛି !

ରାୟଗଡା,୫ ।୩ (ନିପ୍ର); ରାୟଗଡା ଜିଲ୍ଲାର ଆରଡ଼ି ବିଭାଗ ପକ୍ଷରୁ ରାସ୍ତା ମରାମତି, ରାସ୍ତା ରକ୍ଷାଣାବେକ୍ଷଣ ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି। କିନ୍ତୁ ମାର୍ଚ୍ଚ ମାସରେ ଠିକାଦାର ପୋଷିବା ନୀତିରେ କଲ୍ୟାଣସିଂହପୁର ଠାରୁ ଖରଯୋଡ଼ା ପର୍ଯ୍ୟନ୍ତ ପ୍ରାୟ ୧୦ କିମି ରାସ୍ତା ମରାମତି କାର୍ଯ୍ୟ ଆରମ୍ଭ ହୋଇ ଯାଇଛି। ରାସ୍ତାରେ ଖାଲ ଖମାକୁ ମରାମତି କରି ପିଚୁ ପକାଯାଇଥାଏ। କିନ୍ତୁ ଏହି ରାସ୍ତାରେ ହୋଇଥିବା ଖାଲଖମା ମରାମତି କାର୍ଯ୍ୟ କରାଯାଉଥିଲେ ମଧ୍ୟ ଅନ୍ୟ କେତେକ ଖାଲଖମା ମରାମତି କରାଯାଉ ନଥିବାରୁ ଏକ ପ୍ରକାର ନିୟମ ବିରୋଧୀ କାର୍ଯ୍ୟ ବା ଦୁର୍ନୀତି କାର୍ଯ୍ୟ କରାଯାଉଥିବା ଅଭିଯୋଗ ହୋଇଛି। ରାସ୍ତାରେ କିଛି କିଛି ସ୍ଥାନରେ ମେଟାଲ, ବଜୁରୀ ଓ ପିଚୁ ପକାରୁ ଥିବା ବେଳେ ନିକଟରେ ଥିବା ଖାଲ ଖମାର ମରାମତି କରାଯାଉ ନଥିବା ଦେଖିବାକୁ ମିଳିଛି। ଯଦି ରାସ୍ତା ମରାମତି ଲୋକ ପାଇଁ କରାଯାଉଛି । ତେବେ କାହିଁକି ସମ୍ପୂର୍ଣ ଖାଲ ମରାମତି କରାଯାଉ ନାହିଁ ବୋଲି ଅଭିଯୋଗ ହୋଇଛି। ତେବେ ଉକ୍ତ ରାସ୍ତା ଠିକାଦାର ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ବୋଲି ସାଧାରଣରେ ଅଭିଯୋଗ ହେଉଛି। ଏମିତି ବର୍ଷର ଆର୍ଥିକ ଶେଷ ମାସ ମାର୍ଚ୍ଚ ମାସ ହୋଇଥିବାରୁ ଦୁର୍ନୀତିର ଅନ୍ୟ ନାମ ମାର୍ଚ୍ଚ ମାସର ଉନ୍ନୟନ କାମ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଏଣୁ ବିଭାଗୟ ଅଧିକାରୀ ଦୃଷ୍ଟି ଦେଇ ଉଚିତ ପଦକ୍ଷେପ ଗ୍ରହଣ କରି କାର୍ଯ୍ୟ କରିବା ପାଇଁ ଦାବି ହୋଇଛି। ଦୁର୍ନୀତିର ଅନ୍ୟ ନାମ ମାର୍ଚ୍ଚରେ ରାସ୍ତା କାମ ଏବଂ ବିଭିନ୍ନ ଉନ୍ନୟନ କାର୍ଯ୍ୟର ଉନ୍ନତି ଓ ରକ୍ଷାଣବେକ୍ଷଣ କରିବା ପାଇଁ ରାଜକୋଷରୁ କୋଟି କୋଟି ଟଙ୍କା ବ୍ୟୟ କରାଯାଉଛି। ପ୍ରତିବର୍ଷ ବିଭିନ୍ନ ବିଭାଗ ପକ୍ଷରୁ ମରାମତି ଓ ରକ୍ଷାଣାବେକ୍ଷଣ ପାଇଁ ଓ ଠିକାଦାର ପୋଷଣ ନୀତିରେ ଆର୍ଥିକ ବର୍ଷ ଶେଷ ବେଳକୁ କାର୍ଯ୍ୟ କାରି ହୋଇଥାଏ। ଏମିତି ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ରାୟଗଡା ଜିଲ୍ଲାର ଆରଡ଼ି ବିଭାଗ ପକ୍ଷରୁ ରାସ୍ତା ମରାମତି, ରାସ୍ତା ରକ୍ଷଣାବେକ୍ଷଣ ପାଇଁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରିଥାନ୍ତି। କିନ୍ତୁ ମାର୍ଚ୍ଚ ମାସରେ ଠିକାଦାର ପୋଷିବା ନୀତିରେ କଲ୍ୟାଣସିଂହପୁର ଠାରୁ ଖରଯୋଡ଼ା ପର୍ଯ୍ୟନ୍ତ ପ୍ରାୟ ୧୦ କିମି ରାସ୍ତା ମରାମତି କାର୍ଯ୍ୟ ଆରମ୍ଭ ହୋଇ ଯାଇଛି। ରାସ୍ତାରେ ଖାଲ ଖମାକୁ ମରାମତି କରି ପିଚୁ ପକାଯାଇଥାଏ। କିନ୍ତୁ ଏହି ରାସ୍ତାରେ ହୋଇଥିବା ଖାଲ ଖମା କରାଯାଉଥିଲେ ମଧ୍ୟ ଅଧିକ ଖାଲ ମରାମତି କରାଯାଉ ନଥିବାରୁ ଏକ ପ୍ରକାର ଦୁର୍ନୀତି କାର୍ଯ୍ୟ କରାଯାଉଥିବା ଅଭିଯୋଗ ହୋଇଛି।




# ମଧ୍ୟପ୍ରାଚ୍ୟରେ ଯୁଦ୍ଧ, ବଢ଼ିଲା ଚିନ୍ତା

## ଦୁବାଇରେ ଫସିଛନ୍ତି ଗଜପତିର ୫୦୦ ଉର୍ଦ୍ଧ୍ୱ ଓଡ଼ିଆ, ଚିନ୍ତାରେ ପରିବାରବର୍ଗ

ପାରଳାଖେମୁଣ୍ଡି,୫ ।୩ (ନିପ୍ର); ଗଜପତି ଜିଲ୍ଲାରେ ମଧ ପ୍ରାଚ୍ୟରେ ଏବେ ଯୁଦ୍ଧର ଭୟବହ ସ୍ଥିତି ଲୋକେ ଭୟଭୀତ ଅବସ୍ଥାରେ। ଭାରତର ବହୁ ନାଗରିକ ଘରକୁ ଫେରିବା ପାଇଁ ବ୍ୟାକୁଳ । କିନ୍ତୁ, ସୁରକ୍ଷିତ ରହିବା ପାଇଁ ଆଲର୍ଟ ଜାରି ଏବଂ ବେସାମରିକ ବିମାନ ଚଳାଚଳକୁ ବନ୍ଦ କରି ଦିଆଯାଇଥିବାରୁ କିଭଳି ଓ କେମିତି ଦେଶକୁ ପ୍ରତ୍ୟାବର୍ତ୍ତନ କରିବେ ସେ ନେଇ ସଭିଏଁ ଚିନ୍ତିତ। ବିଶେଷକରି ଦୁବାଇରେ ଗଜପତି ଜିଲ୍ଲାର ୫ଶହରୁ ଉର୍ଦ୍ଧ୍ୱ ଶ୍ରମିକ ଓ କାରିଗର ଫସି ରହିଥିବା ବେଳେ ପରିବାରବର୍ଗ ଚିନ୍ତାରେ ରହିଛନ୍ତି ।ଗଜପତି ଜିଲ୍ଲା ଗୋଷାଣୀ ବ୍ଲକ୍ ତାଟିପେଡି, ଜଙ୍ଗଲପାଡୁ, କଇଠଡ଼ା, ଗୁରାଣ୍ଡି, ସୀତାପୁର, କେରାଣ୍ଡି, ବୋମିକା, ଉପଲଡ଼ା , ସାତମାଇଲ ଓ କାଶୀନଗର ବ୍ଲକ ଆଦି ଗ୍ରାମର ଅନେକ ଲୋକ ଦୁବାଇରେ କାମ କରୁଛନ୍ତି। କିଛି କୁଶଳୀ ଶ୍ରମିକ ଭାବେ ଠିକା ସଂସ୍ଥା ମାଧ୍ୟମରେ କମ୍ପାନି ଗୁଡ଼ିକରେ ନିୟୋଜିତ ହୋଇଥିବା ବେଳେ ଆଉ କିଛି କମ୍ପାନିରେ ସିଧାସଳଖ ନିୟୋଜିତ ଅଛନ୍ତି । ୨୮ ତାରିଖ ମଧ୍ୟାହ୍ନରେ ଆବୁଧାବି ସମେତ ଦୁବାଇରେ ବଡ଼ଧରଣର ବିସ୍ଫୋରଣ ହୋଇଥିଲା। ତା'ପରେ, ସମସ୍ତଙ୍କୁ ସୁରକ୍ଷିତ ରହିବା ପାଇଁ ଦୁବାଇ ପ୍ରଶାସନ ପକ୍ଷରୁ ସତର୍କତା ଜାରି ହୋଇଥିଲା । ଦୁଇ ଦିନ ହେଲା କିଛି ସମୟ ବ୍ୟବଧାନରେ ବାରମ୍ବାର ରକେଟ୍ ମାଡ଼ ହେଉଛି ସେଠାରେ ଥିବା କେ.ମୁରଲୀଙ୍କ କହିବା ପ୍ରକାରେ– ଦୁବାଇର ଜନବସତି ଠାରୁ ପ୍ରାୟ ୧ରୁ ୨ କିମି ଦୂରରେ ବଡ଼ ମିସାଇଲ୍ ମାଡ଼ ହେଉଛି। ରାତି ସାରା ମିସାଇଲ୍ ଏବଂ ଡ୍ରୋନ୍ ବର୍ଷା ହେଉଛି ଘର ସବୁ ଥରି ଉଠୁଛି। କମ୍ପାନି ପକ୍ଷରୁ ସୁରକ୍ଷିତ ରହିବାକୁ କୁହାଯାଇଥିବା ବେଳେ କିଛି ଲୋକଙ୍କୁ ସୁରକ୍ଷିତ ଜାଗାକୁ ସ୍ଥାନାନ୍ତ କରାଯାଇଛି । ସଭିଏଁ ଭୟଭୀତ ଅବସ୍ଥାରେ ଅଛନ୍ତି ବୋଲି ମୁରଲୀ କହିଛନ୍ତି। ତାଟିପେଟି ବାସିନ୍ଦା ଗଙ୍ଗାଧର ପାତ୍ର କହିଛନ୍ତି – ତାଙ୍କ ସାନଭାଇ ଇ ହେମନ୍ତ ଦୀର୍ଘ ବର୍ଷ ହେଲା ଦୁବାଇରେ କାର୍ଯ୍ୟ କରୁଛନ୍ତି। ମଧ୍ୟପ୍ରାଚ୍ୟରେ ଅଶାନ୍ତ ସୃଷ୍ଟି ହେବା ପରେ ସେ ଘରକୁ ଫେରି ଆସିବାକୁ ଚାହୁଁଥିବା ହେଲେ ହଠାତ୍ ଯୁଦ୍ଧ ଆଉ ହେଇଗଲା ଦୁଇଦିନ ତଳେ ସେ କଥା ହୋଇଥିଲେ ସେ ରହୁଥିବା ଅଞ୍ଚଳରେ ଏବଂ ତାଙ୍କ କମ୍ପାନି ପରିସରରେ ନିଆଁ ପଡୁଥିବା କହିଥିଲେ। ତାଙ୍କୁ କେମିତି ଘରକୁ ଅଣାଯାଇ ପାରିବ ସେନେଇ ପରିବାରବର୍ଗ ଚିନ୍ତିତ ଥିବା ଶ୍ରୀ ପାତ୍ର ପ୍ରକାଶ କରିଛନ୍ତି। ଓଡ଼ିଆଙ୍କୁ ସେଠାରୁ ସୁରକ୍ଷିତ ଭାବେ ଫେରାଇବା ଆଣିବା ଦିଗରେ ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ନିଅନ୍ତୁ ବୋଲି ସମସ୍ତଙ୍କ ପରିବାରବର୍ଗ ନିବେଦନ କରିଛନ୍ତି ।

# ଜାମସେଦଜୀ ଟାଟାଙ୍କ ଜୟନ୍ତୀ

ଯାଜପୁର,୫,୩ (ନିପ୍ର); ଟାଟା ଷ୍ଟିଲ୍ କଳିଙ୍ଗନଗର ଏବଂ ନୀଳାଚଳ ଇସ୍ପାତ ନିଗମ ପରିସରରେ ଟାଟା ଗ୍ରୁପର ପ୍ରତିଷ୍ଠାତା ଜାମସେଦଜୀ ନୁସରୱାନଜୀ ଟାଟାଙ୍କ ୧୮୭ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଟାଟା ଷ୍ଟିଲ୍ କଳିଙ୍ଗନଗର ଠାରେ କର୍ମଚାରୀମାନଙ୍କ ଦ୍ୱାରା ଏକ ଆନୁଷ୍ଠାନିକ ପ୍ୟାରେଡ୍ ଅନୁଷ୍ଠିତ ହୋଇଥିଲା। ଏହି ପ୍ୟାରେଡ୍ ପ୍ରୋଜେକ୍ଟ ଅଫିସ୍‌ରୁ ବାହାରି ଟିଏସକେ ସେଣ୍ଟର ପର୍ଯ୍ୟନ୍ତ ଯାଇଥିଲା। ସେଠାରେ କମ୍ପାନୀର ବରିଷ୍ଠ ନେତୃତ୍ୱ, ୟୁନିଅନ ପ୍ରତିନିଧି ଏବଂ କର୍ମଚାରୀମାନେ ଜେ.ଏନ୍. ଟାଟାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଦେବା ସହିତ ତାଙ୍କର ଅତୁଳନୀୟ ଅବଦାନକୁ ସ୍ମରଣ କରିଥିଲେ। ଏହି ଜନ୍ମ ଜୟନ୍ତୀକୁ ସ୍ମରଣୀୟ କରିବା ପାଇଁ ସପ୍ତାହବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଥିଲା। ଏଥିରେ ପୁନର୍ବାସ ଓ ଥଇଥାନ କଲୋନୀ ଏବଂ କମ୍ପାନୀର ଆବାସିକ କଲୋନୀଗୁଡ଼ିକରେ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ଟୁର୍ଣ୍ଣାମେଣ୍ଟ ଓ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଶେଷ କରି ଗୋବରଘାଟି, ତ୍ରିଜଙ୍ଗା ଏବଂ ସାନସାଇଲୋ ଅଞ୍ଚଳର ୮୦୦ରୁ ଅଧିକ ଟାଟା ପରିବାର ସଦସ୍ୟ ଏଥିରେ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ସେହିପରି ନୀଳାଚଳ ଇସ୍ପାତ ନିଗମ ପ୍ଲାଣ୍ଟ ପରିସରରେ ଥିବା 'ଏନଆଇଏନଏଲ ହାଉସ' ଠାରେ ଏହାର ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀ ମାନେ ଜାମସେଦଜୀ ଟାଟାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଅବସରରେ ନୀଳାଚଳ କଲୋନୀରେ ମଧ୍ୟ କର୍ମଚାରୀମାନଙ୍କ ପାଇଁ ବିଭିନ୍ନ କ୍ରୀଡା କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଥିଲା। ଜାମସେଟଜୀ ନୁସରୱାନଜୀ ଟାଟାଙ୍କୁ (୩ ମାର୍ଚ୍ଚ, ୧୮୩୯ – ୧୯ ମଇ, ୧୯୦୪), ଭାରତୀୟ ଶିଳ୍ପ ଜଗତର ଜନକ' ଭାବେ ପରିଚିତ। ଭାରତର ଇସ୍ପାତ ଓ ଶକ୍ତି ଶିଳ୍ପର ଭିତ୍ତିଭୂମି ସ୍ଥାପନ ସହ ବୈଷୟିକ ଶିକ୍ଷାର ପ୍ରସାର ଏବଂ ଦେଶକୁ ଶିଳ୍ପାୟନ ପଥରେ ଆଗେଇ ନେବାରେ ତାଙ୍କର ଦୂରଦୃଷ୍ଟିସମ୍ପନ୍ନ ଅବଦାନ ଚିରସ୍ମରଣୀୟ।

# ଧର୍ମଗଡ଼ରେ ନକଲି ମଦ କାରଖାନା ଠାବ

## ୩ ଗିରଫ, ରଙ୍ଗ–ଠିପି–ଲେବଲ–ବୋତଲ ଜବତ

ଧର୍ମଗଡ଼,୫ ।୩ (ନିପ୍ର): କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ରେ ନକଲି ମଦ କାରଖାନା ଠାବ ହୋଇଛି । ଅବକାରୀ ବିଭାଗ ଏହି ମାମଲାରେ ତିନି ଜଣ ଅଣଓଡ଼ିଆଙ୍କୁ ଗିରଫ କରିଛି। ଏଥି ସହ ନକଲି ମଦ, ବିଭିନ୍ନ କମ୍ପାନୀର ଲେବଲ, ଖାଲି ବୋତଲ ଓ ଠିପି ଜବତ କରିଛି । ଗିରଫ ତିନି ଜଣ ଅଣଓଡ଼ିଆ ଜଣେ ନେତାଙ୍କ ସମ୍ପର୍କୀୟଙ୍କ ନାମରେ ଥିବା ସ୍ଥାନୀୟ ଏକ ମଦ ଦୋକାନରେ କାମ କରନ୍ତି ବୋଲି ଏକ ସୂତ୍ରରୁ ପ୍ରକାଶ। ବିଭାଗୀୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଜିଲା ଅବକାରୀ ଅଧୀକ୍ଷକ ରଞ୍ଜନ କୁମାର ନାଏକଙ୍କୁ ଧର୍ମଗଡ଼ରେ ନକଲି ମଦ ପ୍ରସ୍ତୁତ କରୁଥିବା ଖବର ମିଳିଥିଲା । ଖବର ଆଧାରରେ ଅବକାରୀ ଅଧୀକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ଅବକାରୀ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ଆଜି ସକାଳେ ସ୍ଥାନୀୟ ଜଗନ୍ନାଥ ପଡ଼ାର ଏକ ଭଡ଼ା ଘରେ ଚଢ଼ଉ କରି ଥିଲେ। ଚଢ଼ଉ ବେଳେ ନକଲି ବିଦେଶୀ ମଦ ୩୫ ଲିଟର, ମଦ ଗନ୍ଧ ଥିବା ୬୨ଟି ବିଭିନ୍ନ ବ୍ରାଣ୍ଡର ଖାଲି ବୋତଲ, ୧୫୫ ଏକ୍ସ ସାଇଜ ଏଡେସିଭଲେବଲ ଓ ୮୨୦ ଟି ବିଭିନ୍ନ କମ୍ପାନୀର ବୋତଲ ଠିପି ଜବତ କରା ଯାଇଥିଲା। ଏଥି ସହ ଏହି ନକଲି ବିଦେଶୀ ମଦ ପ୍ରସ୍ତୁତି କାର୍ଯ୍ୟରେ ଲିପ୍ତ ଥିବା ୩ ଜଣ ଅଣ ଓଡ଼ିଆ ବିହାରୀଙ୍କୁ ଗିରଫ କରାଯାଇଛି। ଗିରଫ ବ୍ୟକ୍ତିମାନେ ହେଲେ ପବନ କୁମାର (୩୦) ପିତା– ଗଣେଶ ପହନ, ଅଜୟ କୁମାର (୨୬) ପିତା– ଈଶ୍ୱର ପ୍ରସାଦ ସାହୁ ଓ ସୈଳେନ୍ଦ୍ର ସିଂ (୪୬) ପିତା– ବିଶ୍ୱନାଥ ସିଂ ବୋଲି ଜଣାପଡ଼ିଛି । ଧର୍ମଗଡ଼ ଅବକାରୀ ଥାନାରେ ଏକ ମାମଲା ରୁଜୁ କରାଯାଇଛି ବୋଲି ଧର୍ମଗଡ଼ ଅବକାରୀ ନିରୀକ୍ଷକ ଅରୁଣ ଯୋଶୀ ସୂଚନା ଦେଇଛନ୍ତି। ଚଢ଼ଉରେ ଭବାନୀପାଟଣା ଅବକାରୀ ନିରୀକ୍ଷକ ହେମକାନ୍ତ ସୁନା, ଧର୍ମଗଡ଼ ଅବକାରୀ ନିରୀକ୍ଷକ ଶ୍ରୀ ଯୋଶୀ, ଜିଲ୍ଲା ମୋବାଇଲ ୟୁନିଟ ନିରୀକ୍ଷକ ବିଜୟ ଭୂଷଣ ନାଏକ, ଧର୍ମଗଡ଼ ଅବକାରୀ ଥାନା ଅଧିକାରୀ ପ୍ରତିମା ବେହେରା, କୋକସରା ଅବକାରୀ ଥାନା ଅଧିକରୀ ଗୁପ୍ତେଶ୍ୱର ପଟେଲ, ଏଏସଆଇ ସତ୍ୟନାରାୟଣ ପ୍ରଧାନ, ଆର୍ତ୍ତତ୍ରାଣ ବହିଦାର ଓ ଅନ୍ୟ କର୍ମଚାରୀ ମାନେ ସାମିଲ ଥିଲେ। ଗିରଫ ଯୁବକମାନେ ସ୍ଥାନୀୟ ଏକ ମଦ ଦୋକାନରେ କାମ କରୁଥିବା ବେଳେ ପ୍ରସ୍ତୁତ ନକଲି ମଦ ଦୋକାନରେ ବିକ୍ରି ହେଉଥିଲା ନା ଗ୍ରାମାଞ୍ଚଳକୁ ଯୋଗାଣ ହେଉଥିଲା ତାହା ତଦନ୍ତ ସାପେକ୍ଷ । ଏ ବିଷୟରେ ଗିରଫ ତିନି ଅଭିଯୁକ୍ତ ମୁହଁ ଖୋଲି ନାହାନ୍ତି। କିନ୍ତୁ ସେମାନେ କାମ କରୁଥିବା ଦୋକାନରେ ସେଭଳି କିଛି ଦେଖିବାକୁ ମିଳି ନାହିଁ । ତେଣୁ ପ୍ରସ୍ତୁତ ନକଲି ମଦ ଗ୍ରାମାଞ୍ଚଳକୁ ଯୋଗାଣ ହେଉଥିବା ଅନୁମାନ କରାଯାଉଛି ବୋଲି ଧର୍ମଗଡ଼ ଅବକାରୀ ଉପନିରୀକ୍ଷକ ପ୍ରତିମା ବେହେରା ପ୍ରକାଶ କରିଛନ୍ତି । ସୂଚନା ଥାଉ କି, ଗତ ଏକ ସପ୍ତାହ ମଧ୍ୟରେ ଜିଲ୍ଲାର ଜୁନାଗଡ଼ ଓ କେସିଙ୍ଗା ସହରରେ ଅବକାରୀ ବିଭାଗ ଦ୍ୱାରା ନକଲି ବିଦେଶୀ ମଦ ଜବତ ହୋଇଛି। ଏହା ସହ ବିପୁଳ ପରିମାଣରେ ନକଲି ମଦ ଓ ଷ୍ଟିକର ଜବତ ହେଉଛି। ଅଥଚ ଅଭିଯୁକ୍ତଙ୍କ ବିରୋଧରେ ହାଲୁକା ଦଫା ଲଗାଯିବାରୁ ସେମାନେ ଶୀଘ୍ର ଜାମିନରେ ଆସିଛନ୍ତି । ଫଳରେ ଅବକାରୀ ବିଭାଗର କାର୍ଯ୍ୟ ଶୈଳୀ ଉପରେ ପ୍ରଶ୍ନ ଚିହ୍ନ ଲାଗୁଛି ବୋଲି ସାଧାରଣରେ ମନ୍ତବ୍ୟ ପ୍ରକାଶ ପାଉଛି। ଗିରଫ ତିନି ବ୍ୟକ୍ତି ପାଟି ନଖୋଲି ଥିବାରୁ ଅଞ୍ଚଳର ମଦ ପ୍ରେମୀ ଜନସାଧାରଣ ଏକ ପ୍ରକାର ଭୟଭୀତ ହୋଇ ରହିଛନ୍ତି। ସାଧାରଣ ଲୋକଙ୍କ ଜୀବନ ସହିତ ଖେଳୁଥିବା ଏହି ମାନଙ୍କ ଉପରେ ଉଚ୍ଚସ୍ତରୀୟ ତଦନ୍ତ କରି ସଠିକ ତଥ୍ୟ ଲୋକଲୋଚନକୁ ଆଣିବା ପାଇଁ ସାଧାରଣରେ ଦାବି ହେଉଛି ।




# ବୟସ ୮୧, ବର୍ଦ୍ଧିତ ଭତ୍ତା ପାଇବାରୁ ବଞ୍ଚିତ !

ରାୟଗଡ଼ା ୫/୩(ନି: ପ୍ର) ରାୟଗଡ଼ା ଜିଲ୍ଲା ବିଷମକଟକ ବ୍ଲକ୍ ଅନ୍ତର୍ଗତ ଝିଗିଡି ପଞ୍ଚାୟତ ସ୍ଥିତ ରତାଟିକିରି ଗ୍ରାମ ନିବାସୀ ଜଣେ ବୃଦ୍ଧ ରାମ ଜାକେଶିକା ବର୍ଦ୍ଧିତ ଭତ୍ତା ପାଇବାରୁ ବଞ୍ଚିତ ରହିଛନ୍ତି। ରାମଙ୍କ ଆଧାର କାର୍ଡରେ ବୟସ ୮୧ ବର୍ଷ ଉଲ୍ଲେଖ ରହିଥିବା ବେଳେ କିନ୍ତୁ ସେ ବର୍ଦ୍ଧିତ ଭତ୍ତା ପାଉନଥିବା କହିଛନ୍ତି। ରାମଙ୍କ ଗୁହାରି କେହି କାନରେ ପୂରାଉ ନାହାନ୍ତି ବୋଲି ସେ ଦୁଃଖର ସହ କହିଛନ୍ତି। ସେ ଜମା କିଛି ପାଠ ପଢି ନଥିବା ବେଳେ ସେ ସରକାରୀ ଯୋଜନା ବିଷୟରେ କିଛି ଜାଣିନାହାନ୍ତି, ଗାଈ ଗୋରୁ ଚରାଇ ଜଙ୍ଗଲରୁ ସଂଗୃହୀତ ଘରକୁ ଫେରିଥାନ୍ତି। ସମୟ ପାଇଲେ ସରକାରୀ କାର୍ଯ୍ୟାଳୟକୁ ଯାଇ ଗୁହାରି କରେ ହେଲେ କେହି ଆମ କଥା ବୁଝୁନାହାନ୍ତି ବୋଲି କହିଥିଲେ ତାଙ୍କ ସହଧର୍ମିଣୀ ଓଅଲା ଯାକେଶିକା। ସରକାର ସମସ୍ୟା ବୁଝି ସଠିକ୍ ପଦକ୍ଷେପ ଗ୍ରହଣ କଲେ ବର୍ଦ୍ଧିତ ଭତ୍ତା ପାଇପାରି ଖୁସିରେ ଚଳିବୁ ବୋଲି ରାମଙ୍କ ସ୍ତ୍ରୀ କହିଥିଲେ। ଗାଁ ଲୋକେବି ସେହି କଥା କହି ବ୍ଲକ୍ ପ୍ରଶାସନକୁ ନିବେଦନ କରିଛନ୍ତି, କେବେ ସେମାନେ ବର୍ଦ୍ଧିତ ଭତ୍ତା ଟଙ୍କା ପାଇବେ ସେ ବାଟକୁ ଚାହିଁ ରହିଛନ୍ତି। ଜିଲ୍ଲା ପ୍ରଶାସନକୁ ଗୁହାରି ଜଣାଇବାକୁ ଅନୁରୋଧ କରିବା ପାଇଁ ଯିବେ ବୋଲି କହିଛନ୍ତି ରାମ।

# ଜିଲ୍ଲାରେ କାର୍ଯ୍ୟକାରୀ ବିଭିନ୍ନ ଯୋଜନାର ଅଗ୍ରଗତି ଓ ସଫଳତା ଉପରେ ସମୀକ୍ଷା

ଭବାନୀପାଟଣା, ୫ ।୩ (ନି.ପ୍ର)– କଳାହାଣ୍ଡି ଜିଲ୍ଲା ଉନ୍ନୟନ ସମନ୍ୱୟ ଏବଂ ପର୍ଯ୍ୟାଲୋଚନା ସମିତି ସଭା ଦିଶା ବୈଠକ ଜିଲ୍ଲାପରିଷଦ ସମ୍ମିଳନୀ ଗୃହରେ କଳାହାଣ୍ଡି ସାଂସଦ ମାଳବିକା ଦେବୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପାଟଯୋଷୀ, ଜିଲ୍ଲାପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ, ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାତ୍ର, ଉପ ଜିଲ୍ଲାପାଳ ଭବାନୀପାଟଣା ପ୍ରଭାତ କୁମାର ପରିଡ଼ା.ଉପ ନିର୍ଦ୍ଦେଶକ ପ୍ଲାନିଂଙ୍ଗ ଶ୍ରୀକାନ୍ତ ଦଳାଇ ପ୍ରମୁଖ ଯୋଗ ଦେଇଥିଲେ । ପ୍ରଥମେ ଅତିରିକ୍ତ ଜିଲାପାଳ ଶ୍ରୀ ଦରୱାନ ସମସ୍ତଙ୍କୁ ସ୍ୱାଗତ କରିବା ସହିତ ବୈଠକର କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନା କରିବା ପାଇଁ କଳାହାଣ୍ଡି ସାଂସଦ ତଥା ଅଧ୍ୟକ୍ଷା "ଦିଶା କମିଟି" ଶ୍ରୀମତୀ ଦେବୀଙ୍କୁ ଅନୁରୋଧ କରିଥିଲେ । ସାଂସଦ ସମସ୍ତଙ୍କୁ ସ୍ୱାଗତ କରିବା ସହିତ ଜିଲ୍ଲାରେ ସରକାରଙ୍କର କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ବିଭାଗୀୟ ଜନକଲ୍ୟାଣ ଯୋଜନା ର ସଫଳ ରୂପାୟନ ଓ ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ଜିଲାରେ କାର୍ଯ୍ୟକାରୀ ହେଉଥିବା କେନ୍ଦ୍ର ସରକାରଙ୍କ ଯୋଜନା ଓ ରାଜ୍ୟ ଯୋଜନାର ସଫଳ ରୂପାୟନ ଉପରେ ଗୁରୁତ୍ୱ ଦେଇ ଜନ ପ୍ରତିନିଧି ଓ ଅଧ୍ୟକ୍ଷଙ୍କ ଉପସ୍ଥାପିତ ବିଭିନ୍ନ ପ୍ରଶ୍ନ ଅଭିଯୋଗ ଉପରେ ସଠିକ୍ ତଥ୍ୟ ରଖିବା ପାଇଁ ସମସ୍ତ ବିଭାଗୀୟ ଅଧିକାରୀମାନଙ୍କୁ ସେ ପରାମର୍ଶ ଦେଇଥିଲେ ଏଥିରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ପାନୀୟ ଜଳ, ଗମନାଗମନ, ଆର.ଡି., ପି.ଡବ୍ଲ୍ୟୁ.ଡି., ଜଳସେଚନ, ବିଦ୍ୟୁତୀକରଣ, ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା, ଖାଦ୍ୟ ଯୋଗାଣ, ଖାଦ୍ୟ ସୁରକ୍ଷା ଯୋଜନା, ଅବକାରୀ ,ଜଙ୍ଗଲ ଓ ପରିବେଶ ସୁରକ୍ଷା,ଶିଶୁ ସୁରକ୍ଷା,ସାମାଜ କଲ୍ୟାଣ, ଖଣି, ଇତ୍ୟାଦି ବିଭାଗୀୟ ଯୋଜନାର ଅଗ୍ରଗତି, ସଫଳତା ଓ ଲକ୍ଷ୍ୟ ଧାର୍ଯ୍ୟ ପୂରଣ ଉପରେ ସମୀକ୍ଷା କରିଥିଲେ। ସେହିପରି ଜିଲ୍ଲାର ବିକାଶ ପାଇଁ ସମସ୍ତ ବିଭାଗୀୟ ଅଧିକାରୀ ନିଜ ନିଜ ବିଭାଗ ମଧ୍ୟରେ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ । ବିଶେଷ କରି ଜିଲ୍ଲାରେ ଲୋକଙ୍କ ଆବଶ୍ୟକ ମୁତାବକ ଅନୁଯାୟୀ ପାନୀୟଜଳ ପ୍ରକଳ୍ପର ଦ୍ୱାରାନ୍ବିତ କରିବା ସହିତ ସମସ୍ତ ଗ୍ରାମରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରିବା ପାଇଁ ସାଂସଦ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ବୈଠକରେ ଜିଲ୍ଲାର ଉନ୍ନତି ଓ ବିକାଶ ନିମନ୍ତେ କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନ ମୂଳକ ଯୋଜନା ର ଅଗ୍ରଗତି ସମ୍ପର୍କରେ ଆଲୋଚନା କରାଯାଇଥିଲା ଏବଂ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ଅଧିକ ଯତ୍ନବାନ ହୋଇ ନିଜ ନିଜ ବିଭାଗୀୟ କାର୍ଯ୍ୟ ସୁଚାରୁରୂପେ ତୁଲାଇବା ପାଇଁ ସାଂସଦ ପରାମର୍ଶ ଦେଇଥିଲେ ।



06 .03.2026.pmd 1 3/5/2026, 4:56 PM

# ମଧ୍ୟପ୍ରାଚ୍ୟ ମହାଯୁଦ୍ଧ

## ଖାମେନିଙ୍କ ମୃତ୍ୟୁରେ ଭାରତର ଶୋକ

### ଇରାନ ଦୂତାବାସରେ ସମବେଦନା ଜଣାଇଲେ ବୈଦେଶିକ ସଚିବ



ନୂଆଦିଲ୍ଲୀ,୫।୩: ଇରାନର ଦିବଙ୍ଗତ ସର୍ବୋଚ୍ଚ ନେତା ଆୟତୁଲ୍ଲା ଅଲୀ ଖାମେନିଙ୍କୁ ଭାରତ ସରକାର ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ବୈଦେଶିକ ସଚିବ ବିକ୍ରମ ମିସ୍ରି ଗୁରୁବାର ନୂଆ ଦିଲ୍ଲୀ ସ୍ଥିତ ଇରାନୀ ଦୂତାବାସରେ ପହଞ୍ଚି ଶୋକ ପୁସ୍ତିକା ଉପରେ ଦସ୍ତଖତ କରିଛନ୍ତି ଏବଂ ଇରାନର ପୂର୍ବତନ ସର୍ବୋଚ୍ଚ ନେତାଙ୍କ ନିଧନରେ ଗଭୀର ସମ୍ବେଦନା ବ୍ୟକ୍ତ କରିଛନ୍ତି। କହି ରଖୁଛୁ କି , ୨୮ ଫେବୃଆରୀ ୨୦୨୬ରେ ଇସ୍ରାଏଲ ଓ ଆମେରିକା ମିଳିତ ଭାବେ ଇରାନ ଉପରେ ବଡ଼ ସ୍ତରରେ ଆକ୍ରମଣ କରିଥିଲେ, ଏଥିରେ ଇରାନର ସୁପ୍ରିମ ଲିଡର ଆୟତୁଲ୍ଲା ଅଲୀ ଖାମେନିଙ୍କ ମୃତ୍ୟୁ ହୋଇଥିଲା। ଏହି ଆକ୍ରମଣ ପରେ ଇରାନରେ ଗଭୀର ଶୋକ ଓ ରାଜନୀତିକ ଉତଥାନ ପତନ ଲାଗି ରହିଛି। ଅନ୍ୟପଟେ ଭାରତର ବିରୋଧୀ ଦଳ ସରକାରଙ୍କ ଉପରେ ଅନେକ ପ୍ରକାରର ଅଭିଯୋଗ କରୁଛନ୍ତି। ଏହାସହ କିଛି ଲୋକଙ୍କ କହିବା ଥିଲା ଯେ, ଭାରତ ପକ୍ଷରୁ ଏବେ ସୁଦ୍ଧା କୌଣସି ଅଫିସିଆଲି ବିବୃତ୍ତି ଜାରି କରାଯାଇ ନଥିଲା। ଦେଶ ଭିତରେ ଚାଲୁଥିବା ରାଜନୀତିକ ଯୁକ୍ତି ମଧ୍ୟରେ ବୈଦେଶିକ ସଚିବ ବିକ୍ରମ ମିସ୍ରି ଇରାନୀ ଦୂତାବାସ ଯାଇ ଏହି ଦୁଃଖଦ ଘଟଣା ଉପରେ ଇରାନ ସରକାର ଓ ସେଠାର ଲୋକଙ୍କ ପ୍ରତି ସମ୍ବେଦନା ବ୍ୟକ୍ତ କରିଛନ୍ତି। ସେ ଶୋକ ପୁସ୍ତିକାରେ ମେସେଜ କରିଥିଲେ ଏବଂ ଭାରତ-ଇରାନ ମଧ୍ୟରେ ମଜବୁତ ଦ୍ୱିପାକ୍ଷୀୟ ସମ୍ବନ୍ଧକୁ ଦୋହରାଇ ଥିଲେ।

## ଭାରତ ପାଇଁ ହର୍ମୁଜ ଖୋଲା

### କେବଳ ଆମେରିକା, ଇସ୍ରାଏଲ ଓ ୟୁରୋପ ପାଇଁ ବନ୍ଦ ରହିବ

ନୂଆଦିଲ୍ଲୀ,୫।୩: ଭାରତ ପାଇଁ ଖୁସି ଖବର। ତୈଳ ପରିବହନ ଓ ଅନ୍ୟ ବାଣିଜ୍ୟିକ ପରିବହନ ପାଇଁ ବ୍ୟବହାର ହେଉଥିବା ହର୍ମୁଜ ପ୍ରଣାଳୀ କେବଳ ଆମେରିକା, ଇସ୍ରାଏଲ, ୟୁରୋପ ଓ ସେମାନଙ୍କ ସହଯୋଗୀ ଦେଶ ପାଇଁ ବନ୍ଦ ରହିବ ବୋଲି ଇରାନ ପକ୍ଷରୁ ଘୋଷଣା କରାଯାଇଛି। ଏହାପୂର୍ବରୁ ଇରାନର ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ ବିଶ୍ୱର ଏକ ପ୍ରମୁଖ ବ୍ୟସ୍ତବହୁଳ ପରିବହନ ମାର୍ଗ ହର୍ମୁଜ ପ୍ରଣାଳୀକୁ ସମ୍ପୂର୍ଣ୍ଣ ବନ୍ଦ ରଖିଥିଲା। ଫଳରେ ଯୁଦ୍ଧ ଆରମ୍ଭ ହେବା ପରଠାରୁ ଏହି ମାର୍ଗ ଦେଇ ସମସ୍ତ ବାଣିଜ୍ୟିକ ପରିବହନ ବନ୍ଦ ରହିଥିଲା। ଇରାନର ରିଭୋଲ୍ୟୁସନାରୀ ଗାର୍ଡ଼ ଆଇଆରଆଇବିରେ ଘୋଷଣା କରି କହିଛି ଯେ, ଆନ୍ତର୍ଜାତିକ ଆଇନ ଓ ଏ ସମ୍ପର୍କିତ ପ୍ରସ୍ତାବ ଅନୁଯାୟୀ ଯୁଦ୍ଧ ସମୟରେ ହର୍ମୁଜ ପ୍ରଣାଳୀକୁ ଇରାନ ନିଜ ଅନୁଯାୟୀ ବ୍ୟବହାର କରିବାର ଅଧିକାର ରହିଛି। ଆମେରିକା, ଇସ୍ରାଏଲ, ୟୁରୋପ ଓ ସେମାନଙ୍କ ସମର୍ଥକ ଦେଶଙ୍କ ଜାହାଜକୁ ହର୍ମୁଜ ପ୍ରଣାଳୀରେ ଠାବ କରାଗଲେ ଏହା ଉପରେ ଆକ୍ରମଣ କରାଯିବ ବୋଲି ଇରାନ ଚେତାବନୀ ଦେଇ କହିଛି। ଇରାନ ଓ ଆମେରିକା-ଇସ୍ରାଏଲ ମଧ୍ୟରେ ଯୁଦ୍ଧ ଓ ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖେମିନିଙ୍କ ମୃତ୍ୟୁ ପରେ ଇରାନ ହର୍ମୁଜ ପ୍ରଣାଳୀ ବନ୍ଦ କରିଦେଇଥିଲା। ଫଳରେ




ବିଶ୍ୱରେ ତୈଳ ଦରରେ ବୃଦ୍ଧି ସହିତ ବିଶ୍ୱ ଅର୍ଥନୀତି ଗଭୀର ଭାବେ ପ୍ରଭାବିତ ହୋଇଥିଲା। ମଙ୍ଗଳବାର ଇରାନ ହର୍ମୁଜ ପ୍ରଣାଳୀରେ କେବଳ ଚୀନ୍ ଜାହାଜକୁ ପରିବହନ ଅନୁମତି ଦେଇଥିଲା। ଏହାପୂର୍ବରୁ ହର୍ମୁଜ ପ୍ରଣାଳୀ କେବେବି ବନ୍ଦ ହୋଇନଥିଲା। ୧୯୮୦ରୁ ୧୯୮୮ ମଧ୍ୟରେ ଇରାନ -ଇରାକ୍ ଯୁଦ୍ଧ ବେଳେ ତୈଳ ଟ୍ୟାଙ୍କର ଉପରେ ଆକ୍ରମଣ ସତ୍ତ୍ୱେ ବାଣିଜ୍ୟିକ ପରିବହନ ଜାରି ରହିଥିଲା। ଇରାନର ଏହି ଘୋଷଣା ପରେ ଭାରତ ସହଜରେ ତୈଳ ପାଇ ପାରିବ।

## ରୁଷ୍ ତ ନିଜେ ହତାଶାରେ, ଇରାନକୁ କଣ ରକ୍ଷା କରିବ: ଜେଲେନସ୍କି

ନୂଆଦିଲ୍ଲୀ,୫।୩ : ଇରାନ-ଆମେରିକା ଓ ଇସ୍ରାଏଲ ମଧ୍ୟରେ ଜାରି ଯୁଦ୍ଧ ଦିନକୁ ଦିନ ବିକଟାଳ ରୂପ ନେଉଛି। ଏହି ମଧ୍ୟରେ ୟୁକ୍ରେନ ରାଷ୍ଟ୍ରପତି ଜେଲେନସ୍କି କହିଛନ୍ତି ଯେ, ବର୍ତ୍ତମାନ ସମୟରେ ରୁଷ୍ ଖୋଲାଖୋଲି ଇରାନର ସହଯୋଗୀ ଭାବେ ବ୍ୟବହାର କରୁ ନାହିଁ। ସେ ଏହା ପଛର କାରଣ କହି ଟାର୍ଗେଟ୍ କରିଛନ୍ତି , ଆଉ କହିଛନ୍ତି ରୁଷ୍ ତ ନିଜେ ଖାଲି ହୋଇ ସାରିଛି, ସେ କଣ ବନ୍ଧୁ ଇରାନକୁ ସାହାଯ୍ୟ କରିବ। ଜେଲେନସ୍କିଙ୍କ ଦାବି ଯେ, ରୁଷର ସାମରିକ କ୍ଷମତା ଦୁର୍ବଳ ହୋଇ ସାରିଛି, କାରଣ ଚାରି ବର୍ଷ ହେବ ୟୁକ୍ରେନ ସହ ଚାଲିଥିବା ଯୁଦ୍ଧରେ ତାର ସୈନିକ ଖୁବ୍ ହତାଶ ହୋଇ ଯାଇଛନ୍ତି। ଜେଲେନସ୍କିଙ୍କ ମୁତାବିକ, ଏହି କାରଣରୁ ରୁଷ୍ ଚାହିଁବି ଇରାନର ସାହାଯ୍ୟ କରିବା ସ୍ଥିତିରେ ନାହିଁ।ଏକ ସାକ୍ଷାତକାରରେ ଜେଲେନସ୍କି କହିଛନ୍ତି , ମୋର ବିଶ୍ୱାସ ଯେ, ରୁଷିଆ ପାଖରେ ଆଉ କ୍ଷମତା ବି ନାହିଁ। ତାର ସବୁ ସେନା ୟୁକ୍ରେନ ମାଟିରେ ପୋତି ହୋଇ ଯାଇଛନ୍ତି କିମ୍ବା ୟୁକ୍ରେନ ବିରୋଧ ଯୁଦ୍ଧରେ ନିୟୋଜିତ ଅଛନ୍ତି। ସେ କହିଛନ୍ତି , ପୂର୍ବରୁ ମଧ୍ୟ ଏମିତି ଦୃଶ୍ୟ ସିରିଆରେ ଦେଖିବାକୁ ମିଳି ଥିଲା ଏବଂ ଏବେ ଇରାନର ମାମଲାରେ ମଧ୍ୟ ରୁଷ୍ ସୀମିତ ଭୂମିକା ତୁଲାଇବା ନଜର ଆସୁଛି। ଏହାସହ ୟୁକ୍ରେନ ରାଷ୍ଟ୍ରପତି ଅଭିଯୋଗ କରିଛନ୍ତି ଯେ, ରୁଷ୍ ଇରାନକୁ ଅସ୍ତ୍ରଶସ୍ତ୍ର ଓ ଟେକ୍ନିକାଲ ସହାୟତା ଦେଉଛି। ତାଙ୍କର କହିବାନୁସାରେ , ଇରାନୀ ଡ୍ରୋନ୍ ( ଶାହେଦ)ର ଭଗ୍ନାବଶେଷରେ ରୁଷୀୟ ଇଲେକ୍ଟ୍ରୋନିକ ଉପକରଣର ପ୍ରମାଣ ମିଳୁଛି। ଜେଲେନସ୍କି କହିଛନ୍ତି, ଏହା ମଧ୍ୟ ସମ୍ଭବ ଯେ, ରୁଷ୍ ଇରାନକୁ ବାୟୁ ପ୍ରତିରକ୍ଷା ପ୍ରଣାଳୀ ଉପଲବ୍ଧ କରାଇପାରେ , କାରଣ ରୁଷ୍ ନିକଟରେ ଏମିତି ଅସ୍ତ୍ରର ପର୍ଯ୍ୟାପ୍ତ ଭଣ୍ଡାର ଅଛି।

## ଟ୍ରମ୍ପ ଓ ବାଇଡେନଙ୍କୁ ହତ୍ୟା କରିବାକୁ ଇରାନ ନିଯୁକ୍ତି ଦେଇଥିବା ପାକିସ୍ତାନୀ ବ୍ୟକ୍ତିଙ୍କ ସ୍ୱୀକାର

ୱାସିଂଟନ,୫।୩: ଜଣେ ପାକିସ୍ତାନୀ ନାଗରିକ ଇରାନ ପ୍ରରୋଚନାରେ ଆମେରିକାର ବରିଷ୍ଠ ରାଜନୈତିକ ବ୍ୟକ୍ତିତ୍ୱଙ୍କୁ ହତ୍ୟା ଷଡ଼ଯନ୍ତ୍ର କରିଥିବା ଅଭିଯୋଗ ହୋଇଛି। ଅଭିଯୁକ୍ତ ବୁଧବାର ସାକ୍ଷ୍ୟ ଦେଇଛନ୍ତି ଯେ, ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ, ତାଙ୍କ ପୂର୍ବସୂରି ଜୋ ବାଇଡେନ୍ ଏବଂ ଜାତିସଂଘର ପୂର୍ବତନ ରାଷ୍ଟ୍ରଦୂତ ନିକି ହାଲିଙ୍କୁ ହତ୍ୟା କରିବା ପାଇଁ ଇରାନର ଗୁପ୍ତଚର କାର୍ଯ୍ୟକର୍ତ୍ତାମାନେ ତାଙ୍କୁ ନିଯୁକ୍ତି ଦେଇଥିଲେ। ବ୍ରୁକଲିନର ଫେଡେରାଲ୍ ଡିଷ୍ଟ୍ରିକ୍ଟ କୋର୍ଟରେ ଆତଙ୍କବାଦ ଓ ହତ୍ୟା ଷଡ଼ଯନ୍ତ୍ର ଅଭିଯୋଗର ସମ୍ମୁଖୀନ ହୋଇଥିବା ଆସିଫ୍ ମର୍ଚାଣ୍ଟ ନିଜ ପ୍ରତିରକ୍ଷାରେ ସାକ୍ଷ୍ୟ ଦେଇଛନ୍ତି। ସେ କୋର୍ଟଙ୍କୁ କହିଛନ୍ତି ଯେ, ସେ ଏହି ଯୋଜନା କାର୍ଯ୍ୟକାରୀ କରିବାକୁ ଚାହୁ ନ ଥିଲେ ଏବଂ ଆରମ୍ଭରୁ ବିଶ୍ୱାସ କରୁଥିଲେ ଯେ ଅପରେସନ୍ ବିଫଳ ହେବ।

## ଆମେରିକୀୟ ଟ୍ୟାଙ୍କର୍ ଉପରେ ତେହେରାନର ଆକ୍ରମଣ



ତେହେରାନ,୫।୩: ଭାରତ ମହାସାଗରରେ ଏକ ଇରାନୀଯୁଦ୍ଧଜାହାଜ ଉପରେ ଆକ୍ରମଣ ହେବାର କିଛି ଘଣ୍ଟା ପରେ, ଗୁରୁବାର ଦିନ ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ (ଆଇଆରଜିସି) ଉତ୍ତର ପାରସ୍ୟ ଉପସାଗରରେ ଏକ ଆମେରିକୀୟ ଟ୍ୟାଙ୍କରକୁ ଆକ୍ରମଣ କରିଥିବା ଦାବି କରିଛି। ଇରାନୀ ସରକାରୀ ଗଣମାଧ୍ୟମ କହିଛି, ଆମେରିକୀୟ ଜାହାଜରେ ନିଆଁ ଲାଗିଯାଇଛି। ତେବେ କ୍ଷୟକ୍ଷତି ସମ୍ପର୍କରେ କିଛି ଜଣାପଡ଼ିନାହିଁ। ଏହି ଘଟଣା ସଂଘର୍ଷରେ ଏକ ଗୁରୁତ୍ୱପୂର୍ଣ୍ଣ ଦିଗକୁ ସୂଚିତ କରୁଛି। ଛଅ ଜଣ ଆମେରିକୀୟ ସୈନିକଙ୍କ ଯାଇଛି ଜୀବନ। ଏହା ଯୋଗୁ ଇରାନରେ ହଜାରରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଛି। ଛଅ ଜଣ ଆମେରିକୀୟ ସୈନିକଙ୍କ ଜୀବନ ଯାଇଛି। ଶ୍ରୀଲଙ୍କାର ଦକ୍ଷିଣ ଉପକୂଳରେ ଏକ ଆମେରିକୀୟ ବୁଡ଼ାଜାହାଜକୁ ବୁଡ଼ାଇ ଦେବାର ୨୪ ଘଣ୍ଟାରୁ କମ୍ ସମୟ ମଧ୍ୟରେ ଏକ ଇରାନୀ ଯୁଦ୍ଧଜାହାଜ ଫ୍ରିଗେଟ୍ ଆଇରିସ୍ ଡେନାକୁ ଭାରତ ମହାସାଗରରେ ଆକ୍ରମଣ କରାଯାଇଥିଲା। ଏହା ଦ୍ୱାରା ଯୁଦ୍ଧ ଭାରତ ପାଖାପାଖି ଆସି ପହଞ୍ଚିଛି। ଆମେରିକୀୟ ଜାହାଜରେ ନିଆଁ ଲଗାଇଲା ଆଇଆରଜିସି। ଇରାନୀ ନୌସେନା ଫ୍ରିଗେଟ୍ ଆଇରିସ୍ ଡେନାକୁ ବୁଡ଼ାଇ ଦେବା ଘଟଣାରେ ଇରାନକଡ଼ା ପ୍ରତିକ୍ରିୟା ପ୍ରକାଶ କରିବାର କିଛି ଘଣ୍ଟା ପରେ ଏହା ଘଟିଛି। ଇରାନୀ ବୈଦେଶିକ ମନ୍ତ୍ରୀ ସୈୟଦ ଆବାସ୍ ଆରାଘଚି କହିଥିଲେ ଭାରତୀୟ ନୌସେନାର ଅତିଥି ଆଇରିସ୍ ଡେନାକୁ ଅନ୍ତର୍ଜାତୀୟ ଜଳସୀମାରେ କୌଣସି ଚେତାବନୀ ବିନା ଫ୍ରିଗେଟ୍ ଡେନା ଉପରେ ଆକ୍ରମଣ କରାଯାଇଥିଲା। ପଶ୍ଚାତାପ କରିବ ଆମେରିକା ଆରାଘଚି ଚେତାବନୀ ଦେଇ କହିଥିଲେ, ମୋର କଥା ମନେରଖ, ଆମେରିକା ଏଭଳି ଏକ ଉଦାହରଣ ସୃଷ୍ଟି କରିଥିବାରୁ ପଶ୍ଚାତାପ କରିବ। ଫ୍ରିଗେଟ୍ଆଇରିସ୍ ଡେନା ଗତ ମାସରେ ଦୁଇଟି ନୌସେନା ଅଭ୍ୟାସରେ ଅଂଶଗ୍ରହଣ କରିବା ପରେ ଭାରତର ବିଶାଖାପାଟଣାରୁ ଇରାନକୁ ଫେରୁଥିବା ବେଳେ ଏହା ଉପରେ ଏକ ଆମେରିକାର ଟର୍ପେଡୋ ମାଡ଼ କରାଯାଇଥିଲା। ଆନ୍ତର୍ଜାତୀୟ ଜଳସୀମାରେ ଏହି ଅଚାନକ ଆକ୍ରମଣରେ ୮୭ ଜଣ ଇରାନୀ ନାବିକଙ୍କ ମୃତ୍ୟୁ ହୋଇଥିଲା। ୬୦ ରୁ ଅଧିକ ଲୋକ ଏବେ ବି ନିଖୋଜ ଅଛନ୍ତି।

## ୧୬୦ ଦେଶରେ ଲକ୍ଷେ ଆମେରିକୀୟ ସୈନ୍ୟ: ପେଣ୍ଟାଗନ

ୱାସିଂଟନ,୫।୩: ପରିବର୍ତ୍ତିତ ବିଶ୍ୱସ୍ତରୀୟ ସୁରକ୍ଷା ପରିସ୍ଥିତି ମଧ୍ୟରେ ଆମେରିକାର ପ୍ରତିରକ୍ଷା ବିଭାଗ ପେଣ୍ଟାଗନ ନିଜର ସାମରିକ ଶକ୍ତି ଏବଂ ପ୍ରସ୍ତୁତିର ଏକ ବିରାଟ ବିବରଣୀ ଉପସ୍ଥାପନ କରିଛି। ବର୍ତ୍ତମାନ, ବିଶ୍ୱର ୧୬୦ ବିଭିନ୍ନ ଦେଶରେ ୧ ଲକ୍ଷ ୮ ହଜାରରୁ ଅଧିକ ଆମେରିକୀୟ ସୈନିକ ସକ୍ରିୟ ଭାବରେ କାର୍ଯ୍ୟ କରୁଛନ୍ତି। ଏହି ସୈନିକମାନେ କେବଳ ଆମେରିକାର ସ୍ୱାର୍ଥକୁ ସୁରକ୍ଷା ଦେଉଛନ୍ତି ନାହିଁ, ବରଂ ବିଶ୍ୱ ସ୍ତରରେ ଉଭା ହେଉଥିବା ନୂତନ ସୁରକ୍ଷା ଚ୍ୟାଲେଞ୍ଜର ମଧ୍ୟ ମୁକାବିଲା କରୁଛନ୍ତି। ଏହି ନିୟୋଜନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଇରାନ, ଚୀନ୍ ଏବଂ ରୁଷ ଭଳି ଦେଶଗୁଡ଼ିକର ସମ୍ଭାବ୍ୟ ଚ୍ୟାଲେଞ୍ଜକୁ ପ୍ରଭାବଶାଳୀ ଭାବରେ ମୁକାବିଲା କରିବା ଏବଂ ଅନ୍ତର୍ଜାତୀୟ ସ୍ଥିରତା ବଜାୟ ରଖିବା। ଏକ ସିନେଟ୍ କମିଟି ସମ୍ମୁଖରେ ସାକ୍ଷ୍ୟ ଦେଇ, ଆମେରିକୀୟ ସେନାର ଉପାଧ୍ୟକ୍ଷ ଜେନେରାଲ କ୍ରିଷ୍ଟୋଫର ଲାନେଭ କହିଛନ୍ତି, ଆମର ସୈନ୍ୟମାନେ ବର୍ତ୍ତମାନ ସାରା ବିଶ୍ୱରେ ସକ୍ରିୟ ଅଛନ୍ତି। ଏହି ସାହସୀ ସୈନିକମାନେ ପଶ୍ଚିମ ଗୋଲାର୍ଦ୍ଧର ସୁରକ୍ଷା ସୁନିଶ୍ଚିତ କରୁଛନ୍ତି, ଏବଂ ଇରାନ ତଥା ଏହାର ଆଞ୍ଚଳିକ ସହଯୋଗୀମାନଙ୍କ ଦ୍ୱାରା କ୍ଷେପଣାସ୍ତ୍ର ଓ ବିପଦପୂର୍ଣ୍ଣ ଡ୍ରୋନ୍ ଆକ୍ରମଣକୁ ପ୍ରତିରୋଧ କରୁଛନ୍ତି। ସେମାନେ ଦିନରାତି ଅକ୍ଲାନ୍ତ ପରିଶ୍ରମ କରୁଛନ୍ତି, ନିଜ ଜୀବନକୁ ବାଜି ଲଗାଇ, ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ଏବଂ ସହଯୋଗୀ ରାଷ୍ଟ୍ରଗୁଡ଼ିକୁ ସୁରକ୍ଷା ଦେବା ସହିତ ଶତ୍ରୁ କାର୍ଯ୍ୟକଳାପ ଉପରେ ସତର୍କ ନଜର ରଖିଛନ୍ତି। ଆଡମିରାଲ ଜେମ୍ସ କିଲବି ଆଇନ ପ୍ରଣୟନକାରୀମାନଙ୍କୁ ସୂଚନା ଦେଇଛନ୍ତି ଯେ ଆମେରିକା ନୌସେନା ଏବେ ଏହାର ଜାହାଜଗୁଡ଼ିକୁ ଆଧୁନିକୀକରଣ କରିବା ଏବଂ ଯୁଦ୍ଧଜାହାଜ ମରାମତିରେ ଦୀର୍ଘ ବିଳମ୍ବ ହ୍ରାସ କରିବା ଉପରେ ଧ୍ୟାନ ଦେଉଛି।

## ୬ ଦିନର ଯୁଦ୍ଧରେ ଇସ୍ରାଏଲର ୨୭ ହଜାର କୋଟି ଟଙ୍କାର କ୍ଷତି

ନୂଆଦିଲ୍ଲୀ,୫/୫: ଇରାନ-ଇସ୍ରାଏଲ ଯୁଦ୍ଧ ଆରମ୍ଭ ହେବାର ୬ ଦିନ ବିତିଗଲାଣି। ଉଭୟ ଦେଶ ନିରନ୍ତର ଆକ୍ରମଣ କରୁଛନ୍ତି। ଏହି ସଂଘର୍ଷରେ ଶହ ଶହ ଲୋକ ପ୍ରାଣ ହରାଇଛନ୍ତି। କିନ୍ତୁ ଯୁଦ୍ଧ ସମାପ୍ତ କରିବା ପାଇଁ ଉଭୟ ଦେଶ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନାହିଁ। ଆମେରିକା ଏବଂ ଇସ୍ରାଏଲ ମିଳିତ ଭାବରେ ଇରାନ ଉପରେ ଆକ୍ରମଣ କରୁଥିବା ବେଳେ ଅନ୍ୟପଟେ ଇରାନ ପାଲଟା ଆକ୍ରମଣ କରୁଛି। ଇରାନ ବିରୁଦ୍ଧରେ ବିମାନ ଆକ୍ରମଣ ଇସ୍ରାଏଲର ଅର୍ଥନୀତିକୁ ଗୁରୁତର କ୍ଷତି ପହଞ୍ଚାଇଛି। ଇସ୍ରାଏଲର ଅର୍ଥ ମନ୍ତ୍ରଣାଳୟ କହିଛି ଯେ, ଇରାନ ସହିତ ଚାଲିଥିବା ବିମାନ ଯୁଦ୍ଧ ଦେଶର ଅର୍ଥନୀତିକୁ ପ୍ରତି ସପ୍ତାହରେ ୯ ବିଲିୟନ ଶେକେଲରୁ ଅଧିକ କ୍ଷତି ପହଞ୍ଚାଇପାରେ। ଅର୍ଥାତ୍ ପ୍ରତି ସପ୍ତାହରେ ଇସ୍ରାଏଲକୁ ଭାରତୀୟ ମୂଲ୍ୟରେ ୨୭ ହଜାର କୋଟିର କ୍ଷତିର ହୋଇପାରେ। ଯଦି ଏହି ଯୁଦ୍ଧ ଜାରି ରହେ, ତେବେ ଏହି କ୍ଷତି ଆହୁରି ବୃଦ୍ଧି ପାଇପାରେ। ଏହି ଯୁଦ୍ଧ ଦେଶର ଅନ୍ୟାନ୍ୟ କାର୍ଯ୍ୟକଳାପକୁ ମଧ୍ୟ ସିଧାସଳଖ ପ୍ରଭାବିତ କରୁଛି। ଇସ୍ରାଏଲର ହୋମ୍ ଫ୍ରଣ୍ଟ କମାଣ୍ଡ ବର୍ତ୍ତମାନ ସାରା ଦେଶରେ ଅନେକ କଠୋର କଟକଣା ଲାଗୁ କରିଛି। ଏହି କଟକଣାଗୁଡ଼ିକରେ କାମକୁ ଯିବା ପାଇଁ ଅନୁମତିପ୍ରାପ୍ତ ଲୋକଙ୍କ ସଂଖ୍ୟା ଉପରେ ସୀମା, ସ୍କୁଲ ବନ୍ଦ ଏବଂ ବଡ଼ ପରିମାଣରେ ରିଜର୍ଭ ସୈନ୍ୟ ମୁତୟନ ଅନ୍ତର୍ଭୁକ୍ତ।



ଅଧିକାଂଶ ଅଞ୍ଚଳରେ ଅତ୍ୟାବଶ୍ୟକ ସେବା ବ୍ୟତୀତ ଅଧିକାଂଶ ବ୍ୟବସାୟ ବନ୍ଦ ରହିଛି। ଅଧିକାଂଶ କର୍ମଚାରୀ ଘରୁ କାମ କରୁଛନ୍ତି। ଯୁଦ୍ଧ ଯୋଗୁଁ ସାଧାରଣ ସମାବେଶ ନିଷେଧ କରାଯାଇଛି। ଏହି କଠୋର କଟକଣା ଯୋଗୁଁ ଆସନ୍ତା ସପ୍ତାହରୁ ପ୍ରତି ସପ୍ତାହରେ ଅର୍ଥନୀତିକୁ ପ୍ରାୟ ୯.୪ ବିଲିୟନ ଶେକେଲ କ୍ଷତି ସହିବାକୁ ପଡିବ ବୋଲି ଆଶା କରାଯାଉଛି। ଅର୍ଥ ମନ୍ତ୍ରଣାଳୟ ହୋମ ଫ୍ରଣ୍ଟକୁ ଆଦେଶ ଦେଇଛି ଯେ,ପ୍ରତିବନ୍ଧକକୁ ରେଡରୁ ହଟାଇ ଅରେଞ୍ଜ କରାଯାଉ। ଯଦି ଏହା ଆଗାମୀ ଗୋଟିଏରୁ ଦୁଇ ଦିନ ମଧ୍ୟରେ ହୁଏ, ତେବେ କାର୍ଯ୍ୟକ୍ଷମ କାର୍ଯ୍ୟାଳୟଗୁଡ଼ିକରେ କିଛି ସହଜତା ସମ୍ଭବ ହୋଇପାରେ। ଯୁଦ୍ଧ ଦ୍ୱାରା ପ୍ରଭାବିତ ହୋଇଥିବା କାମ ଏବଂ ଘରୁ କାମ ସମାପ୍ତ କରାଯାଇପାରିବ। ଏହା ପ୍ରତି ସପ୍ତାହରେ ପ୍ରାୟ ୪.୩ ବିଲିୟନ ଶେକେଲ ଆର୍ଥିକ କ୍ଷତିକୁ ହ୍ରାସ କରିପାରିବ। ତଥାପି, ପ୍ରତିବନ୍ଧକକୁ ସହଜ କରିବା ସମ୍ପର୍କରେ ଏପର୍ଯ୍ୟନ୍ତ କୌଣସି ସ୍ପଷ୍ଟ ନିର୍ଦ୍ଦେଶ ଜାରି କରାଯାଇ ନାହିଁ।

## ସୋସିଆଲ ମିଡିଆ ଷ୍ଟାର ନାନସି ଗ୍ରେୱାଲଙ୍କ ଛୁରୀ ଭୁସି ହତ୍ୟା

ନୂଆଦିଲ୍ଲୀ,୫।୩ : କାନାଡାର ୱିଣ୍ଡସରରେ ୪୫ ବର୍ଷୀୟ ପଞ୍ଜାବୀ ବଂଶୋଦ୍ଭବ ସୋସିଆଲ ମିଡିଆ ଇନଫ୍ଲୁଏନ୍ସର ନାନସି ଗ୍ରେୱାଲଙ୍କୁ ଛୁରି ଭୁସି ହତ୍ୟା କରାଯାଇଛି। ସେ ଖଲିସ୍ତାନୀଙ୍କ ବିରୋଧରେ ମନ୍ତବ୍ୟ ଦେବା ନେଇ ବେଶ୍ ଜଣାଶୁଣା ଥିଲେ। ପୁଲିସ କହିଛି, ସେମାନେ ମାର୍ଚ୍ଚ ୪ ତାରିଖ ରାତି ୯:୩୦ ସମୟରେ ନାନସିଙ୍କ ଉପରେ ଆକ୍ରମଣ ହୋଇଥିବା ଖବର ପାଇଥିଲେ। ପୁଲିସ ଅଧିକାରୀମାନେ ଗ୍ରେୱାଲଙ୍କୁ ହସ୍ପିଟାଲକୁ ନେଇଯାଇଥିଲେ। ସେଠାରେ ତାଙ୍କର ପରେ ମୃତ୍ୟୁ ହୋଇଥିଲା। ପୁଲିସ ଏହି ହତ୍ୟାକାଣ୍ଡରେ ଖଲିସ୍ତାନୀ ଉଗ୍ରବାଦୀଙ୍କ ସମ୍ପୃକ୍ତି ଥିବା ସନ୍ଦେହ କରୁଛି ।

## ସାମରିକ ଶକ୍ତି ପ୍ରତ୍ୟେକ ସମସ୍ୟାର ସମାଧାନ ନୁହେଁ: ମୋଦି



ନୂଆଦିଲ୍ଲୀ,୫।୩: ଇରାନ-ଆମେରିକା ଓ ଇସ୍ରାଏଲ ଯୁଦ୍ଧ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଶ୍ୱକୁ ଏକ ବାର୍ତ୍ତା ଦେଇଛନ୍ତି। ସେ କହିଛନ୍ତି, କେବଳ ସାମରିକ ଶକ୍ତି ପ୍ରତ୍ୟେକ ସମସ୍ୟାର ସମାଧାନ କରିପାରିବ ନାହିଁ। ସେ ସ୍ପଷ୍ଟ କରିଥିଲେ ଯେ ସାମରିକ କାର୍ଯ୍ୟାନୁଷ୍ଠାନ ନୁହେଁ, ଶାନ୍ତି ଏବଂ ଆଲୋଚନା ହିଁ ଆଗକୁ ବଢ଼ିବାର ପଥ। ପ୍ରଧାନମନ୍ତ୍ରୀ ମୋଦି ରୁଷ ଏବଂ ୟୁକ୍ରେନ, ଇରାନ, ଆମେରିକା ଏବଂ ଇସ୍ରାଏଲ ମଧ୍ୟରେ ଚାଲିଥିବା ବିବାଦ ସମ୍ପର୍କରେ ଏଭଳି ବିବୃତି ଦେଇଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, ନିୟମ କାନୁନ୍, ଆଲୋଚନା ତଥା କୂଟନୀତି ଯେକୌଣସି ବିବାଦର ସମାଧାନର ଏକମାତ୍ର ରାସ୍ତା। ଗୁରୁବାର ଦିଲ୍ଲୀରେ ଫିନଲାଣ୍ଡ ରାଷ୍ଟ୍ରପତି ଆଲେକଜାଣ୍ଡାର ଷ୍ଟବ୍‌ଙ୍କ ସହ ଏକ ମିଳିତ ସାମ୍ବାଦିକ ସମ୍ମିଳନୀରେ ସେ ଏହି ବିବୃତି ଦେଇଛନ୍ତି। ବିଶ୍ୱସ୍ତରୀୟ ଚ୍ୟାଲେଞ୍ଜ ବିଷୟରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, ବିଶ୍ୱକୁ ଏବେ ପୁରୁଣା ବିଶ୍ୱସ୍ତରୀୟ ପ୍ରତିଷ୍ଠାନଗୁଡ଼ିକର ସଂସ୍କାରର ଅତ୍ୟନ୍ତ ଆବଶ୍ୟକତା ଅଛି। ସଂସ୍କାର କେବଳ ଆବଶ୍ୟକ ନୁହେଁ, ବରଂ ଏହା ବହୁତ ଶୀଘ୍ର କରାଯିବା ଆବଶ୍ୟକ। ସମସ୍ତ ପ୍ରକାରର ଆତଙ୍କବାଦକୁ ମୂଳୋତ୍ପାଟନ କରିବା ପାଇଁ ଆମର ମିଳିତ ପ୍ରତିବଦ୍ଧତା ରହିଛି।ସେ ଜାନୁଆରିରେ ୟୁରୋପୀୟ ସଂଘ ସହିତ ହୋଇଥିବା ଐତିହାସିକ ବାଣିଜ୍ୟ ଚୁକ୍ତିନାମା ବିଷୟରେ ଉଲ୍ଲେଖ କରି କହିଛନ୍ତି, ଅସ୍ଥିରତା ସମୟରେ ଭାରତ-ୟୁରୋପ ସମ୍ପର୍କ ଏକ ସୁବର୍ଣ୍ଣ ଯୁଗରେ ପ୍ରବେଶ କରୁଛି। ଉଭୟ ମହାଶକ୍ତି ବିଶ୍ୱ ସ୍ଥିରତା, ଅଭିବୃଦ୍ଧି ଏବଂ ସମୃଦ୍ଧି ପାଇଁ ନୂତନ ପ୍ରେରଣା ପ୍ରଦାନ କରୁଛନ୍ତି। ପ୍ରଧାନମନ୍ତ୍ରୀ ଫିନଲାଣ୍ଡ ସହିତ ରଣନୈତିକ ସହଭାଗୀତାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଦୁଇ ଦେଶ ଦ୍ୱିପାକ୍ଷିକ ସମ୍ପର୍କକୁ ନୂତନ ଉଚ୍ଚତାରେ ପହଞ୍ଚାଇବା ପାଇଁ ଅନେକ ଚୁକ୍ତି ସ୍ୱାକ୍ଷର କରିଥିବା ସେ ଦୋହରାଇଛନ୍ତି।

## ଜନଗଣନା ପାଇଁ ଡିଜିଟାଲ ଉପକରଣ ସହ ମାସ୍କଟ୍ ଉନ୍ମୋଚନ

ନୂଆଦିଲ୍ଲୀ, ୫ ।୩ : ଜନଗଣନା-୨୦୨୭ ପାଇଁ ଚାରୋଟି ଡିଜିଟାଲ୍ ଉପକରଣ ସହ ମାସ୍କଟ୍ ପ୍ରଗତି ଓ ବିକାଶ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ ଗୁରୁବାର ଉନ୍ମୋଚନ କରିଛନ୍ତି। ପ୍ରଥମ ଥର ପାଇଁ ଜନଗଣନା ଡିଜିଟାଲ୍ ଭାବରେ କରାଯିବ। ଏପରିକି ପ୍ରଥମ ଥର ପାଇଁ ସ୍ୱୟଂ-ଗଣନାର ବିକଳ୍ପ ମଧ୍ୟ ପ୍ରଦାନ କରାଯାଉଛି। ଏହି ଅବସରରେ କେନ୍ଦ୍ର ଗୃହ ସଚିବ ଏବଂ ଭାରତର ରେଜିଷ୍ଟ୍ରାର ଜେନେରାଲ ତଥା ଜନଗଣନା କମିଶନର ଉପସ୍ଥିତ ଥିଲେ। ସେଣ୍ଟର ଫର ଡେଭଲପମେଣ୍ଟ ଅଫ୍ ଆଡଭାନ୍ସଡ୍ କମ୍ପ୍ୟୁଟିଂ (ସି-ଡିଏସି) ଗଣନା କାର୍ଯ୍ୟକୁ ସହଜ କରିବା ପାଇଁ ଉନ୍ନତ ଡିଜିଟାଲ୍ ପ୍ଲାଟଫର୍ମ ବିକଶିତ କରିଛି।

## ରଙ୍ଗ ଲଗାଇଲା ବୋଲି ୪ ବର୍ଷର ନାତି ଉପରେ ଗରମ ପାଣି ପକାଇଲା ଜେଜେ ମା

ନାଗପୁର,୫।୩ : ଗତକାଲି ସାରା ଦେଶରେ ଧୁମଧାମରେ ହୋଲି ପାଳନ ହେଉଥିବା ବେଳେ ମହାରାଷ୍ଟ୍ର ନାଗପୁରର କୋରାଡିରେ ଅଘଟଣ ଘଟିଛି । ହୋଲି ଯୋଗୁଁ ଲୋକ ପରସ୍ପରକୁ ରଙ୍ଗ ବୋଳି ଖୁସି ମନାଉଥିବା ବେଳେ ଏକ ଚାରି ବର୍ଷର ଶିଶୁ ରଙ୍ଗ ବୋଳିକା ମହଙ୍ଗା ପଡିଛି । ଜେଜେ ମାଆକୁ ରଙ୍ଗ ମାରିଥିବାରୁ ନାତି ଉପରେ ଗରମ ପାଣି ଢାଳି ଦେଇଛି ଜେଜେ ମାଆ । ଗରମ ପାଣି ପଡିବା ଯୋଗୁଁ ପିଲାଟିର ଦେହ ଫୋଟକା ହୋଇଯାଇଛି । ପିଲାଟିର ଚିକିତ୍ସା ନାଗପୁର ହସପିଟାଲରେ ଚାଲିଛି। ଖବର ମୁତାବକ, ନାଗପୁରର କୋରାଡି ଅଞ୍ଚଳ ୪ ବର୍ଷର ଶିଶୁ ଓମ୍ ହରିଶ ୱାଙ୍ଗେ ହୋଲି ଖେଳୁଥିଲେ । ହୋଲି ଥିବାରୁ ରଙ୍ଗ ଧରି ସମସ୍ତଙ୍କୁ କୁନି ହାତରେ ବୋଳୁଥିଲେ । ଏହି ସମୟରେ ଶିଶୁର ଜେଜେ ମାଆ ସିନ୍ଧୁ ଠାକରେ ଘରର ଅଗଣାରେ ପାଣି



ଗରମ କରୁଥିଲେ । ଓମ୍ ମଜାରେ ନିଜ ଜେଜେ ମାଆଙ୍କ ଉପରେ ରଙ୍ଗ ପକାଇ ଦେଇଥିଲା । ପିଚକାରୀ ଧରି ସ୍ପ୍ରେ କରିଥିଲେ । ଯାହା ପରେ ମହିଳା ଜଣଙ୍କ ରାଗି ଯାଇଥିଲେ । ନିଜ ନାତି ଉପରେ ଗରଣ ପାଣି ଢାଳି ଦେଇଥିଲେ। ଗରମ ପାଣି ପଡିବା ପରେ ପିଲାଟି ଚିତ୍କାର ଶୁଣି ଅନ୍ୟ ସଦସ୍ୟ ଧାଇଁ ଆସି ଓମଙ୍କୁ ଉଦ୍ଧାର କରିଥିଲେ । ଏହାପରେ ତୁରନ୍ତ ତାଙ୍କୁ ହସପିଟାଲରେ ଭର୍ତ୍ତି କରାଯାଇଛି । ପିଲାଟିର ଶରୀରର ପ୍ରାୟ ୪୫ ପ୍ରତିଶତ ପୋଡି ଯାଇଥିବା ଡାକ୍ତର କହିଛନ୍ତି ।

## ନିର୍ବାଚନ ପୂର୍ବରୁ ଇସ୍ତଫା ଦେଲେ ପଶ୍ଚିମବଙ୍ଗ ରାଜ୍ୟପାଳ

ନୂଆଦିଲ୍ଲୀ,୫।୩ : ପଶ୍ଚିମବଙ୍ଗରେ ରାଜ୍ୟପାଳ ଥିବା ସିବି ଆନନ୍ଦ ବୋଷ ଆଜି ପଦରୁ ଇସ୍ତଫା ଦେଇଛନ୍ତି । ତାଙ୍କ ଇସ୍ତଫାର କାରଣ ସ୍ପଷ୍ଟ ହୋଇନାହିଁ । ଇସ୍ତଫା ଦେବା ପରେ ସେ ତୁରନ୍ତ ଦିଲ୍ଲୀ ଯାଇଛନ୍ତି । ସିବି ଆନନ୍ଦ ବୋଷ ୩.୫ ବର୍ଷ ହେବ ପଶ୍ଚିମବଙ୍ଗର ରାଜ୍ୟପାଳ ଥିଲେ । ଇସ୍ତଫା ଦେବା ପରେ ସେ ଜାତୀୟ ଗଣମାଧ୍ୟମକୁ କହିଛନ୍ତି କି,



ରାଜଭବନରେ ସେ ପର୍ଯ୍ୟାପ୍ତ ସମୟ ବିତାଇ ସାରିଛନ୍ତି। ସିବି ଆନନ୍ଦ ବୋଷ ନଭେମ୍ବର ୧୭ ୨୦୨୨ ମସିହାରେ ପଶ୍ଚିମବଙ୍ଗର ରାଜ୍ୟପାଳ ଭାବେ ନିଯୁକ୍ତ ହୋଇଥିଲେ । ତାଙ୍କ ପୂର୍ବରୁ ମଣିପୁରର ତତ୍କାଳୀନ ରାଜ୍ୟପାଳ ଲା ଗଣେଶନ ଅତିରିକ୍ତ ଭାବେ ପଶ୍ଚିମବଙ୍ଗ ରାଜ୍ୟପାଳ ଦାୟିତ୍ୱ ତୁଲାଇଥିଲେ । ଜଗଦୀପ ଧନଖଡ ଉପରାଷ୍ଟ୍ରପତି ହେବା ପରେ ତାଙ୍କ ସ୍ଥାନରେ ସିବି ଆନନ୍ଦ ବୋଷଙ୍କୁ ନିଯୁକ୍ତ କରାଯାଇଥିଲା । ସିବି ଆନନ୍ଦ ବୋଷ ୧୯୭୭ ବ୍ୟାଚର ଆଇଏଏସ ଅଫିସର ଥିଲେ । ସେ ଜଣେ ଲେଖକ ମଧ୍ୟ। ସେ ଇଂରେଜୀ, ମଲୟଲମ ଓ ହିନ୍ଦୀରେ ପାଖାପାଖି ୪୦ ପୁସ୍ତକ ରଚନା କରିଛନ୍ତି । ତାଙ୍କ ଜବାହଲାଲ ନେହେରୁ ଫେଲୋସିପରେ ସମ୍ମାନିତ କରାଯାଇଥିଲା । ସେ ମୋଦି ସରକାରରେ ବିକାଶର ରୋଡ ମ୍ୟାପ୍ ପ୍ରସ୍ତୁତ କରିଥିଲେ ।

# ମହାନଦୀ ପାଣିରେ ବୁଡି ଦୁଇ ଛାତ୍ର ମୃତ

ଆଠଗଡ଼(ନିପ୍ର): ଆଠଗଡ଼ ଥାନା ଅନ୍ତର୍ଗତ କନ୍ଦରପୁର ଅମଙ୍ଗେଇ କୁଦ କୂଳରେ ବହି ଯାଇଥିବା ମହାନଦୀରେ ଆଠଗଡ଼ କଲେଜର ୬ ଜଣ ଛାତ୍ର ଗାଧୋଉଥିବା ବେଳେ ଦୁଇସାଙ୍ଗ ମହାନଦୀରେ ବୁଡି ମୃତ୍ୟୁ ବରଣ କରିଛନ୍ତି । ଘଟଣାରୁ ପ୍ରକାଶ ଆଠଗଡ ଗୋପବନ୍ଧୁ ବିଜ୍ଞାନ ମହାବିଦ୍ୟାଳୟର ୬ ଜଣ ସାଙ୍ଗ କଲେଜ ବନ୍ଦ ଥିବା ବେଳେ ଆଠଗଡ ଶାସନ ଅଂଚଳର ଶୁଶାନ୍ତ କୁମାର ମିଶ୍ରଙ୍କ କନିଷ୍ଠ ପୁତ୍ର ସଂକଳ୍ପ ମିଶ୍ର (୧୯) ମାଣିବନ୍ଧ ଅଞ୍ଚଳର ମନ୍ମଥ ଦାସ (୧୯ ବର୍ଷ )ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ରାଧାରମଣପୁର ଗ୍ରାମର ସୌଭାଗ୍ୟ ସାହୁ( ୧୯ ବର୍ଷ ) ଅମ୍ଳାନ (୧୯) ଓ ସୌରଭ ପଟ୍ଟନାୟକ (୧୯) ସାଙ୍ଗ ହୋଇ କନ୍ଦରପୁର ଆସି କନ୍ଦରପୁର ଗ୍ରାମର ସାଙ୍ଗ ବସନ୍ତ କୁମାର ଦାସଙ୍କ ବଡ଼ ପୁଅ ଚିନ୍ମୟ ଦାଶ (୧୯) ମିଳିମିଶି କନ୍ଦରପୁର ମହାନଦୀ କୂଳରୁ ମଟର ଚାଳିତ ଡଙ୍ଗାରେ ଲାଇଫ ଜ୍ୟାକେଟ ପିନ୍ଧି ଅମଙ୍ଗେଇ କୁଦକୁ ଯାଇଥିଲେ । ସେଠାରେ ପହଞ୍ଚି ମା' ଅମଙ୍ଗେଇଙ୍କ ପୀଠରେ ଗାଧୋଉଥିବା ବେଳେ ହଠାତ୍ ସଂକଳ୍ପ ମିଶ୍ରଙ୍କ ଗୋଡ଼ ଖସି ବୁଡିଯାଉଥିବା ବେଳେ ମନ୍ମଥ ଓ ସୌଭାଗ୍ୟ ଉଦ୍ଧାର କରିବାକୁ ଯାଇ ତିନି ଜଣ ବୁଡି ଯାଉଥିଲେ । ଏହି ସମୟରେ ଚିନ୍ମୟ ନିଜର ଉପସ୍ଥିତ ବୁଦ୍ଧିରେ ପ୍ରଥମେ ମନ୍ମଥ ଓ ସୌଭାଗ୍ୟକୁ ଉଦ୍ଧାର କରି ପରେ ସଂକଳ୍ପକୁ ଉଦ୍ଧାର କରୁଥିବା ବେଳେ ଚିନ୍ମୟଙ୍କ ହାତକୁ ସଂକଳ୍ପ ଜାବୁଡି ଧରି ପାଣିରୁ ଉଠିବାକୁ ଚେଷ୍ଟା କରୁଥିବା ବେଳେ ଉଭୟ ସାଙ୍ଗ ହାତ ଧରାଧରି ହୋଇ ବୁଡି ଯାଇଥିଲେ । ଏହି ସମୟରେ କୂଳରେ ଥିବା ସାଙ୍ଗମାନେ ବୁଡି ଯାଉଥିବା ସାଙ୍ଗମାନଙ୍କୁ ଉଦ୍ଧାର କରିବା ପାଇଁ ଫୋନରେ ସୂଚନା ଦେଇଥିଲେ । ସୂଚନା ପାଇ କନ୍ଦରପୁର ନଦୀକୂଳେ ବସିଥିବା କୈବର୍ତ୍ତ ସାହିର ଛାତ୍ର ଯୁବକ ମତ୍ସ୍ୟଜୀବୀମାନେ ଡ଼ଙ୍ଗା ସହିତ କିଛି ଯୁବକ ପହଁରି ଘଟଣା ସ୍ଥଳରେ ପହଂଚିଥିଲେ । ଯୁବକମାନେ ପାଣିରେ ବୁଡି ଜାଲ ସାହାଯ୍ୟରେ ଖୋଜା ଖୋଜି କରି ଚିନ୍ମୟ ଓ ସଂକଳ୍ପଙ୍କୁ ଉଦ୍ଧାର କରିଥିଲେ । ତେବେ ଡାକ୍ତରଖାନରେ ଡାକ୍ତର ସଂକଳ୍ପ ମିଶ୍ର ଓ ଚିନ୍ମୟ ଦାସଙ୍କୁ ମୃତ ଘୋଷଣା କରିଥିବା ବେଳେ ମନ୍ମଥ ଓ ସୌଭାଗ୍ୟ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା ।

### ରାହୁଲଙ୍କୁ ହତ୍ୟା ମାମଲାରେ ତଦନ୍ତ ନେଇ ପ୍ରଶ୍ନ ଉଠାଇଲେ ପତ୍ନୀ

## ନ୍ୟାୟ ପାଇଁ ସୋସିଆଲ ମିଡିଆରେ ନିବେଦନ

ଭୁବନେଶ୍ୱର(ନିପ୍ର): ରାଜଧାନୀରେ ୟୁଟ୍ୟୁବର ରାହୁଲଙ୍କୁ ହତ୍ୟା ଘଟଣାରେ ତଦନ୍ତ ଉପରେ ପ୍ରଶ୍ନ ଉଠାଇଲେ ରାହୁଲଙ୍କ ପତ୍ନୀ ତ୍ରିଷ୍ଣା । କହିଛନ୍ତି, ପୋଲିସର ତଦନ୍ତରେ ସେ ଆଦୌ ସନ୍ତୁଷ୍ଟ ନୁହନ୍ତି । ତାଙ୍କ ପରିବାର ମଧ୍ୟ ତଦନ୍ତ ପ୍ରକ୍ରିୟାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି । ରାହୁଲଙ୍କୁ ନ୍ୟାୟ ମିଳୁ । ଏଥିପାଇଁ ସୋସିଆଲ ମିଡିଆରେ ସାହାଯ୍ୟ ମାଗିଛନ୍ତି ରାହୁଲଙ୍କ ସ୍ତ୍ରୀ । ତ୍ରିଷ୍ଣା କହିଛନ୍ତି, ଏବେ ତାଙ୍କର କାହା ଉପରେ ମଧ୍ୟ ଭରସା ନାହିଁ । କେବଳ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଉପରେ ଭରସା ରହିଥିବା ସେ କହିଛନ୍ତି । ତାଙ୍କ ସ୍ୱାମୀଙ୍କୁ ଯଦି ନ୍ୟାୟ ନମିଳେ ତେବେ ସେ ନିଜ ସହିତ କିଛି ବି କରିପାରନ୍ତି ବୋଲି ଚେତାବନୀ ଦେଇଛନ୍ତି । ଗତ ୨୮ ତାରିଖ ରାତିରେ ଭୁବନେଶ୍ୱର ଜିଜିପି ହାଇସ୍କୁଲ ଗ୍ରାଉଣ୍ଡରେ ହଠାତ ଉତ୍ତେଜନାରୁ ଗଣ୍ଡଗୋଳ ପରେ ୟୁଟ୍ୟୁବର ରାହୁଲଙ୍କୁ ହତ୍ୟା କରାଯାଇଥିଲା । ଏହି ମାମଲାରେ ମଞ୍ଚେଶ୍ୱର ଥାନା ପୋଲିସ ଜଣେ ଯବାନଙ୍କ ସମେତ ତିନି ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ଜଗନ୍ନାଥନଗରରେ ରାହୁଲଙ୍କ ଘର । ମାତ୍ର ୩ ମାସ ତଳେ ରାହୁଲ ବିବାହ କରିଥିବା ବେଳେ ଉଜୁଡି ଯାଇଛି ସୁନାର ସଂସାର । ଏହା ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ପରିବାର କହିଛନ୍ତି । ଏହା ପଛରେ ଆଉ କେହି ଥାଇପାରନ୍ତି ବୋଲି ଅଭିଯୋଗ କରିଛି । ହତ୍ୟା ପୂର୍ବରୁ ରାହୁଲଙ୍କୁ ଫୋନ ଯୋଗେ ବାରମ୍ବାର ଧମକ ମିଳୁଥିଲା । ଗାଡ଼ି ପାର୍କିଂକୁ ନେଇ ଜଣେ ବ୍ୟବସାୟୀଙ୍କ ସହ ପୂର୍ବରୁ ବିବାଦ ଥିବା ସହ, ଜଣେ ବିହାରୀ ମହିଳାଙ୍କ ଠାରୁ ମଧ୍ୟ ଧମକ ମିଳିଥିବା ଅଭିଯୋଗ ହୋଇଛି । ଏଭଳି ନିର୍ମମ ଭାବେ ହତ୍ୟା କରାଯିବା ପଛରେ ଗଭୀର ଷଡଯନ୍ତ୍ର ଥାଇପାରେ ବୋଲି ପରିବାର ଅଭିଯୋଗ କରିଛି । ରାହୁଲଙ୍କୁ ନ୍ୟାୟ ପ୍ରଦାନ ସହିତ ଦୋଷୀଙ୍କୁ କଠୋର ଶାସ୍ତି ଦେବାକୁ ପରିବାର ଦାବି କରିଛନ୍ତି ।

## ଟ୍ରେନରେ କଟି ଜଣଙ୍କର ମୃତ୍ୟୁ, କାରଣ ଅସ୍ପଷ୍ଟ

ନିରାକାରପୁର(ନିପ୍ର): ହୋଲିରେ ଚାରିଆଡେ ଖୁସିର ମାହୋଲ ଚାଲିଥିବାବେଳେ ଅପରାହ୍ନରେ ଏକ ଅଭାବନୀୟ ଘଟଣା ସ୍ଥାନୀୟ ଅଂଚଳରେ ଦେଖିବାକୁ ମିଳିଛି । ଜଣେ ବ୍ୟକ୍ତି ଟ୍ରେନ ଚକାରେ କଟି ମୃତ୍ୟୁବରଣ କରିଥିବା ଜଣାଯାଇଛି । ମୃତ ବ୍ୟକ୍ତି ଜଣକ ହେଲେ ନିରାକାରପୁର ଥାନା ଅନ୍ତର୍ଗତ ରାମେଶ୍ୱର ପଞ୍ଚାୟତ ଖଜୁରିପଡା ଗ୍ରାମର ଦିବାକର ପାହାଡ଼ସିଂହ ଓରଫ ସୁକୁଟା(୪୧) ବୋଲି ନିରାକାରପୁର ରେଳବାଇ ଫାଣ୍ଡି ପୋଲିସ ଚିହ୍ନଟ କରିଛି । ସେ ସ୍ଥାନୀୟ ଷ୍ଟେସନ ଦକ୍ଷିଣ ପାର୍ଶ୍ୱରେ ଥିବା କାଶୀପୁର କାଟେଣୀଠାରେ ରେଳ ଧାରଣା ଉପରେ ପଡିଥିବା ଖବର ପାଇ ସ୍ଥାନୀୟ ରେଳବାଇ ପୁଲିସ ପହଞ୍ଚି ମୃତଦେହକୁ ଉଦ୍ଧାର କରି ଶବ ବ୍ୟବଚ୍ଛେଦ ପାଇଁ ଖୋର୍ଦ୍ଧା ସରକାରୀ ମେଡିକାଲକୁ ପଠାଇଥିଲା । ଶବ ବ୍ୟବଚ୍ଛେଦ ପରେ ଏକ ଶୋକାକୁଳ ପରିବେଶରେ ଗ୍ରାମ ଶ୍ମଶାନରେ ଅନ୍ତିମ ସତ୍କାର କରାଯାଇଛି । ମୃତ୍ୟୁର କାରଣ ଅସ୍ପଷ୍ଟ ଥିବା ବେଳେ ଏନେଇ ନିରାକାରପୁର ରେଳବାଇ ଫାଣ୍ଡି ପକ୍ଷରୁ ୧୧/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି ବୋଲି ଫାଣ୍ଡି ଅଧିକାରୀ ଦିଲ୍ଲୀପ କୁମାର ସାହୁ ସୂଚନା ଦେଇଛନ୍ତି ।

## ବାଇକ ଦୁର୍ଘଟଣାରେ ୨ ଯୁବକ ମୃତ

ଭାପୁର/ଖଣ୍ଡପଡ଼ା(ନିପ୍ର): ଖଣ୍ଡପଡ଼ା ବ୍ଲକ ଅଧୀନ ବୋଦସା ଗ୍ରାମ ଉପକଣ୍ଠରେ ଗୁରୁବାର ଅପରାହ୍ନରେ ଏକ ମର୍ମନ୍ତୁଦ ବାଇକ ଦୁର୍ଘଟଣାରେ ୨ ଜଣ ଯୁବକଙ୍କ ମୃତ୍ୟୁ ହୋଇଥିବା ଜଣାଯାଇଛି । ମୃତ ଯୁବକ ୨ ଜଣ ହେଲେ ଭାପୁର ବ୍ଲକର ଧାନଚେଙ୍ଗଡା ପଞ୍ଚାୟତ ଅଧୀନ କଳଟାଙ୍ଗୀ ଗ୍ରାମର ମଦନ ଧଳଙ୍କ ପୁଅ ବୀର କିଶୋର ଧଳ(୨୨) ଓ ତାରେଶ୍ୱର ବିଶ୍ୱାଳଙ୍କ ପୁଅ ଶଙ୍କର ବିଶ୍ୱାଳ(୨୭) ବୋଲି ସୂଚନା ମିଳିଛି । ଯୁବକ ୨ ଜଣ ଏକ ବାଇକ ଯୋଗେ ମର୍ଦ୍ଦରାଜପୁର ଗ୍ରାମରୁ ବୋଦସା ଦେଇ କଳଟାଙ୍ଗୀ ଗ୍ରାମକୁ ଯାଉଥିବା ବେଳେ ବେପରୁଆ ଭାବେ ଦ୍ରୁତ ଗତିରେ ବାଇକ ଚାଳନା ଯୋଗୁଁ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଉଭୟେ ଖସିପଡି ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ଗ୍ରାମବାସୀ ଉଭୟଙ୍କୁ ଘଟଣାସ୍ଥଳରୁ ଉଦ୍ଧାର କରି ଆଶୁ ଚିକିତ୍ସା ନିମନ୍ତେ ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ମାତ୍ର ଉଭୟଙ୍କର ମୃତ୍ୟୁ ହୋଇଥିବା ନେଇ ଡାକ୍ତର ଘୋଷଣା କରିଥିଲେ । ଖବରପାଇ ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଶବ ଜବତ କରିବା ସହ ଦୁର୍ଘଟଣାରେ ଭାଙ୍ଗି ଯାଇଥିବା ବାଇକଟିକୁ ଜବତ କରି ଘଟଣାର ତଦନ୍ତ କରୁଥିବା ସୂଚନା ମିଳିଛି । ଏହି ଦୁଃଖଦ ଘଟଣାକୁ ନେଇ ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସର ସମେତ କଳଟାଙ୍ଗୀ ଗ୍ରାମରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି ।

## ଧରଣୀ ସାର ସଂସ୍କାରକୁ ଜଗୁଥିଲେ: ସୂର୍ଯ୍ୟବଂଶୀ ସୂରଜ




ଧାମନଗର(ନିପ୍ର): ଧାମନଗର ବ୍ଲକ ଦୋବଲ ପଞ୍ଚାୟତ ସୋଧ ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ତଥା ସରପଞ୍ଚ ଅଶୋକ କୁମାର ପଣ୍ଡାଙ୍କ ପିତା ଧରଣୀଧର ପଣ୍ଡାଙ୍କ ଦ୍ୱାଦଶାହ ଅବସରରେ ସ୍ମୃତି ଚାରଣ ସଭା ସ୍ଥାନୀୟ ଧରମ ପଡିଆରେ ଅନୁଷ୍ଠିତ ହୋଇଯାଇଛି । ଶିକ୍ଷାବିତ ଭୋଳାନାଥ ସାହୁ ସଭାପତିତ୍ୱ କରିଥିବା ବେଳେ ଏବିଇଓ ହେମେନ୍ଦ୍ର ନାଥ ମହାନ୍ତି ସଭା ସଞ୍ଚାଳନ କରିଥିଲେ । ସ୍ଥାନୀୟ ବିଧାୟକ ତଥା ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଧରଣୀ ସାର ଜଣେ ଭଲ ଶିକ୍ଷକ ଥିଲେ, ସେ କେବେବି ନୀତି ନିୟମରୁ ବାହାରକୁ ଯାଇନାହାନ୍ତି, ସେ ସଂସ୍କାରକୁ ଜଗୁଥିଲେ ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ । ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ବିଜେପି ଜିଲା ସଭାପତି ଭଗବାନ ପଣ୍ଡା, ପୂର୍ବତନ ଅଧକ୍ଷ ଅଶୋକ ନାୟକ ଓ ବିନୋଦ ନାୟକ, ଅଧ୍ୟାପକ ବିଜୟ ଦାସ, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟା ରଞ୍ଜିତା ସ୍ୱାଇଁ, ମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ଅଶୋକ କୁମାର ପୁହାଣ ଓ ନଗର ପ୍ରତିନିଧି କୈଳାଶ ମହାପାତ୍ର, ପୂର୍ବତନ ସରପଞ୍ଚ ପ୍ରମୋଦ କୁମାର ସୁତାର, ଆଇନଜୀବୀ ଦେବାଶିଷ ସାମଲ, ରଣଜିତ ମହାନ୍ତି , କୃଷ୍ଣ ଚନ୍ଦ୍ର ଜେନା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପଣ୍ଡାଙ୍କ ସମ୍ପର୍କରେ ସ୍ମୃତି ଚାରଣ କରିଥିଲେ ।

### ବୁଗୁଡା ପୋଲିସକୁ ବଡ଼ ସଫଳତା

## ସୁନା ଚୋରି ମାମଲାରେ ଜଣେ ଗିରଫ




ବୁଗୁଡା(ନିପ୍ର): ବୁଗୁଡା ଥାନା ଅନ୍ତର୍ଗତ ଗହଙ୍ଗୁ ଗ୍ରାମ ନିକଟରେ ଘଟିଥିବା ସୁନା ଚେନ୍ ଲୁଟ୍ ଘଟଣାର ପର୍ଦ୍ଦାଫାଶ କରିଛି ପୋଲିସ । ଏହି ମାମଲାରେ କେନ୍ଦୁପଦର ଗ୍ରାମର ଅମିତ ବରଡ଼ା (୨୬) ନାମକ ଜଣେ ଅଭିଯୁକ୍ତକୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ଗତ ୨୮/୦୨/୨୬ ରିଖରେ ଅଭିଯୋଗକାରୀ ଦେବାଶିଷ ନାୟକ ଓ ତାଙ୍କ ଖୁଡି ପ୍ରତିମା ନାୟକ ବାଇକରେ ଯାଉଥିବା ସମୟରେ କଟାଶି ବନ୍ଧ ନିକଟରେ ଦୁର୍ବୃତ୍ତମାନେ ସେମାନଙ୍କୁ ଆକ୍ରମଣ କରି ପ୍ରାୟ ୨୦ଗ୍ରାମ ଓଜନର ସୁନା ଚେନ୍ ଓ ନାକୁ ଛଡ଼ାଇ ନେଇ ଫେରାର ହୋଇଯାଇଥିଲେ । ଭଞ୍ଜନଗର ଏସଡିପିଓ ଦୀପକ କୁମାର ମିଶ୍ରଙ୍କ ନେତୃତ୍ୱରେ ବୁଗୁଡ଼ା ଥାନା ଅଧିକାରୀ ସିତାଂଶୁ ଶେଖର ମାନ୍ଧାତା ଓ ବାଲିପଦର ଫାଣ୍ଡି ଅଧିକାରୀଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ୍ ଘଟଣାର ତଦନ୍ତ ଆରମ୍ଭ କରିଥିଲେ । ସିସିଟିଭି ଫୁଟେଜ୍ ଓ ବୈଷୟିକ ନିରୀକ୍ଷଣ ଆଧାରରେ ପୋଲିସ ଅଭିଯୁକ୍ତ ଅମିତକୁ କାବୁ କରିଥିଲା । ତାର କବଜାରୁ ଅପରାଧରେ ବ୍ୟବହୃତ ମୋଟରସାଇକେଲ ଓ ମୋବାଇଲ୍ ଫୋନ୍ ଜବତ କରାଯାଇଛି । ଅଭିଯୁକ୍ତ ନିଜ ଦୋଷ ସ୍ୱୀକାର କରିଥିବା ବେଳେ ଏହି ଗ୍ୟାଙ୍ଗର ଅନ୍ୟ ସଦସ୍ୟଙ୍କୁ ଧରିବା ଓ ଲୁଟ୍ ସାମଗ୍ରୀ ଉଦ୍ଧାର ପାଇଁ ପୋଲିସ ତଦନ୍ତ ଜାରି ରଖିଛି । ଅପରାଧୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପୋଲିସ ପ୍ରତିବଦ୍ଧତା ପ୍ରକାଶ କରିଛି ।

## ପୋଖରୀରେ ବୁଡ଼ି ନାବାଳକ ମୃତ

ବୋଲଗଡ଼(ନିପ୍ର): ସୁର୍କାବାଡ଼ି ଅଞ୍ଚଳରେ ହୋଲିରେ ଏକ ଅଘଟଣ ଘଟି ଯାଇଛି । ପୋଖରୀରେ ବୁଡ଼ି ଜଣେ ସପ୍ତମ ଶ୍ରେଣୀରେ ପଢୁଥିବା ନାବାଳକର ମୃତ୍ୟୁ ଘଟି ଥିବାର ସୂଚନା ମିଳିଛି । ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲା ବୋଲଗଡ ଗ୍ରାମ ବନ୍ଧ ସାହି ସନା ବେହେରାଙ୍କ ପୁଅ ଗଣେଶ ବେହେରା (୧୩) । ରାଜସୁନାଖଳା ଫାଣ୍ଡି ଅଧିନସ୍ଥ ସୁର୍କାବାଡ଼ିର ଉପର ସାହିର ନିଜ ମାମୁଁଘରକୁ ବୁଲିବା ପାଇଁ ଆସିଥିଲା । ଗଣେଶ ହୋଲିରେ ରଙ୍ଗ ଖେଳିସାରି ବୁଧବାର ସ୍ଥାନୀୟ ଶିବ ମନ୍ଦିର ପୋଖରୀକୁ ଗାଧୋଇବାକୁ ଯାଇଥିବା ବେଳେ କୌଣସି କାରଣବଶତଃ ବୁଡ଼ିଯାଇଥିଲା । ସେଠାରେ ଉପସ୍ଥିତ ଥିବା ସ୍ଥାନୀୟ ଲୋକମାନେ ଗଣେଶର ମାମୁଁ କବିରାଜଙ୍କୁ ଫୋନ କରି ଜଣାଇ ଥିଲେ । ମାମୁଁ ଓ ଗ୍ରାମର ଅନେକ ଯୁବକ ପୋଖରୀରେ ଖୋଜାଖୋଜି କରିବା ସହ ଅଗ୍ନିଶମ ବାହିନୀ ଓ ୧୧୨କୁ ଖବର ଦେଇଥିଲେ । ଅଗ୍ନିଶମ ବାହିନୀ ଆସିବା ପୂର୍ବରୁ ସ୍ଥାନୀୟ ଲୋକମାନେ ଗଣେଶକୁ ଅଚେତ ଅବସ୍ଥାରେ ପାଣି ଭିତରୁ ଉଦ୍ଧାର କରି ନିକଟସ୍ଥ ରାଜସୁନାଖଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ । ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ପରୀକ୍ଷା କରି ଗଣେଶକୁ ମୃତ ଘୋଷଣା କରିଥିଲେ । ସେ ଜଣେ ମେଧାବୀ ଛାତ୍ର ଥିଲା । ସେ ତାଙ୍କ ପରିବାରର ଏକ ମାତ୍ର ପୁଅ ହୋଇ ଥିବାରୁ ତାଙ୍କ ମୃତକ ପରିବାର ଲୋକମାନେ ଦୁଃଖରେ ଭାଂଗିପଡିଛନ୍ତି । ଏହି ଦୁଃଖଦ ଖବର ପାଇବା ପରେ ମାମୁଁଘର ଗ୍ରାମ ଏବଂ ନିଜ ଗ୍ରାମରେ ଶୋକର ଛାୟା ଖେଳି ଯାଇଛି ।

# ପ୍ରଦର୍ଶନୀ ପଡିଆରେ ହେବ 'ନ୍ୟାୟ ସଂହିତା ପ୍ରଦର୍ଶନୀ': ଡିଜିପି

ଭୁବନେଶ୍ୱର(ନିପ୍ର): ନୂତନ ଅପରାଧିକ ଆଇନରେ ଐତିହାସିକ ସଂଶୋଧନ ଓ ନୂତନ ନ୍ୟାୟ ବ୍ୟବସ୍ଥା ସମ୍ପର୍କରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ଓଡ଼ିଶା ପୋଲିସ ପକ୍ଷରୁ ୟୁନିଟ-୩ ସ୍ଥିତ ପ୍ରଦର୍ଶନୀ ପଡିଆ, ଭୁବନେଶ୍ୱରଠାରେ "ନ୍ୟାୟ ସଂହିତା ପ୍ରଦର୍ଶନୀ" ଆୟୋଜନ କରାଯାଉଛି । ଆସନ୍ତା ମାର୍ଚ୍ଚ ୬, ୨୦୨୬ ତାରିଖରେ ଭାରତର ମାନ୍ୟବର ସ୍ୱରାଷ୍ଟ୍ର ଓ ସହକାରିତା ମନ୍ତ୍ରୀ ଅମିତ ଶାହ ଏହି ପ୍ରଦର୍ଶନୀକୁ ଉଦଘାଟନ କରିବେ । ଏହି ଅବସରରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ଉପସ୍ଥିତ ରହିବେ । ଏହି ପ୍ରଦର୍ଶନୀ ଜନସାଧାରଣଙ୍କ ନିମନ୍ତେ ୭ମାର୍ଚ୍ଚ ଠାରୁ ୧୦ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ଖୋଲା ରହିବ ବୋଲି ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ଭୁବନେଶ୍ୱରସ୍ଥିତ ପୋଲିସ ଭବନ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଡିଜିପି କହିଥିଲେ ଯେ, ଭାରତ ସରକାରଙ୍କ ଦ୍ୱାରା ପ୍ରବର୍ତ୍ତିତ ଭାରତୀୟ ନ୍ୟାୟ ସଂହିତା (ବିଏନଏସ), ଭାରତୀୟ ନାଗରିକ ସୁରକ୍ଷା ସଂହିତା (ବିଏନଏସଏସ୍) ଓ ଭାରତୀୟ ସାକ୍ଷ୍ୟ ଅଧିନିୟକ (ବିଏସଏ)କୁ ସଂଶୋଧନ କରାଯାଇଛି । ଏହି ନୂତନ ଆଇନଗୁଡ଼ିକ ୧ ଜୁଲାଇ ୨୦୨୪ ରୁ କାର୍ଯ୍ୟକାରୀ ହୋଇଛି । ଯାହା ଫଳରେ ଔପନିବେଶିକ ଯୁଗରେ ପ୍ରଚଳିତ ଥିବା "ଦଣ୍ଡ" ବ୍ୟବସ୍ଥା ଏବେ "ନ୍ୟାୟ" ବ୍ୟବସ୍ଥାକୁ ପରିବର୍ତ୍ତନ ହୋଇଛି ବୋଲି ଡିଜିପି କହିଥିଲେ । ପୀଡ଼ିତଙ୍କ ଅଧିକାର ଓ ସମ୍ମାନକୁ ପ୍ରାଥମିକତା ଦିଆଯାଇ ସମୟ ସୀମା ମଧ୍ୟରେ ତଦନ୍ତ ଓ ବିଚାର ପ୍ରକ୍ରିୟାକୁ ସୁନିଶ୍ଚିତ କରିବା ହେଉଛି ନୂତନ ଆଇନର ମୂଳ ଲକ୍ଷ୍ୟ । "ବିଳମ୍ବିତ ନ୍ୟାୟ ମାନେ ନ୍ୟାୟର ଅସ୍ୱୀକାର" ଏହି ସିଦ୍ଧାନ୍ତକୁ ନୂତନ ଆଇନରେ ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଇଛି ବୋଲି ଡିଜିପି କହିଥିଲେ । ଏହା ବ୍ୟତୀତ ଇ-ସାକ୍ଷ୍ୟ ମାଧ୍ୟମରେ ଡିଜିଟାଲ୍ ପ୍ରମାଣ ପରିଚାଳନା, ଏନଏଏଫଆଇଏସ୍ ଦ୍ୱାରା ବାୟୋମେଟ୍ରିକ ପରିଚୟ, ମୋବାଇଲ୍ ଫରେନସିକ ୟୁନିଟ୍, ପ୍ରଯୁକ୍ତି ବିଦ୍ୟା ସହାୟତାରେ ତଦନ୍ତ ପ୍ରକ୍ରିୟା ଆଦି ସଂକ୍ରାନ୍ତରେ ବିଶଦ ଭାବେ ପ୍ରଦର୍ଶନୀରେ ଉପସ୍ଥାପନ କରାଯିବ । ଏହା ବ୍ୟତୀତ ପ୍ରଦର୍ଶନୀରେ "ଅପରାଧସ୍ଥଳରୁ ହାଇକୋର୍ଟ ପର୍ଯ୍ୟନ୍ତ" ସମଗ୍ର ନ୍ୟାୟ ବ୍ୟବସ୍ଥାକୁ ଏକ ସମନ୍ୱିତ ଓ ଶିକ୍ଷା ମୂଳକ ଶୈଳୀରେ ପ୍ରଦର୍ଶିତ କରାଯିବ ବୋଲି ଡିଜିପି ସୂଚନା ଦେଇଛନ୍ତି । ଗୃହ ମନ୍ତ୍ରଣାଳୟ ଦ୍ୱାରା ଅନୁମୋଦିତ ୧୦ଟି ଷ୍ଟଲ୍‌ରେ ଅପରାଧ ସ୍ଥଳ, ୧୧୨ ଜରୁରୀ କାଳୀନ ସହାୟତା, ଥାନାର କାର୍ଯ୍ୟ ପ୍ରଣାଳୀ, ହସ୍ପିଟାଲ୍ ସମନ୍ୱୟ, ଫରେନସିକ ପ୍ରୟୋଗଶାଳା, ପବ୍ଲିକ ପ୍ରସିକ୍ୟୁସନ୍, ଜିଲ୍ଲା ଅଦାଲତ, କାରାଗାର ଓ ହାଇକୋର୍ଟର କାର୍ଯ୍ୟ ଶୈଳୀ ସମ୍ପର୍କରେ ସାଧାରଣ ଲୋକମାନେ ଅବଗତ ହୋଇପାରିବେ ବୋଲି ଡିଜିପି ଆଶା ବ୍ୟକ୍ତ କରିଥିଲେ । ନୂତନ ଆଇନରେ ପ୍ରଯୁକ୍ତି ବିଦ୍ୟା ଓ ବୈଜ୍ଞାନିକ ତଦନ୍ତକୁ ଗୁରୁତ୍ୱ ପ୍ରଦାନ କରାଯାଇଛି । ସେହି ଅନୁଯାୟୀ, ଗୁରୁତର ଅପରାଧରେ ଫରେନସିକ ତଦନ୍ତ, ଡିଜିଟାଲ୍ ପ୍ରମାଣର ସ୍ୱୀକୃତି ଓ ସମୟସୀମା ମଧ୍ୟରେ ତଦନ୍ତ ପ୍ରକ୍ରିୟାକୁ ଜୋର ଦିଆଯାଇଛି । ଏହା ସହ ନୂତନ ଆଇନ କାର୍ଯ୍ୟକାରୀ ପାଇଁ ସ୍ୱତନ୍ତ୍ର ଯୋଜନା, ପୋଲିସ ଆଧୁନିକୀକରଣ ଓ ସଶକ୍ତିକରଣ, ମହିଳା ବିରୋଧୀ ଅପରାଧ ଉପରେ ରୋକ ଲଗାଇବା, ମାଓ ଦମନରେ ସ୍ପେଶାଲ ଅପରେସନ ଗ୍ରୁପର ଭୂମିକା ଏବଂ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଓଡ଼ିଶା ଡିଜାଷ୍ଟର ରାପିଡ ଆକ୍ସନ ଫୋର୍ସର ଅବଦାନ ଆଦି ସମ୍ପର୍କରେ ମଧ୍ୟ ପ୍ରଦର୍ଶିତ କରାଯିବ । "ନ୍ୟାୟ ସଂହିତା ପ୍ରଦର୍ଶନୀ ଭାରତର ଅପରାଧ ନ୍ୟାୟ ବ୍ୟବସ୍ଥାର ଐତିହାସିକ ପରିବର୍ତ୍ତନ ସମ୍ପର୍କରେ ସାଧାରଣ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ଓଡ଼ିଶା ପୋଲିସର ପ୍ରତିବଦ୍ଧତାର ଏକ ପ୍ରତିଫଳନ । ବୈଜ୍ଞାନିକ ତଦନ୍ତ, ଆଧୁନିକ ପ୍ରଯୁକ୍ତି ଓ ନାଗରିକ ଅଂଶଗ୍ରହଣ ମାଧ୍ୟମରେ ସଠିକ ସମୟ ମଧ୍ୟରେ ପୀଡ଼ିତଙ୍କୁ ନ୍ୟାୟ ସୁନିଶ୍ଚିତ କରିବାକୁ ଓଡିଶା ପୋଲିସ ସଂକଳ୍ପବଦ୍ଧ ବୋଲି ଡିଜିପି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ଡିଜିପି (କ୍ରାଇମବ୍ରାଞ୍ଚ) ବିନୟତୋଷ ମିଶ୍ର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ରେଳବାଇ ଓ ଉପକୂଳ ସୁରକ୍ଷା) ଅରୁଣ ବୋଥ୍ରା ପ୍ରମୁଖ ଉପସ୍ଥିତ ଥିଲେ ।

## ସ୍ପେଶାଲ ଓଟିଇଟି ପ୍ରଶ୍ନପତ୍ର ଲିକ ମାମଲା ପୂର୍ବତନ ବୋର୍ଡ଼ ଉପସଭାପତିଙ୍କ ସମେତ ୮ ଅଭିଯୁକ୍ତଙ୍କୁ ସର୍ତ୍ତମୂଳକ ଜାମିନ

କଟକ(ନିପ୍ର): ସ୍ପେଶାଲ ଓଟିଇଟି ପ୍ରଶ୍ନପତ୍ର ଲିକ ମାମଲାରେ ଗିରଫ ହୋଇଥିବା ସମସ୍ତ ଅଭିଯୁକ୍ତଙ୍କର ଆଜି ହାଇକୋର୍ଟ ଜାମିନ ମଞ୍ଜୁର କରିଛନ୍ତି । ମାଧ୍ୟମିକ ଶିକ୍ଷା ପରିଷଦର ପୂର୍ବତନ ଉପସଭାପତି ଡ ନିହାର ରଂଜନ ମହାନ୍ତିଙ୍କ ସମେତ ୮ ଅଭିଯୁକ୍ତଙ୍କ ସର୍ତ୍ତମୂଳକ ଜାମିନ ମଞ୍ଜୁର ହୋଇଛି । ତେବେ କୌଣସି ଅଭିଯୁକ୍ତଙ୍କୁ ବୋର୍ଡ଼ର କନଫିଡେନସିଆଲ କାମରେ ନିଯୁକ୍ତ ନକରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଏହା ସହିତ ଅଭିଯୁକ୍ତମାନେ ତଦନ୍ତରେ ସହଯୋଗ କରିବା ଏବଂ ଟ୍ରାଏଲକୋର୍ଟଙ୍କ ବିନା ଅନୁମତିରେ ଅଭିଯୁକ୍ତମାନେ ବିଦେଶ ଯାଇପାରିବେ ନାହିଁ ବୋଲି ହାଇକୋର୍ଟ ସର୍ତ୍ତ ରଖିଛନ୍ତି । ସୂଚନାଯୋଗ୍ୟ, ଗତବର୍ଷ ଜୁଲାଇ ୧୯ ତାରିଖରେ ସ୍ପେଶାଲ ଓଟିଇଟି ପରୀକ୍ଷା ହେବାର ଥିଲା । ତାହାର ଗୋଟିଏ ଦିନ ପୂର୍ବରୁ ପ୍ରଶ୍ନପତ୍ର ଲିକ ହୋଇଥିଲା । ଯାହା ଫଳରେ ପରୀକ୍ଷା ବାତିଲ ହୋଇଥିଲା । ମାମଲାର ତଦନ୍ତ ଭାର ରାଜ୍ୟସରକାର କ୍ରାଇମବ୍ରାଞ୍ଚକୁ ଦେଇଥିଲେ । ଅଗଷ୍ଟ ୩ ତାରିଖରେ ଏହି ମାମଲାରେ ବୋର୍ଡ଼ର ଉପସଭାପତି ଥିବା ନିହାର ମହାନ୍ତିଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରିଥିଲା । ପରେ ଆଉ ୭ ଜଣଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରିଥିଲା । ଗିରଫଦାରୀ ପରଠାରୁ ସମସ୍ତ ଅଭିଯୁକ୍ତ ଜେଲରେ ଥିଲେ । ପ୍ରଶ୍ନପତ୍ର ପ୍ରଘଟ କାରଣରୁ ପ୍ରଥମେ ମାଧ୍ୟମିକ ଶିକ୍ଷା ପରିଷଦ ପରୀକ୍ଷାକୁ ବାତିଲ କରିଥିଲା । ଗତବର୍ଷ ସେପ୍ଟେମ୍ବର ୨୭ ତାରିଖରେ ସ୍ପେଶାଲ ଓଟିଇଟି ପରୀକ୍ଷା ଅନୁଷ୍ଠିତ ହୋଇଥିଲା ।

## ସିଆରପିଏଫ ଯବାନଙ୍କ ସନ୍ଦେହଜନକ ମୃତ୍ୟୁ: ପୋଲିସର ତଦନ୍ତ ଜାରି



କଟକ(ନିପ୍ର): ସ୍ଥାନୀୟ ସିଆରଆରଆଇ ଥାନା ଅନ୍ତର୍ଗତ ନୂଆବଜାର ଅଂଚଳରେ ଏକ ଅଭାବନୀୟ ଘଟଣା ଘଟିଛି । ହୋଲି ପାଇଁ ଛୁଟିରେ ଘରକୁ ଆସିଥିବା ବେଳେ ଜଣେ ସିଆରପିଏଫ ଯବାନଙ୍କ ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ଘଟିଛି । ମୃତକ ଜଗତସିଂହପୁର ବିରିଡ଼ି ଅଂଚଳର ଦ୍ୱିତିକୃଷ୍ଣ ପଣ୍ଡା (୪୫) ବୋଲି ଜଣାପଡ଼ିଛି । ଶ୍ରୀ ପଣ୍ଡା ଝାଡ଼ଖଣ୍ଡରେ ପୋଷ୍ଟିଂ ଥିଲାବେଳେ ନିକଟରେ ସେ ଛୁଟିରେ ଘରକୁ ଆସିଥିଲେ । ସୂଚନା ମୁତାବକ, ଶ୍ରୀ ପଣ୍ଡା ଦୀର୍ଘଦିନ ହେବ ସ୍ଥାନୀୟ ନୂଆବଜାର ଅଂଚଳରେ ଭଡ଼ା ନେଇ ରହୁଥିଲେ । ବୁଧବାର ହୋଲି ଅବସରରେ ଶ୍ରୀ ପଣ୍ଡା ତାଙ୍କ ସ୍ତ୍ରୀଙ୍କ ସହ ଘରେ ଥିଲେ ଓ ସେମାନଙ୍କର ୨ ପୁଅ ବାହାରେ ଥିଲେ । ଅପରାହ୍ନରେ ଶ୍ରୀ ପଣ୍ଡାଙ୍କର ମୃତ ଦେହ ଘର ଭିତରୁ ଝୁଲନ୍ତା ଅବସ୍ଥାରେ ମିଳିଥିଲା । ଖବର ପାଇ ସିଆରଆରଆଇ ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତ ଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ବଡ଼ ମେଡ଼ିକାଲ ପଠାଇବା ସହ ଅଧିକ ତଦନ୍ତ ଜାରି ରଖିଛି । ସିଆରପିଏଫ ଯବାନ ଶ୍ରୀ ପଣ୍ଡାଙ୍କର ମୃତ୍ୟୁ ଖବର ତାଙ୍କ ସହକର୍ମୀ ଏବଂ ସ୍ଥାନୀୟ ଲୋକଙ୍କୁ ମର୍ମାହତ କରିଛି । ଏହି ଘଟଣାରେ ସାଥୀ ସିଆରପିଏଫ କର୍ମଚାରୀମାନେ ଗଭୀର ଶୋକ ପ୍ରକାଶ କରିଛନ୍ତି ଏବଂ ତାଙ୍କ ମୃତ୍ୟୁର ପରିସ୍ଥିତିର ପୁଙ୍ଖାନୁପୁଙ୍ଖ ତଦନ୍ତ ଦାବି କରିଛନ୍ତି । ପାରିବାରିକ ବିବାଦକୁ କେନ୍ଦ୍ର କରି ଏଭଳି ଅଘଟଣ ଘଟିଥିବା ସନ୍ଦେହ କରାଯାଉଛି । ଅପର ପକ୍ଷରେ ସମସ୍ତ ଦିଗକୁ ନେଇ ପୋଲିସ ଖୋଳତାଡ଼ ଜାରି ରଖିଥିବା ସୂଚନା ମିଳିଛି ।

## ମହିଳାମାନଙ୍କ ସୁସ୍ଥତା ଓ ମାନସିକ ସ୍ୱାସ୍ଥ୍ୟ ରକ୍ଷା ପାଇଁ ପଦକ୍ଷେପ

ପୁରୀ(ନିପ୍ର): ମହିଳା ଦିବସ ଉପଲକ୍ଷେ କ୍ରୀଡା ଓ ଯୁବ ସେବା ବିଭାଗ ଆନୁକୂଲ୍ୟରେ ପୁରୀ ଜିଲ୍ଲା ପ୍ରଶାସନ କ୍ରୀଡା କାର୍ଯ୍ୟାଳୟ ପକ୍ଷରୁ ବିବିଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ସ୍ଥିର ହୋଇଛି । ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ମହିଳା ବିଶେଷ କରି ଛାତ୍ରୀ ମାନଙ୍କ ସ୍ୱାସ୍ଥ୍ୟ ରକ୍ଷା, ସୁରକ୍ଷା, ମାନସିକ ସ୍ଥିରତା, ନେତୃତ୍ୱ ନେବାର ଦକ୍ଷତା, ଆତ୍ମସୁରକ୍ଷା ଇତ୍ୟାଦି ସମ୍ପର୍କରେ କାର୍ଯ୍ୟ କ୍ରମ ଅନୁଷ୍ଠିତ ହେବ ବୋଲି ଜିଲ୍ଲା କ୍ରୀଡା ଅଧିକାରୀ ସୂଚନା ଦେଇଛନ୍ତି । ଶ୍ରୀଜଗନ୍ନାଥ ଷ୍ଟାଡିୟମ ଠାରେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ର ପ୍ରାୟ ୩୫୦ ଛାତ୍ରୀ ମାନଙ୍କୁ ନେଇ ୬ ତାରିଖ ପୂର୍ବାହ୍ନ ୭ ଘଟିକାରେ ଯୋଗ ଶିବିର, ଫିଟନେସ କ୍ୟାମ୍ପ ଜୁମ୍ବା, ଏରୋବେଟିକ୍ସ, ପାରମ୍ପରିକ ନୃତ୍ୟ ମାଧ୍ୟମରେ ଫିଟନେସ ଓ ବିବିଧ କ୍ରୀଡା ଅନୁଷ୍ଠିତ ହେବ ।୭ ତାରିଖରେ ଆତ୍ମସୁରକ୍ଷା, ନେତୃତ୍ୱ ଓ କ୍ୟାରିଅର ଗଠନ ସଚେତନତା ଓ ସୁରକ୍ଷା, ଜୁଡୋ, ବକ୍ସିଂ,କରାଟେ ଇତ୍ୟାଦି ପ୍ରଶିକ୍ଷଣ ଦିଆଯିବ ।ସେହିପରି ୮ ତାରିଖରେ ଏକ ମାରାଥନ ବା ଗଣଦୌଡ ଅନୁଷ୍ଠିତ ହେବ ବୋଲି କ୍ରୀଡା ଅଧିକାରୀ ଚନ୍ଦନ ସାହୁ ଅବଗତ କରାଇଛନ୍ତି ।

## ଘରୋଇ କଳିକୁ ନେଇ ସ୍ତ୍ରୀକୁ ହତ୍ୟାକଲା ସ୍ୱାମୀ

ଭୁବନେଶ୍ୱର(ନିପ୍ର): ଘରୋଇ କଳିକୁ କେନ୍ଦ୍ର କରି ରାଜଧାନୀ ଉପକଣ୍ଠ ଭରତପୁର ଅଂଚଳରେ ହତ୍ୟାକାଣ୍ଡ ଘଟିଛି । ସ୍ୱାମୀର ଛୁରା ମାଡରେ ସ୍ତ୍ରୀର ମୃତ୍ୟୁ ଘଟିଛି । ମୃତକ ଜଣକ ଫୁଲେଶ୍ୱରୀ ବସ୍ତିରେ ରହୁଥିବା ସାବିତ୍ରୀ ମଲ୍ଲିକ । ପୁଲିସ ଏହି ଘଟଣାରେ ଅଭିଯୁକ୍ତ ସ୍ୱାମୀ ପୂର୍ଣ୍ଣଚନ୍ଦ୍ର ମଲ୍ଲିକଙ୍କୁ ଗିରଫ କରିଛି । ସୂଚନା ଅନୁସାରେ, ବେଶ କିଛିଦିନ ହେଲା ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ପରିବାର ସହ ଭରତପୁର ଥାନା ଫୁଲେଶ୍ୱର ବସ୍ତିରେ ରହୁଥିଲେ । ତେବେ ପାରିବାରିକ କଳହକୁ ନେଇ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ବିବାଦ ଲାଗି ରହୁଥିଲା । ଗତ ମଙ୍ଗଳବାର ରାତିରେ କୌଣସି କଥାକୁ ନେଇ ଉଭୟେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା । ଏଥିରେ ଉତକ୍ଷିପ୍ତ ହୋଇ ସ୍ୱାମୀ ପତ୍ନୀ ସାମିତ୍ରୀକୁ ଆକ୍ରମଣ କରିଥିଲେ । ଏପରିକି ଛୁରା ମାଡ କରିଥିଲା । ଗୁରୁତର ଅବସ୍ଥାରେ ସ୍ତ୍ରୀ ଦୌଡି ପଳାଉଥିବା ବେଳେ ସ୍ୱାମୀ ତାକୁ ଗୋଡାଇ ଗୋଡାଇ ଆକ୍ରମଣ କରିଥିଲା । ବିଚ ରାସ୍ତାରେ ପତ୍ନୀର ପେଟକୁ ଛୁରାଘାତ କରିବାରୁ ଘଟଣାସ୍ଥଳରେ ତାର ମୃତ୍ୟୁ ଘଟିଥିଲା । ପତ୍ନୀର ମୃତ୍ୟୁ ଘଟିବା ପରେ ସ୍ୱାମୀ ଫେରାର ହେବାକୁ ଚେଷ୍ଟା କରିଥିଲା । ହେଲେ ଇତି ମଧ୍ୟରେ ବସ୍ତିଲୋକେ ଉଠି ତାକୁ କାବୁ କରିବା ସହ ପୁଲିସକୁ ଖବର ଦେଇଥିଲେ । ଭରତପୁର ଥାନା ପୁଲିସ ଘଟଣାସ୍ଥଳରେ ପହଂଚି ଅଭିଯୁକ୍ତକୁ କାବୁ କରିବା ସହ ଶବ ଜବତ କରି ତଦନ୍ତ ଆରମ୍ଭ କରିଛି । ତେବେ ହତ୍ୟାକାଣ୍ଡର ପ୍ରକୃତ କାରଣ କ'ଣ ସେ ନେଇ ପୁଲିସ ଖୋଳତାଡ କରୁଛି ।

## ଉପନିର୍ଦ୍ଦେଶକ ଭାବେ ଦାୟିତ୍ୱ ଗ୍ରହଣ କଲେ ଭବାନୀ ଶଙ୍କର ଭୂୟାଁ

କଟକ(ନିପ୍ର): ସୂଚନା ଓ ଲୋକସଂପର୍କ ବିଭାଗର ଉପନିର୍ଦ୍ଦେଶକ (କେନ୍ଦ୍ରାଞ୍ଚଳ) ଭାବେ ଭବାନୀ ଚରଣ ଭୂୟାଁ ଦାୟିତ୍ୱ ଗ୍ରହଣ କରିଛନ୍ତି । ସ୍ଥାନୀୟ ସ୍ୱରାଜ ଆଶ୍ରମଠାରେ ଅବସ୍ଥିତ କାର୍ଯ୍ୟାଳୟରେ ସେ ଏହି ନୂତନ ଦାୟିତ୍ୱ ନେଇଛନ୍ତି । ଏଥିସହ ଶ୍ରୀ ଭୂୟାଁ କଟକ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଭାବେ ଦାୟିତ୍ୱ ତୁଲାଇବେ । ଓଡ଼ିଶା ସୂଚନା ସେବା ଅଧିକାରୀ ଶ୍ରୀ ଭୂୟାଁ ୨୦୨୪ ଫେବୃଆରୀ ମାସରେ କଟକ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ । ଜିଲ୍ଲାରେ ବିଭିନ୍ନ ସରକାରୀ ଯୋଜନା ଓ କାର୍ଯ୍ୟକ୍ରମ ସଂପର୍କିତ ସୂଚନାକୁ ଲୋକମାନଙ୍କ ନିକଟରେ ପହଞ୍ଚାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବା ସହ ବିଭିନ୍ନ ସଚେତନ ମୂଳକ କାର୍ଯ୍ୟକ୍ରମର ସେ ସଫଳ ପରିଚାଳନା କରିଆସୁଛନ୍ତି । ଏହା ପୂର୍ବରୁ ସେ ବାଲେଶ୍ୱର ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଏବଂ ଭୁବନେଶ୍ୱର ଜୟଦେବ ଭବନର ମ୍ୟାନେଜର ଭାବେ ଦୀର୍ଘଦିନ ଧରି ଦାୟିତ୍ୱ ନିର୍ବାହ କରିଛନ୍ତି । ଦୀର୍ଘଦିନର ପ୍ରଶାସନିକ ଅଭିଜ୍ଞତା, ସରକାରୀ ସୂଚନା ପ୍ରସାରଣରେ ଦକ୍ଷତା ଓ ଲୋକସଂପର୍କ କ୍ଷେତ୍ରରେ ବ୍ୟାପକ ଅନୁଭବକୁ ପାଥେୟ କରି ସେ ଜିଲ୍ଲାରେ ସୂଚନା ଓ ଲୋକସଂପର୍କ ବ୍ୟବସ୍ଥାକୁ ଆହୁରି ସକ୍ରିୟ କରିବାରେ ଗୁରୁତ୍ୱ ଦେବେ ବୋଲି କହିଛନ୍ତି ।



ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଅବସରରେ ଓଡ଼ିଶା ବିଧାନସଭା ପରିସରରେ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟମାନେ (ଫଟୋ- ଦିନଲିପି)

### ଇରାନ ବିରୋଧୀ କାର୍ଯ୍ୟାନୁଷ୍ଠାନରେ ଟ୍ରମ୍ପ ଖୁସି

## ଖାମେନେଇଙ୍କ ଉତ୍ତରାଧିକାରୀଙ୍କୁ ମଧ୍ୟ ହତ୍ୟା କରାଯିବ

ତେହେରାନ/ୱାଶିଂଟନ/ତେଲ ଅଭିଭ, ୫ ।୩: ଇରାନ ବିରୋଧରେ ଆମେରିକା-ଇସ୍ରାଏଲ ମିଳିତ ସାମରିକ ଅଭିଯାନରେ ଏପର୍ଯ୍ୟନ୍ତ ହାସଲ ହୋଇଥିବା ସଫଳତାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରଶଂସା କରିଛନ୍ତି । ସେ କହିଛନ୍ତି ଯେ, ଇରାନର ପରବର୍ତ୍ତୀ ନେତାଙ୍କୁ ମଧ୍ୟ ହତ୍ୟା କରାଯାଇପାରେ । ଇତିମଧ୍ୟରେ, ଇସ୍ରାଏଲ ଏକ ପ୍ରମୁଖ ଇରାନୀ ନୌସେନା ଘାଟିରେ ବିସ୍ଫୋରଣ କରିଛି । ଶ୍ରୀଲଙ୍କାରେ ଏକ ଯୁଦ୍ଧଜାହାଜ ଉପରେ ଆକ୍ରମଣର ଉଚିତ ଜବାବ ପାଇଁ ଇରାନ ଆମେରିକାକୁ ଧମକ ଦେଇଛି । ଏହି ସମୟରେ, ଇରାନର ବନ୍ଦର ଆବାସରେ ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ (ଆଇଆରଜିସି) ନୌସେନା ଘାଟି ନିକଟରେ ଶକ୍ତିଶାଳୀ ବିସ୍ଫୋରଣ ହୋଇଛି । ଇରାନ ଇଣ୍ଟରନ୍ୟାସନାଲ ସମ୍ବାଦପତ୍ରର ଏକ ରିପୋର୍ଟ ଅନୁଯାୟୀ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇଙ୍ଗିତ କରିଛନ୍ତି ଯେ, ଯଦି ଇରାନ ସହିତ ସଂଘର୍ଷ ବୃଦ୍ଧି ପାଏ ତେବେ ଅଲି ଖାମେନେଇଙ୍କ ଭବିଷ୍ୟତ ଉତ୍ତରାଧିକାରୀଙ୍କୁ ହତ୍ୟା କରାଯିବ । ସେପଟେ ଇସ୍ରାଏଲ ପ୍ରତିରକ୍ଷା ବାହିନୀ (ଆଇଡିଏଫ) କହିଛି ଯେ, ଏହା ଇରାନରେ ଏକ ପ୍ରମୁଖ ସାମରିକ କୋଠା ବିରୁଦ୍ଧରେ ଏକ ବଡ଼ ଅଭିଯାନ ସମାପ୍ତ କରିଛି । ଆଇଡିଏଫ ଏହି କୋଠାରେ ଅବସ୍ଥିତ ଅନେକ ପ୍ରମୁଖ ଇରାନୀ ସାମରିକ ସୁରକ୍ଷା ମୁଖ୍ୟାଳୟକୁ କ୍ଷତି ପହଞ୍ଚାଇଛି । ଏହା ସହିତ, ବନ୍ଦର ଆବାସରେ ଆଇଆରଜିସି ନୌସେନା ଘାଟି ନିକଟରେ ଶକ୍ତିଶାଳୀ ବିସ୍ଫୋରଣ ରିପୋର୍ଟ ହୋଇଛି । ଏହି ବିସ୍ଫୋରଣଗୁଡ଼ିକ ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କୋର୍ପସର ପ୍ରଥମ ନୌସେନା ଜୋନ୍‌ରେ ବନ୍ଦର-ଏ-ବାହୋନାର ନିକଟରେ ଘଟିଛି, ଯାହା ରଣନୈତିକ ହରମୁଜ୍ ପ୍ରଣାଳୀର ନିକଟତମ ୟୁନିଟ୍ ଅଟେ ।

## ଝାରସୁଗୁଡ଼ାରେ ପାରଦ ୩୯.୬ ଡିଗ୍ରୀ

ଭୁବନେଶ୍ୱର,୫ ।୩ : ରାଜ୍ୟରେ ତାତି ବଢୁଛି । ଗତ ୨୪ ଘଣ୍ଟାରେ ଝାରସୁଗୁଡ଼ାରେ ପାରଦ ଛୁଇଁଛି ୩୯.୬ ଡିଗ୍ରୀ । ଦେଶର ସବୁଠୁ ଉତ୍ତପ୍ତ ସହର ହୋଇଛି ଝାରସୁଗୁଡା । ସମଗ୍ର ରାଜ୍ୟରେ ଆସନ୍ତା ୫ ଦିନ ଯାଏଁ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ନ ହେବା ସତ୍ତ୍ୱେ ଗରମ ଜାରି ରହିବ । ବର୍ତ୍ତମାନ ଉତ୍ତର ଓଡ଼ିଶାରେ ସାଧାରଣ ତାପମାତ୍ରାଠୁ ୨ରୁ ୫ ଡିଗ୍ରୀ ଅଧିକ ରହିଛି । କିନ୍ତୁ ୮ ତାରିଖ ବେଳକୁ ଉତ୍ତର ଓଡ଼ିଶାରେ ପାଗ ବଦଳିପାରେ । ବିଜୁଳି, ଘଡଘଡି ସହ ବର୍ଷା ହୋଇପାରେ । ଏପରି ପୂର୍ବାନୁମାନ କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର । କେନ୍ଦ୍ର ନିର୍ଦ୍ଦେଶିକା, ମନୋରମା ମହାନ୍ତି କହିଛନ୍ତି, ଗତ ୨୪ ଘଣ୍ଟାରେ ଦିନର ତାପମାତ୍ରା ୩୭ ଡିଗ୍ରୀ ୫ଟି ସ୍ଥାନରେ ରେକର୍ଡ କରାଯାଇଛି ଓ ସର୍ବାଧିକ ତାପମାତ୍ରା ୩୯.୬ ଡିଗ୍ରୀ ଝାରସୁଗୁଡ଼ାରେ ରେକର୍ଡ କରାଯାଇଛି । ସମ୍ବଲପୁର, ହୀରାକୁଦ ତାଳଚେର, ଟିଟିଲାଗଡ଼ ଠାରେ ୩୭ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି । ବର୍ତ୍ତମାନ ଉତ୍ତର ଓଡ଼ିଶା ଆଖପାଖ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି ।

## ଉପ-ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଗୋ-ହୋମଷ୍ଟେ ପୋର୍ଟାଲ୍ ଶୁଭାରମ୍ଭ



ଭୁବନେଶ୍ୱର, ୫/୩(ନିପ୍ର): ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଗୁରୁବାର ଭୁବନେଶ୍ୱରରେ 'ଗୋ-ହୋମଷ୍ଟେ' ପୋର୍ଟାଲର ଶୁଭାରମ୍ଭ କରି ଓଡ଼ିଶାରେ ସମୁଦାୟ-ନେତୃତ୍ୱାଧୀନ ପର୍ଯ୍ୟଟନକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସ୍ଥାପନ କରିଛନ୍ତି । ଅଂଶୀଦାରମାନଙ୍କୁ ସଚେତନ କରିବା ଏବଂ 'ଓଡ଼ିଶା ହୋମଷ୍ଟେ ସ୍କିମ୍ ୨୦୨୫' କୁ କାର୍ଯ୍ୟକାରୀ କରିବା ଲକ୍ଷ୍ୟରେ ଆୟୋଜିତ 'ଓଡ଼ିଶା ହୋମଷ୍ଟେ କର୍ମଶାଳା' ସହିତ ଏହି ଶୁଭାରମ୍ଭ କରାଯାଇଥିଲା । ସମାବେଶକୁ ସମ୍ବୋଧିତ କରି ଉପ-ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ ଯେ ହୋମଷ୍ଟେଗୁଡ଼ିକ କେବଳ ରହିବା ପାଇଁ ସୁବିଧା ନୁହେଁ, ବରଂ ଓଡ଼ିଶାର ସମୃଦ୍ଧ ସଂସ୍କୃତି, ପରମ୍ପରା ଏବଂ ଆତିଥ୍ୟର ଏକ ଦ୍ୱାର । ସେ କହିଛନ୍ତି ଯେ 'ଗୋ-ହୋମଷ୍ଟେ' ପୋର୍ଟାଲ୍ ଆଶାୟୀ ହୋମଷ୍ଟେ ମାଲିକମାନଙ୍କ ପାଇଁ ସ୍ୱଚ୍ଛତା, ସୁଗମତା ଏବଂ ବ୍ୟବସାୟିକ ସହଜତା ନିଶ୍ଚିତ କରିବା ସହିତ ତୃଣମୂଳ ସ୍ତରରେ ଜୀବିକା ନିର୍ବାହର ସୁଯୋଗ ସୃଷ୍ଟି କରିବ । ସେ ଆହୁରି ମଧ୍ୟ କହିଛନ୍ତି ଯେ ଏହି ପଦକ୍ଷେପ ପର୍ଯ୍ୟଟନ-ଭିତିକ ବିକାଶ ମାଧ୍ୟମରେ ଗ୍ରାମାଂଚଳର ପରିବାର, ମହିଳା ଏବଂ ସ୍ଥାନୀୟ ଉଦ୍ୟୋଗୀମାନଙ୍କୁ ସଶକ୍ତ କରି ଅନ୍ତର୍ଭୁକ୍ତ ବିକାଶ ପାଇଁ ରାଜ୍ୟ ସରକାରଙ୍କ ଦୂରଦୃଷ୍ଟି ସହ ସମାନ୍ତରାଳ ରହିଛି । ଏହି କର୍ମଶାଳାରେ ଯୋଜନାର କାର୍ଯ୍ୟକାରୀ ନିର୍ଦ୍ଦେଶାବଳୀ ଉପରେ ବିସ୍ତୃତ ଉପସ୍ଥାପନା, ବୈଷୟିକ ଦଳ ଦ୍ୱାରା ପୋର୍ଟାଲର ପରିଚାଳନା ପ୍ରଦର୍ଶନ ଏବଂ 'ହୋମଷ୍ଟେଜ୍ ଅଫ୍ ଇଣ୍ଡିଆ' ଓ 'ସ୍ୱନିର ୱାଇଲ୍ଡରନେସ୍ ହୋମଷ୍ଟେ'ର ପ୍ରତିନିଧିମାନଙ୍କ ଦ୍ୱାରା ବିଶେଷଜ୍ଞ ଅଧିବେଶନ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଅଭିଜ୍ଞ ହୋମଷ୍ଟେ ମାଲିକମାନଙ୍କ ସହ ପ୍ୟାନେଲ୍ ଆଲୋଚନା ମଧ୍ୟ କରାଯାଇଥିଲା, ଯେଉଁଥିରେ ସେମାନେ ସଫଳତାର କାହାଣୀ ଏବଂ ଶ୍ରେଷ୍ଠ କାର୍ଯ୍ୟଶୈଳୀ ବାବଦରେ ଆଲୋକପାତ କରିଥିଲେ ।

# ଯୁଦ୍ଧରେ ନାଟୋର ପ୍ରବେଶ

ନୂଆଦିଲ୍ଲୀ,୫ ।୩: ଆମେରିକା-ଇସ୍ରାଏଲ-ଇରାନ ବିବାଦର ଷଷ୍ଠ ଦିନରେ, ତେହେରାନ ଆଜରବାଇଜାନ ଏବଂ କତାରରେ ଥିବା ଆମେରିକୀୟ ଘାଟି ଉପରେ ନୂଆ ଆକ୍ରମଣ କରିଥିବା ଜଣାପଡ଼ିଛି । ଇରାନ ଆହୁରି ଧମକ ଦେଇଛି ଯେ ଭାରତ ମହାସାଗରରେ ଏକ ଇରାନୀ ଯୁଦ୍ଧଜାହାଜକୁ ଟର୍ପେଡୋ ନିଶାଣ କରିବା ପାଇଁ ଆମେରିକା 'କଠୋର ଅନୁତାପ' କରିବ । ଇତିମଧ୍ୟରେ ଇସ୍ରାଏଲୀ ସେନା କହିଛି ଯେ ସେମାନେ ଗତ ୨୪ ଘଣ୍ଟା ମଧ୍ୟରେ ଇରାନ-ସମର୍ଥିତ ହିଜବୋଲା ଆତଙ୍କବାଦୀ ଗୋଷ୍ଠୀ ସହିତ ଜଡିତ ଲେବାନନରେ ୮୦ ଟି ଲକ୍ଷ୍ୟସ୍ଥଳକୁ ଆକ୍ରମଣ କରିଛନ୍ତି ଏବଂ ଇରାନ ଉପରେ ଆକ୍ରମଣର ଏକ ଲମ୍ବା ଦୂରଗାମୀ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ପ୍ରକ୍ଷେପଣ ସ୍ଥାନ ଏବଂ ଅନ୍ୟାନ୍ୟ ଲକ୍ଷ୍ୟସ୍ଥଳକୁ ପ୍ରଭାବିତ କରିଛି । 'ଆମେ ଇରାକୀ କୁର୍ଦ୍ଦିସ୍ତାନରେ ବିପ୍ଳବକୁ ବିରୋଧ କରୁଥିବା କୁର୍ଦ୍ଦିସ୍ ଗୋଷ୍ଠୀଗୁଡ଼ିକର ମୁଖ୍ୟାଳୟକୁ ତିନୋଟି କ୍ଷେପଣାସ୍ତ୍ର ସହିତ ଟାର୍ଗେଟ କରିଥିଲୁ,' ଇରାନ ଏକ ନ୍ୟୁଜ୍ ଏଜେନ୍ସିରେ ଏପରି କହିଛି । ଇସ୍ରାଏଲୀ ସେନା କହିଛି ଯେ ଏହା ଲେବାନନରେ ଇରାନ-ସମର୍ଥିତ ହିଜବୋଲ୍ଲା ଆତଙ୍କବାଦୀ ଗୋଷ୍ଠୀ ବିରୁଦ୍ଧରେ



ନୂତନ ଆକ୍ରମଣ ଆରମ୍ଭ କରିଛି । ଇଟାଲୀ ପ୍ରଧାନମନ୍ତ୍ରୀ ଜିଓର୍ଜିଆ ମେଲୋନି ଗୁରୁବାର ଦିନ କହିଛନ୍ତି ଯେ ଇରାନୀ ବିମାନ ଆକ୍ରମଣର ମୁକାବିଲା ପାଇଁ ଇଟାଲୀ ଉପସାଗରୀୟ ଦେଶଗୁଡ଼ିକୁ ବାୟୁ ପ୍ରତିରକ୍ଷା ସହାୟତା ପଠାଇବାକୁ ଯୋଜନା କରୁଛି । ଆମେରିକା ସ୍ଥିତ ମାନବାଧିକାର କର୍ମୀ ସମ୍ବାଦ ସଂସ୍ଥା ଅନୁଯାୟୀ, ଶନିବାର ଦିନ ଯୁଦ୍ଧ ଆରମ୍ଭ ହେବା ପରଠାରୁ ଇରାନରେ ଅତି କମ୍‌ରେ ୧,୧୧୪ ଜଣ ସାଧାରଣ ନାଗରିକଙ୍କ ମୃତ୍ୟୁ ହୋଇଛି । ଦି ଟାଇମ୍ସ ଅଫ୍ ଇସ୍ରାଏଲ ଅନୁଯାୟୀ, ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ରିପୋର୍ଟ କରିଛି ଯେ ଗତ ୨୪ ଘଣ୍ଟା ମଧ୍ୟରେ, ଇରାନ ସହିତ ସଂଘର୍ଷର ପରିଣାମ ସ୍ୱରୂପ ୧୯୯ ଜଣ ଆହତଙ୍କୁ ଡାକ୍ତରଖାନା ନିଆଯାଇଛି ।

## ଦିଲ୍ଲୀ ଏମ୍ସ ସ୍ଥାନାନ୍ତରିତ ହେଲେ ମନ୍ତ୍ରୀ ସୁରେଶ ପୂଜାରୀ

ଭୁବନେଶ୍ୱର ୫ ।୩: ଦିଲ୍ଲୀ ଏମ୍ସ ସ୍ଥାନାନ୍ତର ହେଲେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ । ଅସୁସ୍ଥତା କାରଣରୁ ଅଧିକ ଚିକିତ୍ସା ପାଇଁ ତାଙ୍କୁ ଦିଲ୍ଲୀ ଏମ୍ସ ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି । ହୃଦରୋଗ ସମସ୍ୟା ପାଇଁ ସେ ଗତ ମଙ୍ଗଳବାର ଭୁବନେଶ୍ୱର ଏମ୍ସରେ ଭର୍ତ୍ତି ହୋଇଥିଲେ । ଡାକ୍ତରଙ୍କ ପରାମର୍ଶ କ୍ରମେ ତାଙ୍କୁ ଗୁରୁବାର ଦିଲ୍ଲୀ ଏମ୍ସକୁ ସ୍ଥାନାନ୍ତର କରାଯାଇଛି । ସୂଚନାଯୋଗ୍ୟ ଯେ, ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଗତ ୩ ତାରିଖ ସନ୍ଧ୍ୟାରେ ଛାତିରେ ପ୍ରବଳ ଯନ୍ତ୍ରଣା ଅନୁଭବ କରିଥିଲେ । ଫଳରେ ତାଙ୍କୁ ତୁରନ୍ତ ଭୁବନେଶ୍ୱର ଏମ୍ସରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା । ତାଙ୍କୁ ପ୍ରଥମେ ଏମ୍ସର ଜରୁରୀକାଳୀନ ୱାର୍ଡରେ ଭର୍ତ୍ତି କରାଯାଇଥିଲା । ସେଠାରେ ପ୍ରାରମ୍ଭିକ ଚିକିତ୍ସା ପରେ ତାଙ୍କୁ ଅଧିକ ନିରୀକ୍ଷଣ ପାଇଁ କାର୍ଡିଓଥୋରାସିକ୍ ଆଣ୍ଡ ଭାସ୍କୁଲାର ସର୍ଜରୀ (ସିଟିଭି) ଆଇସିୟୁରେ ରଖାଯାଇଥିଲା ।

## ଏନକାଉଣ୍ଟର: ନକ୍ସଲ ରାଜେଶ ପୁନେମ ନିହତ

ଦନ୍ତେୱାଡା, ୫ ।୩: ଛତିଶଗଡ଼ ରାଜ୍ୟର ଦନ୍ତେୱାଡା ଜିଲ୍ଲାର ଗିଦାମ ଥାନା ଅନ୍ତର୍ଗତ ଗୁମଲନାର, ଗିରସାପାରା ଏବଂ ନେଲଗୋଡା ମଧ୍ୟରେ ଜଙ୍ଗଲ ଏବଂ ପାହାଡ଼ିଆ ଅଞ୍ଚଳରେ ଏକ ଏନକାଉଣ୍ଟରରେ ଜଣେ ନକ୍ସଲ ନିହତ ହୋଇଛି । ତାକୁ ଧରାଇଦେଲେ ୫ ଲକ୍ଷ ଟଙ୍କା ପୁରସ୍କାର ମିଳିବ ବୋଲି ପୂର୍ବରୁ ଘୋଷିଣା ହୋଇଥିଲା । ଘଟଣାସ୍ଥଳରୁ ଏକ ଏସଏଲଆର, ଏକ ଇନସାସ୍ ରାଇଫଲ୍, ଏକ ପିସ୍ତଲ, ବିପୁଳ ପରିମାଣର ଖାଲି କାରତୁସ୍ ଏବଂ ନକ୍ସଲ ସାମଗ୍ରୀ ଜବତ କରାଯାଇଛି ।ଜଙ୍ଗଲରେ ନକ୍ସଲ କାର୍ଯ୍ୟକଳାପ ବିଷୟରେ ସୂଚନା ପାଇବା ପରେ, ଡେପୁଟି ପୋଲିସ ସୁପରିଟେଣ୍ଡେଣ୍ଟ (ନକ୍ସଲ ଅପରେସନ୍ସ) ରାହୁଲ କୁମାର ଉୟକେଙ୍କ ନେତୃତ୍ୱରେ ଡିଆରଜି ଏବଂ ବସ୍ତର ଫାଇଟର୍ସ ଯବାନଙ୍କ ଏକ ଟିମ୍‌କୁ ଦାନ୍ତେୱାଡା ପୋଲିସ ସୁପରିଟେଣ୍ଡେଣ୍ଟଙ୍କ ନିର୍ଦ୍ଦେଶରେ ପଠାଯାଇଥିଲା ।

## ୬ ଘଣ୍ଟା ପରେ କୂଅରୁ ଉଦ୍ଧାର ହେଲା ଦନ୍ତାହାତୀ



କେନ୍ଦୁଝର, ୫ ।୩(ନିପ୍ର):ଖାଦ୍ୟ ଅନ୍ୱେଷଣରେ ଆସି କୂଅରେ ପଡିଗଲା ଦନ୍ତାହାତୀ । ୬ ଘଣ୍ଟାର କଷ୍ଟସାଧ ଅପରେସନ୍ ପରେ କୂଅରୁ ତାହାକୁ ଉଦ୍ଧାର କରାଯାଇଛି । ପ୍ରକାଶ ଯେ, କେନ୍ଦୁଝର ସଦର ରେଞ୍ଜ ବନାଯୋଡ଼ି ଗାଁର ଏକ କୂଅରେ ଖାଦ୍ୟ ପାଇଁ ଆସି ପଡ଼ିଯାଇଥିଲା ହାତୀ । ଗତକାଲି ବିଳମ୍ବିତ ରାତିରେ ୩ଟି ଦନ୍ତାହାତୀ ବନାଯୋଡ଼ି ଗାଁ ଆଡେ ଆସିଥିବା ବେଳେ, ଗାଁର କୃଷି ନାଏକଙ୍କ କୂଅର ଗୋଟିଏ ଦନ୍ତାହାତୀ ଖସି ପଡ଼ିଥିଲା । ହାତୀ ପଡ଼ିଯିବା ପରେ ଗର୍ଜନ କରିବାରୁ କୃଷି ବନ କର୍ମଚାରୀଙ୍କୁ ଖବର ଦେଇଥିଲେ । ବନ କର୍ମଚାରୀ ଖବର ପାଇ ହାତୀଙ୍କୁ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ । ଏକ ଜେସିବି ମେସିନ୍ ସାହାଯ୍ୟରେ କୂଅକୁ ତାଡ଼ି ଏକ ରାସ୍ତା ତିଆରି କରିଥିଲେ । କୂଅଟି ଗଭୀର ଥିବାରୁ ୧୦ ଫୁଟ ଗାତ କରି ପ୍ରଥମେ ସେଠାରେ ଏକ ରାସ୍ତା ତିଆରି କରି ଦମକଳ ବାହିନୀ ସହାୟତାରେ ୮୦ ମିଟର ଦୂରରୁ ପାଣି ଆଣି କୂଅରେ ଭର୍ତ୍ତି କରାଯାଇଥିଲା । ପାଣି ଭର୍ତ୍ତି ହେବା ପରେ ହାତୀଟି କୂଅରୁ ବାହାରି ଜଙ୍ଗଲ ମୁହାଁ ହୋଇଥିଲା । ଯିବା ବାଟରେ ଉତ୍ୟକ୍ତ ହାତୀ ଗୋଟିଏ ବାଇକ୍ ଭାଙ୍ଗି ଦେଇଥିଲା । ଏହି ହାତୀ ଆକ୍ରମଣରେ ଜଣେ ବୃଦ୍ଧାଙ୍କ ସହ ଅନ୍ୟ ଜଣେ ପଡ଼ି ଆହତ ହୋଇଛନ୍ତି । ସେମାନଙ୍କୁ ବନ ବିଭାଗ ଦ୍ୱାରା ଡ଼ାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଉଦ୍ଧାର ହାତୀ ଏବେ ଉତ୍ୟକ୍ତ ଥିବାରୁ, ତା'ର ଗତିବିଧି ଉପରେ ବନ ବିଭାଗ ନଜର ରଖିଛି ।ଏହି ଆକ୍ରମଣ ପରେ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା । ଗ୍ରାମବାସୀମାନେ କ୍ଷତିପୂରଣ ଦାବି କରିଥିଲେ । କୂଅର ମାଲିକ ଏବଂ ଅନ୍ୟମାନଙ୍କୁ କ୍ଷତିପୂରଣ ଦିଆଯିବ ବୋଲି କହିଛନ୍ତି ଜିଲ୍ଲା ବନଖଣ୍ଡ ଅଧିକାରୀ ଏଚ୍ ଡି ଧନରାଜ ।

## ଶ୍ରୀଜୀଉଙ୍କ ବନକଲାଗି: ମହାସ୍ନାନ ପରେ ଭକ୍ତ ଦର୍ଶନ



ପୁରୀ, ୫/୩(ନିପ୍ର): ଗୁରୁବାର ଚୈତ୍ର ମାସ କୃଷ୍ଣପକ୍ଷ ଦ୍ୱିତୀୟା ତିଥିରେ ଶ୍ରୀବିଗ୍ରହମାନଙ୍କ ବନକଲାଗି ନୀତି ଅନୁଷ୍ଠିତ ହୋଇଯାଇଛି । ୨ୟ ଭୋଗମଣ୍ଡପ ପୂଜା - ୦୫.୨୫,୨ୟ ଭୋଗମଣ୍ଡପ ଶେଷ - ୦୫.୩୫, ମଇଲମ - ୦୫.୫୦,ତଡ଼ପଲାଗି - ୦୬.୧୦, ପହୁଡ଼ ଆଳତି - ୦୬.୨୦, ବନକଲାଗିକୁ ଦତ୍ତ ମହାପାତ୍ର ସନ୍ଧ୍ୟା ୬ଟା ୪୦ ମିନିଟ ରେ ପ୍ରବେଶ କରିଥିଲେ । ଦତ୍ତ ମହାପାତ୍ର ସେବକମାନେ ଶ୍ରୀଜୀଉଙ୍କ ଏହି ଗୁପ୍ତ ନୀତି ସେବା କରିଥିଲେ । ପ୍ରତିମାସରେ ହାରାହାରି ଦୁଇଥର ଶ୍ରୀଜୀଉମାନଙ୍କର ମୁଖଶ୍ରୀର ପ୍ରସାଧନ (ରଙ୍ଗଲାଗି) ବା ବନକ ଲାଗି ହୋଇଥାଏ । ବନକ ଲାଗି ରୀତି ଦତ୍ତମହାପାତ୍ର'ଗୋଷ୍ଠୀର ସେବକମାନଙ୍କଦ୍ୱାରା କରାଯାଇଥିଲା । ଦି'ପ୍ରହର ଧୂପ ସରିବାପରେ ମନ୍ଦିରର ସମସ୍ତ ଦରଜା ବନ୍ଦ କରାଯାଇ ଏହି ନୀତି କରାଯାଇଥିଲା । ଦତ୍ତମହାପାତ୍ର ରତ୍ନ ସିଂହାସନ ଉପରକୁ ଯାଇ ଦେବତାମାନଙ୍କର ଶ୍ରୀମୁଖସିଂହାର କରିଥିଲେ । ଏହି ନୀତି ସମାପନବେଳେ ଶ୍ରୀମନ୍ଦିରର ସମସ୍ତ ଦ୍ୱାର ସମ୍ପୂର୍ଣ୍ଣ ବନ୍ଦ ରଖାଯାଇଥିଲା । ତିନି ଦାରୁମୂର୍ତ୍ତିଙ୍କ ମୁଖମଣ୍ଡଳରେ ଶୃଙ୍ଗାରକୁ ମନ୍ଦିର ଭାଷାରେ ବନକଲାଗି କୁହାଯାଏ ।କବି ସାଲବେଗ ମହାପ୍ରଭୁଙ୍କ ଶ୍ରୀମୁଖ ଦେଖି ଲେଖିଛନ୍ତି 'ଝଲମଲ ଦିଶୁଥାଇ ମୁକୁତାର ଝଟକ' । କୌଣସି ଆଭୂଷଣ ନଥାଇ ମହାପ୍ରଭୁଙ୍କ ମୁଖମଣ୍ଡଳ ଭକ୍ତଙ୍କୁ ଆକର୍ଷିତ କରେ । ଏହି ଆକର୍ଷଣର କାରଣ ମୁହଁର ରଙ୍ଗବିନ୍ୟାସ ।

## ପାରାଦୀପରେ ପ୍ରତିଷ୍ଠା ହେବ ହାଇଜିନିକ୍ ମାଛ ବଜାର

ଭୁବନେଶ୍ୱର, ୫ /୩(ନିପ୍ର): ପାରାଦୀପ ନିର୍ବାଚନ ମଣ୍ଡଳୀରେ ମାଛ ଚାଷୀ ଓ ଖାଉଟିଙ୍କ ସୁବିଧା ପାଇଁ ଏକ ଅତ୍ୟାଧୁନିକ ତଥା ସ୍ୱଚ୍ଛ ମାଛ ବଜାର ପ୍ରତିଷ୍ଠା କରିବାକୁ ପ୍ରସ୍ତାବ ଦେଇଛନ୍ତି ଶିକ୍ଷ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ତଥା ପାରାଦୀପ ବିଧାୟକ ସମ୍ପଦ ଚନ୍ଦ୍ର ସ୍ୱାଇଁ । ପ୍ରକଳ୍ପ ପାଇଁ ହସ୍ତକ୍ଷେପ କରିବା ସହ ତୁରନ୍ତ ସମ୍ବଳ ଆବଂଟନ ପାଇଁ ସେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କୁ ଅନୁରୋଧ କରିଛନ୍ତି । ପାରାଦୀପ ନିର୍ବାଚନ ମଣ୍ଡଳୀରେ ବିଭିନ୍ନ ନଦୀ ରହିଥିବା ବେଳେ ଏହା ବଙ୍ଗୋପସାଗର କୂଳରେ ଅବସ୍ଥିତ । ତେଣୁ ଏଠାରେ ପ୍ରଚୁର ପରିମାଣରେ ସାମୁଦ୍ରିକ ମାଛ ଉପଲବ୍ଧ ହୋଇଥାଏ । ଏହି ଅଞ୍ଚଳରେ ଜନସଂଖ୍ୟାର ଏକ ବଡ଼ ଭାଗ ମାଛ ଧରିବା ଓ ଏହାର ବ୍ୟବସାୟ ଉପରେ ନିର୍ଭର କରି ନିଜର ଗୁଜରାଣ ମେଂଟାଇଥାନ୍ତି ।

## ଆଜି ଓଡ଼ିଶା ଆସୁଛନ୍ତି ଅମିତ ଶାହ



ଭୁବନେଶ୍ୱର, ୫ ।୩: ଶୁକ୍ରବାର କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ୍ ଶାହ ଓଡ଼ିଶା ଆସିବେ ।ଏହି ଗସ୍ତ ବେଳେ ଶ୍ରୀ ଶାହ କଟକ ମୁଣ୍ଡଳିସ୍ଥିତ ସିଆଇଏସଏଫର ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ଯୋଗଦେବେ । ଅପରାହ୍ଣରେ ଜଟଣୀରେ ଜାତୀୟ ଫୋରେନ୍ସିକ୍ ବିଜ୍ଞାନ ବିଶ୍ୱବିଦ୍ୟାଳୟ ଏବଂ କେନ୍ଦ୍ରୀୟ ଫୋରେନ୍ସିକ୍ ବିଜ୍ଞାନ ପରୀକ୍ଷାଗାର କ୍ୟାମ୍ପସ ପାଇଁ ଭୂମି ପୂଜନ କରିବେ । ଏଥି ସହ ଆଭାସୀ ମାଧ୍ୟମରେ ଏନଏଫଏସୟୁ ଟ୍ରାନଜିଟ୍ କ୍ୟାମ୍ପସର ଶୁଭ ଉଦ୍ଘାଟନ କରିବେ ।ଅପରାହ୍ଣରେ ଭୁବନେଶ୍ୱର ଇଡକୋ ପ୍ରଦର୍ଶନୀ ପଡ଼ିଆରେ ନ୍ୟାୟ ସଂହିତା ପ୍ରଦର୍ଶନୀକୁ ଉଦ୍‌ଘାଟନ କରିବା କାର୍ଯ୍ୟକ୍ରମ ରହିଛି ।

## ୫୪ ଲକ୍ଷ ଟଙ୍କାର ମରଣଯନ୍ତା: ବିପଦରେ ପାଣି ଟାଙ୍କି

ଧାମନଗର, ୫/୩(ନିପ୍ର): ବିଭାଗୀୟ ନ୍ୟସ୍ତସ୍ୱାର୍ଥ ଅଧିକାରୀ ଓ ଠିକାଦାରଙ୍କ ସହ ମଧୁଚନ୍ଦ୍ରିକାରେ ପ୍ରକଳ୍ପ କାର୍ଯ୍ୟ ଚାଲିଛି ବୋଲି ସାଧାରଣରେ ଅଭିଯୋଗ ହୋଇଛି । ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ଦୋବଲ ପଞ୍ଚାୟତ ଇଟୁଆ ଗ୍ରାମରେ ପାନୀୟ ଜଳ ପ୍ରକଳ୍ପ ନାଁରେ ଚାଲିଥିବା ମହାଘୋଟାଲା ଏବେ ପଦାରେ ପଡ଼ିଛି । ୫୪ ଲକ୍ଷ ଟଙ୍କାର ବଜେଟ, ହେଲେ କାମର ମାନ ଏତେ ନିମ୍ନ ଯେ ସ୍ଥାନୀୟ ଲୋକେ ଏହାକୁ 'ମରଣଯନ୍ତା' ବୋଲି କହିବା ଆରମ୍ଭ କଲେଣି । ସବୁଠାରୁ ଚିନ୍ତାଜନକ ବିଷୟ ହେଉଛି ନିର୍ମାଣାଧୀନ ଉଚ୍ଚ ପାଣିଟାଙ୍କୀ । ଏହା ଏକ ପାର୍ଶ୍ୱକୁ ଢଳି ରହିଥିବା ସ୍ପଷ୍ଟ ବାରି ହୋଇ ପଡୁଛି । ଯଦି ଏହି ଟାଙ୍କୀରେ ହଜାର ହଜାର ଲିଟର ପାଣି ଭର୍ତ୍ତି କରାଯାଏ, ତେବେ ଏହାର ଭାର ସହି ନପାରି ଏହା କେଉଁ ମୁହୂର୍ତ୍ତରେ ଭୁଶୁଡ଼ି ପଡ଼ିବ, ତାହା କେହି କହିପାରିବେ ନାହିଁ । ଏହା କଣ କେବଳ ଅବହେଳା ନା ଜନସାଧାରଣଙ୍କ ଜୀବନ ସହ ଖେଳ ବୋଲି ସଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ପାଚେରି କାମ ସରିନି, କିନ୍ତୁ ବିଭିନ୍ନ ସ୍ଥାନରେ ବଡ଼ବଡ଼ ଫାଟ ସୃଷ୍ଟି ହେଲାଣି । ଆଶ୍ଚର୍ଯ୍ୟର କଥା, ଠିକାଦାର ଏହି ଫାଟକୁ ସଜାଡ଼ିବା ବଦଳରେ ସେଥିରେ ରଙ୍ଗ ମାରି ଦୁର୍ନୀତିକୁ ଲୁଚାଇବାକୁ ଚେଷ୍ଟା କରୁଥିବା ଏଠାରେ ଚର୍ଚ୍ଚାର ବିଷୟ ପାଲଟିଛି । ନୂଆ ନିର୍ମାଣରେ ଏପରି ଫାଟ ଆସିବା ସିମେଣ୍ଟ ଓ ବାଲିର ଅନୁପାତରେ ବ୍ୟାପକ ହେରଫେରକୁ ସୂଚାଉଛି । ଇଟୁଆ ଏକ ବନ୍ୟା ପ୍ରବଣ ଅଞ୍ଚଳ । ଯେଉଁ ପାଚେରି ସାମାନ୍ୟ ପବନରେ ଫାଟି ଯାଉଛି, ତାହା ପ୍ରଳୟଙ୍କରୀ ବନ୍ୟା ସ୍ରୋତକୁ କେମିତି ସହିବ ? କାର୍ଯ୍ୟ ଅବଧି ସରିଯାଇଥିଲେ ମଧ୍ୟ କାମ ଅତି କଚ୍ଛପ ଗତିରେ ଚାଲିଛି । ସ୍ଥାନୀୟ ଲୋକଙ୍କ ଅଭିଯୋଗକୁ ବିଭାଗୀୟ ଯନ୍ତ୍ରୀ ଫୁ' କରି ଉଡ଼ାଇ ଦେବା ସହ 'ସବୁ ଠିକ୍ ଅଛି କହିବା ଅନେକ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଯନ୍ତ୍ରୀ କେଉଁ ସୁବିଧାରେ ଏପରି ନିମ୍ନମାନର କାମକୁ ସାର୍ଟିଫିକେଟ ଦେଉଛନ୍ତି, ତାହା ତଦନ୍ତ ସାପେକ୍ଷ । ଭଦ୍ରକ ଜିଲ୍ଲାପାଳ ଏବଂ ପଞ୍ଚାୟତ ରାଜ ବିଭାଗର ଉଚ୍ଚପଦସ୍ଥ ଅଧିକାରୀମାନେ ତୁରନ୍ତ ଏହି ସ୍ଥାନ ପରିଦର୍ଶନ କରିବା ସହ ନିର୍ମାଣ କାର୍ଯ୍ୟର ମାନ ଯାଞ୍ଚ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।



**ସରସ୍ୱତୀ ଶିଶୁ ମନ୍ଦିର, ପଲ୍ଲୀହାଟ, ଖୋର୍ଦ୍ଧା-୭୫୨୦୫୦**
(ଓଡ଼ିଶା ସରକାରଙ୍କ ଦ୍ୱାରା ସ୍ୱୀକୃତୀପ୍ରାପ୍ତ ଓ ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କ ସହବନ୍ଧିତ)
**ନାମଲେଖା ବିଜ୍ଞାପନ**
ଏତଦ୍ୱାରା ସର୍ବସାଧାରଣଙ୍କ ଗୋଚରାର୍ଥେ ଜଣାଇ ଦିଆଯାଉଅଛି କି ଆମ୍ଭ ଅନୁଷ୍ଠାନରେ ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ରାଜ୍ୟ ସରକାରଙ୍କର website- https://rteparadarshi.odisha.gov.in ରେ ନୂତନ ନାମଲେଖନ ପାଇଁ ତା.୨୨.୦୨.୨୦୨୬ ରୁ ୨୦.୦୩.୨୦୨୬ ରିଖ ମଧ୍ୟରେ ଅନ୍ ଲାଇନ୍ ରେ ଆବେଦନ କରିପାରିବେ । ଏହାର ଯାଞ୍ଚ କରିବା ଶେଷ ତାରିଖ ୨୦.୦୩.୨୦୨୬ ରଖାଯାଇଛି । ପ୍ରଥମ ପର୍ଯ୍ୟାୟ ନାମଲେଖା ସମ୍ପୂର୍ଣ୍ଣ ହେବାପରେ ଖାଲିଥିବା ସିଟରେ ଦ୍ୱିତୀୟ ପର୍ଯ୍ୟାୟ ଚୟନ ନିମନ୍ତେ ଆବେଦନ କରିବାର ସମୟ ୧୦.୦୪.୨୦୨୬ ରୁ ୨୪.୦୪.୨୦୨୬ ଏବଂ ଆବେଦନ ଯାଞ୍ଚ କରିବା ଶେଷ ତାରିଖ ୨୪.୦୪.୨୦୨୬ ରଖାଯାଇଛି । ସରକାରଙ୍କ ଶିକ୍ଷା ଅଧିକାର ଅଧିନିୟମ-୨୦୦୯ ଅନୁଯାୟୀ ପ୍ରଥମ ଶ୍ରେଣୀରେ ପ୍ରବେଶ କ୍ଷମତାର ୨୫% ସ୍ଥାନ ଅନୁସୂଚିତ ଜାତି, ଜନଜାତି, ସାମାଜିକ ଓ ଶିକ୍ଷାଗତ ଅନଗ୍ରସର, ଭିନ୍ନକ୍ଷମ, ଏଚଆଇଭି ଆକ୍ରାନ୍ତ ମାତାପିତାଙ୍କ ଶିଶୁ, ପଥପ୍ରାନ୍ତ ଶିଶୁ ତଥା ନିର୍ମାଣ ଶ୍ରମିକଙ୍କ ଶିଶୁମାନଙ୍କର ବେସରକାରୀ ବିଦ୍ୟାଳୟ ଗୁଡିକରେ ନିଃଶୁଳ୍କ ଶିକ୍ଷା ନିମନ୍ତେ ସଂରକ୍ଷିତ ରହିଛି । ସରକାରୀ ନିର୍ଦ୍ଦେଶ ଅନୁଯାୟୀ ଆଗ୍ରହୀ ଛାତ୍ରଛାତ୍ରୀ ଓ ଅଭିଭାବକ ଓଡ଼ିଶାସରକାର website- https://rteparadarshi.odisha.gov.in ପରିଦର୍ଶନ କରି ନିର୍ଦ୍ଧାରିତ ସମୟ ମଧ୍ୟରେ ଅନ୍‌ଲାଇନ୍‌ରେ ନାମ ପଞ୍ଜିକରଣ କରି ଏହି ସୁବିଧା ହାସଲ କରିପାରିବେ । ଏ ସମ୍ପର୍କରେ ଅଧିକ ସୂଚନା ଆବଶ୍ୟକ କରୁଥିଲେ ଆମ ବିଦ୍ୟାଳୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରିବା ପାଇଁ ଅନୁରୋଧ ।
ମୋବାଇଲ ନଂ- ୯୩୩୭୭୫୭୭୦୬
ସ୍ୱା/- ପ୍ରଧାନ ଆଚାର୍ଯ୍ୟ

**ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ପଥୁରୀପଡା, ଥାନା-ବାଙ୍କୀ, ଜି-କଟକ, ପିନ୍-୭୫୪୦୦୮**
(ଓଡ଼ିଶା ସରକାରଙ୍କ ଦ୍ୱାରା ସ୍ୱୀକୃତୀପ୍ରାପ୍ତ ଓ ଭାରତୀୟ ଶିକ୍ଷା ବିକାଶ ସମିତି ଦ୍ୱାରା ସହବନ୍ଧିତ).
**ନାମଲେଖା ବିଜ୍ଞାପନ**
ଏତଦ୍ୱାରା ସର୍ବସାଧାରଣଙ୍କ ଗୋଚରାର୍ଥେ ଜଣାଇ ଦିଆଯାଉଅଛି କି ଆମ୍ଭ ଅନୁଷ୍ଠାନରେ ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ରାଜ୍ୟ ସରକାରଙ୍କର website- https://rteparadarshi.odisha.gov.in ରେ ନୂତନ ନାମଲେଖନ ପାଇଁ ତା.୨୨.୦୨.୨୦୨୬ ରୁ ୨୦.୦୩.୨୦୨୬ ରିଖ ମଧ୍ୟରେ ଅନ୍ ଲାଇନ୍ ରେ ଆବେଦନ କରିପାରିବେ । ଏହାର ଯାଞ୍ଚ କରିବା ଶେଷ ତାରିଖ ୨୦.୦୩.୨୦୨୬ ରଖାଯାଇଛି । ପ୍ରଥମ ପର୍ଯ୍ୟାୟ ନାମଲେଖା ସମ୍ପୂର୍ଣ୍ଣ ହେବାପରେ ଖାଲିଥିବା ସିଟରେ ଦ୍ୱିତୀୟ ପର୍ଯ୍ୟାୟ ଚୟନ ନିମନ୍ତେ ଆବେଦନ କରିବାର ସମୟ ୧୦.୦୪.୨୦୨୬ ରୁ ୨୪.୦୪.୨୦୨୬ ଏବଂ ଆବେଦନ ଯାଞ୍ଚ କରିବା ଶେଷ ତାରିଖ ୨୪.୦୪.୨୦୨୬ ରଖାଯାଇଛି । ସରକାରଙ୍କ ଶିକ୍ଷା ଅଧିକାର ଅଧିନିୟମ-୨୦୦୯ ଅନୁଯାୟୀ ପ୍ରଥମ ଶ୍ରେଣୀରେ ପ୍ରବେଶ କ୍ଷମତାର ୨୫% ସ୍ଥାନ ଅନୁସୂଚିତ ଜାତି, ଜନଜାତି, ସାମାଜିକ ଓ ଶିକ୍ଷାଗତ ଅନଗ୍ରସର, ଭିନ୍ନକ୍ଷମ, ଏଚଆଇଭି ଆକ୍ରାନ୍ତ ମାତାପିତାଙ୍କ ଶିଶୁ, ପଥପ୍ରାନ୍ତ ଶିଶୁ ତଥା ନିର୍ମାଣ ଶ୍ରମିକଙ୍କ ଶିଶୁମାନଙ୍କର ବେସରକାରୀ ବିଦ୍ୟାଳୟ ଗୁଡିକରେ ନିଃଶୁଳ୍କ ଶିକ୍ଷା ନିମନ୍ତେ ସଂରକ୍ଷିତ ରହିଛି । ସରକାରୀ ନିର୍ଦ୍ଦେଶ ଅନୁଯାୟୀ ଆଗ୍ରହୀ ଛାତ୍ରଛାତ୍ରୀ ଓ ଅଭିଭାବକ ଓଡ଼ିଶାସରକାର website- https://rteparadarshi.odisha.gov.in ପରିଦର୍ଶନ କରି ନିର୍ଦ୍ଧାରିତ ସମୟ ମଧ୍ୟରେ ଅନ୍‌ଲାଇନ୍‌ରେ ନାମ ପଞ୍ଜିକରଣ କରି ଏହି ସୁବିଧା ହାସଲ କରିପାରିବେ । ଏ ସମ୍ପର୍କରେ ଅଧିକ ସୂଚନା ଆବଶ୍ୟକ କରୁଥିଲେ ଆମ ବିଦ୍ୟାଳୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରିବା ପାଇଁ ଅନୁରୋଧ । ମୋବାଇଲ ନଂ- ୯୩୩୭୩୪୦୬୭୬
ପ୍ରଧାନ ଆଚାର୍ଯ୍ୟ / ସମ୍ପାଦକ

**ସରସ୍ୱତୀ ଶିଶୁ ମନ୍ଦିର**
**ବ୍ରହ୍ମପୁରା, କିଆପଲ୍ଲୀ, ବାଙ୍କୀ, କଟକ**
(ଓଡ଼ିଶା ସରକାରଙ୍କ ଦ୍ୱାରା ସ୍ୱୀକୃତୀପ୍ରାପ୍ତ ଓ ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କ ହବନ୍ଧିତ)
**ନାମଲେଖା ବିଜ୍ଞାପନ**
ଏତଦ୍ୱାରା ସର୍ବସାଧାରଣଙ୍କ ଗୋଚରାର୍ଥେ ଜଣାଇ ଦିଆଯାଉଅଛି କି ଆମ୍ଭ ଅନୁଷ୍ଠାନରେ ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ରାଜ୍ୟ ସରକାରଙ୍କର website- https://rteparadarshi.odisha.gov.in ରେ ନୂତନ ନାମଲେଖନ ପାଇଁ ତା.୨୨.୦୨.୨୦୨୬ ରୁ ୨୦.୦୩.୨୦୨୬ ରିଖ ମଧ୍ୟରେ ଅନ୍ ଲାଇନ୍ ରେ ଆବେଦନ କରିପାରିବେ । ଏହାର ଯାଞ୍ଚ କରିବା ଶେଷ ତାରିଖ ୨୦.୦୩.୨୦୨୬ ରଖାଯାଇଛି । ପ୍ରଥମ ପର୍ଯ୍ୟାୟ ନାମଲେଖା ସମ୍ପୂର୍ଣ୍ଣ ହେବାପରେ ଖାଲିଥିବା ସିଟରେ ଦ୍ୱିତୀୟ ପର୍ଯ୍ୟାୟ ଚୟନ ନିମନ୍ତେ ଆବେଦନ କରିବାର ସମୟ ୧୦.୦୪.୨୦୨୬ ରୁ ୨୪.୦୪.୨୦୨୬ ଏବଂ ଆବେଦନ ଯାଞ୍ଚ କରିବା ଶେଷ ତାରିଖ ୨୪.୦୪.୨୦୨୬ ରଖାଯାଇଛି । ସରକାରଙ୍କ ଶିକ୍ଷା ଅଧିକାର ଅଧିନିୟମ-୨୦୦୯ ଅନୁଯାୟୀ ପ୍ରଥମ ଶ୍ରେଣୀରେ ପ୍ରବେଶ କ୍ଷମତାର ୨୫% ସ୍ଥାନ ଅନୁସୂଚିତ ଜାତି, ଜନଜାତି, ସାମାଜିକ ଓ ଶିକ୍ଷାଗତ ଅନଗ୍ରସର, ଭିନ୍ନକ୍ଷମ, ଏଚଆଇଭି ଆକ୍ରାନ୍ତ ମାତାପିତାଙ୍କ ଶିଶୁ, ପଥପ୍ରାନ୍ତ ଶିଶୁ ତଥା ନିର୍ମାଣ ଶ୍ରମିକଙ୍କ ଶିଶୁମାନଙ୍କର ବେସରକାରୀ ବିଦ୍ୟାଳୟ ଗୁଡିକରେ ନିଃଶୁଳ୍କ ଶିକ୍ଷା ନିମନ୍ତେ ସଂରକ୍ଷିତ ରହିଛି । ସରକାରୀ ନିର୍ଦ୍ଦେଶ ଅନୁଯାୟୀ ଆଗ୍ରହୀ ଛାତ୍ରଛାତ୍ରୀ ଓ ଅଭିଭାବକ ଓଡ଼ିଶାସରକାର website- https://rteparadarshi.odisha.gov.in ପରିଦର୍ଶନ କରି ନିର୍ଦ୍ଧାରିତ ସମୟ ମଧ୍ୟରେ ଅନ୍‌ଲାଇନ୍‌ରେ ନାମ ପଞ୍ଜିକରଣ କରି ଏହି ସୁବିଧା ହାସଲ କରିପାରିବେ । ଏ ସମ୍ପର୍କରେ ଅଧିକ ସୂଚନା ଆବଶ୍ୟକ କରୁଥିଲେ ଆମ ବିଦ୍ୟାଳୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରିବା ପାଇଁ ଅନୁରୋଧ । ମୋବାଇଲ ନଂ-୯୧୭୮୩୧୧୮୦
ସ୍ୱା/- ତୃପ୍ତିମୟୀ ପଟ୍ଟନାୟକ
ପ୍ରଧାନ ଆଚାର୍ଯ୍ୟ

**ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର**
**ନୀଳକଣ୍ଠ ନଗର (ଚୂଡଙ୍ଗ ସାହି), ପୁରୀ**
(ଓଡ଼ିଶା ସରକାରଙ୍କ ଦ୍ୱାରା ସ୍ୱୀକୃତୀପ୍ରାପ୍ତ ଓ ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କ ସହବନ୍ଧିତ)
**ନାମଲେଖା ବିଜ୍ଞାପନ**
ଏତଦ୍ୱାରା ସର୍ବସାଧାରଣଙ୍କ ଗୋଚରାର୍ଥେ ଜଣାଇ ଦିଆଯାଉଅଛି କି ଆମ୍ଭ ଅନୁଷ୍ଠାନରେ ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ନୂତନ ନାମଲେଖା ତା.୦୧.୦୪.୨୦୨୬ ରିଖଠାରୁ ଆରମ୍ଭ ହେବ । ଆଗ୍ରହୀ ଛାତ୍ରଛାତ୍ରୀ ଓ ଅଭିଭାବକ ତା.୧୩.୦୨.୨୦୨୬ ରିଖ ଠାରୁ ତା.୧୬.୦୩.୨୦୨୬ ରିଖ ମଧ୍ୟରେ ଅନ୍ ଲାଇନ୍ ନିମ୍ନ ୱେବ୍‌ସାଇଟ୍‌କୁ ଯାଇ ଆବେଦନ କରିପାରିବେ । ସରକାରଙ୍କ ଶିକ୍ଷା ଅଧିକାର ଅଧିନିୟମ-୨୦୦୯ ଅନୁଯାୟୀ ପ୍ରଥମ ଶ୍ରେଣୀରେ ପ୍ରବେଶ କ୍ଷମତାର ୨୫% ସ୍ଥାନ ସୁବିଧାରୁ ବଞ୍ଚିତ ଶ୍ରେଣୀ ଓ ଆର୍ଥିକ ଦୁର୍ବଳ ଶ୍ରେଣୀ ଶିଶୁଙ୍କ ପାଇଁ ନିଃଶୁଳ୍କ ଶିକ୍ଷା ନିମନ୍ତେ ସଂରକ୍ଷିତ ରହିଛି । ସରକାରୀ ନିର୍ଦ୍ଦେଶ ଅନୁଯାୟୀ ଆଗ୍ରହୀ ଛାତ୍ରଛାତ୍ରୀ ଓ ଅଭିଭାବକ ଓଡ଼ିଶାସରକାର website- https://rteparadarshi.odisha.gov.in ପରିଦର୍ଶନ କରି ନିର୍ଦ୍ଧାରିତ ସମୟ ମଧ୍ୟରେ ଅନ୍‌ଲାଇନ୍‌ରେ ନାମ ପଞ୍ଜିକରଣ କରି ଏହି ସୁବିଧା ହାସଲ କରିପାରିବେ । ଏ ସମ୍ପର୍କରେ ଅଧିକ ସୂଚନା ଆବଶ୍ୟକ କରୁଥିଲେ ଆମ ବିଦ୍ୟାଳୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରିବା ପାଇଁ ଅନୁରୋଧ ।
ମୋବାଇଲ ନଂ- ୭୦୦୮୮୧୪୪୭୬
ସ୍ୱା/- ପ୍ରଧାନ ଆଚାର୍ଯ୍ୟ

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com
ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ
ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ